
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୮/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, July 8/2024 | Page 16 | ₹ 7.00 | RAYAGADA
୫୦ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 224 | ମୂଲ୍ୟ ₹୭/-



**ମଲ୍ଲିକାଙ୍କ ସହ ଅଭିନୟ କରିବାକୁ ଚାହୁଁଛନ୍ତି ଇମ୍ରାନ୍**
ଅଭିନେତ୍ରୀ ମଲ୍ଲିକା ଶେରାୱ୍ରତଙ୍କ ସହ ପୁଣି ଥରେ ଏକାଠି କାର୍ଯ୍ୟ କରିବାକୁ ଅଭିନେତା ଇମ୍ରାନ୍ ହାଶ୍‌ମୀ ଇଚ୍ଛା ପ୍ରକାଶ କରିଛନ୍ତି।

୧୩

୧୬

**ଅଭିଷେକଙ୍କ ଶତକ**
ଜିମ୍ବାୱ୍ରେ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଅଭିଷେକ ଶର୍ମା।



# ବଡ଼ଦାଣ୍ଡେ ମହାପ୍ରଭୁ

- ସାମିଲ ହେଲେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- ଆଜି ସକାଳ ୮ଟାରେ ପୁଣି ରଥଟଣା


**ପୁରୀ,୭।୭(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରବିବାର ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ରଥାରୂଢ଼ ହୋଇ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦି ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଏକବର୍ଷ ପରେ ବଡ଼ଦାଣ୍ଡରେ ପୁଣି ଭକ୍ତ ଓ ଭଗବାନ ଏକାକାର ହୋଇଯାଇଛନ୍ତି। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ବଡ଼ଦାଣ୍ଡ। ଦୀର୍ଘ ୫୩ ବର୍ଷ ପରେ ବିରଳ ସଂଯୋଗ କ୍ରମେ ଚଳିତବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା ପଡ଼ିଥିବାରୁ ଶ୍ରୀକ୍ଷେତ୍ର ଭକ୍ତମୟ ହୋଇପଡ଼ିଛି। ସଅଳ ନୀତିକାନ୍ତି ଯୋଗୁ ପ୍ରାୟ ୧୦ ମିନିଟ୍ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତିର ସହ ରଥକୁ ଟାଣିନେଇଥିଲେ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଘର୍ ଘର୍ ନାଦ ଦେଇ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଗଡ଼ିଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମରୀଚିକୋଟ ଛକ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ରାଜନଅର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କିଛିବାଟ ଗଡ଼ି ଶ୍ରୀମନ୍ଦିର ନିକଟରେ ଅଟକି ରହିଛି। ସୋମବାର ସକାଳ ୮ଟାରେ ପୁଣି ରଥଟଣା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରୀକ୍ଷେତ୍ରରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ କରାଯାଇଥିଲା। ଚଳିତ ବର୍ଷ ଗୋଟିଏ ଦିନରେ ମହାପ୍ରଭୁଙ୍କ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା ପଡ଼ିଥିବାରୁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଭୋର ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ଅବକାଶ ଆରମ୍ଭ ହୋଇ ୪ଟା ୩୫ରେ ଶେଷ ହୋଇଥିଲା। ୪ଟା ୪୦ରେ ଦଶ ଅବତାର ଠାକୁରଙ୍କ ବାହୁଡ଼ା ବିଜେ ଅନୁଷ୍ଠିତ ହୋଇଥିଲା। ତାଟିଫିଟା ୫ଟା ୧୫, ଦଇତାପତି ବନ୍ଦାପନା ସକାଳ ୬ଟା ୧୦, ନେତ୍ରୋତ୍ସବ ବନ୍ଦାପନା ୬ଟା ୩୦, ରାଜନୀତି ବନ୍ଦାପନା ୬ଟା ୪୫, ରୋଷ ହୋମ ୬ଟା ୫୫, ଯାତ୍ରାଙ୍ଗୀ ମହାସ୍ନାନ ୮ଟା ୨୦, ମଇଲମ ୮ଟା ୨୫, ଘଣ୍ଟ ଛତା ସର୍ବାଙ୍ଗ ☞ପୃଷ୍ଠା-୪



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)




# ରଥଯାତ୍ରାରେ ଠେଲାପେଲା: ଜଣେ ମୃତ

**ପୁରୀ, ୭।୭(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ରବିବାର ଅଘଟଣ ଘଟିଛି। ରଥ ଟଣାବେଳେ ଠେଲାପେଲା ଯୋଗୁ ଅଣନିଃଶ୍ୱାସୀ ହୋଇ ଜଣେ ଭକ୍ତଙ୍କ ଜୀବନ ଯାଇଛି। ଭକ୍ତ ଜଣକ ବଲାଙ୍ଗୀର ଜିଲା ସଇଁତଳାର ଲଳିତ ବଗର୍ତ୍ତି ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଠେଲାପେଲା ଯୋଗୁ ୩୦ରୁ ଅଧିକ ଭକ୍ତ ଆହତ ହୋଇଥିବା କୁହାଯାଉଥିବାବେଳେ ପ୍ରକୃତପକ୍ଷେ କେତେଜଣ ଆହତ ହୋଇଛନ୍ତି, ସେନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

ପ୍ରକାଶ ଯେ, ୫୩ବର୍ଷ ପରେ ଚଳିତ ଥର ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଗୁଣ୍ଡିଚାଯାତ୍ରା ପଡ଼ିଥିବାରୁ ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ରଥ ଟଣା ୫ଟାରେ ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ହୋଇଥିଲା। ରଥଟଣା ସମୟରେ ହିନ୍ଦୀ ସ୍କୁଲ ନିକଟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଅନେକ ଭକ୍ତ ତଳେ ପଡ଼ିଯିବା ସହ କେତେଜଣ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେହିପରି କେତେଜଣଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୧୫ରୁ ଊର୍ଦ୍ଧ୍ୱ ଆହତ ଏଠାରେ ଚିକିତ୍ସାଧୀନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ☞ପୃଷ୍ଠା-୪

## ଆଜି ଏନ୍‌ଇଇଟି (ୟୁଜି) ସୁପ୍ରିମ୍‌କୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ,୭।୭(ପି.ଟି.)**

ପ୍ରଶ୍ନପତ୍ର ଲିକ୍, ଅସାଧୁ ଉପାୟ ଅବଲମ୍ବନ ସମେତ ବିଭିନ୍ନ ଅନିୟମିତତାକୁ ନେଇ ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ବାତିଲ ଓ ସାନି ପରୀକ୍ଷା କରାଇବା ଲାଗି ନିର୍ଦ୍ଦେଶ ଦେବାକୁ ନିବେଦନ କରି ସୁପ୍ରିମକୋର୍ଟରେ ଦାଏର ୩୮ଟି ପିଟିଶନ୍‌ର ଶୁଣାଣି ସୋମବାର ଅନୁଷ୍ଠିତ ହେବାକୁ ଯାଉଛି। ତେବେ ବଡ଼ ଧରଣର ଅନିୟମିତତା ହୋଇଥିବାର ପ୍ରମାଣ ନ ଥିବାରୁ ପରୀକ୍ଷାକୁ ବାତିଲ ☞ପୃଷ୍ଠା-୪

## ବସ୍‌ରୁ ୨.୮୯ କୋଟିର ସୁନା ଜବତ

**୨ ଜଣଙ୍କୁ ଗିରଫ କଲା ଡିଆର୍‌ଆଇ**

**ଭୁବନେଶ୍ୱର,୭।୭(ସତ୍ୟଜିତ୍ ରାଉତ)**

ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ପକ୍ଷରୁ ଓଡ଼ିଶାରେ ଚଢ଼ାଉ କରାଯାଇ ୨ କୋଟି ୮୯ ଲକ୍ଷ ୯୦ ହଜାର ୭୮୯ ଟଙ୍କାର ବିଦେଶୀ ସୁନା ଜବତ କରାଯାଇଛି। ଏଥିମଧ୍ୟରେ ୩ କେଜି ୯୮୨ ଗ୍ରାମର ୧୨ଟି ସୁନା ବିସ୍କୁଟ ଓ ଦୁଇଟି ଫାଳ ସୁନା ବିସ୍କୁଟ ରହିଛି। ଏହି ମାମଲାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆମେରିକାରେ ବନ୍ଧୁକ**



## ସଂକ୍ଷେପରେ

### ଏଚ୍‌ଆଇଭି ସଂକ୍ରମଣରୁ ରକ୍ଷା କରିବ ଲେନାକାପାଭିର୍ ଇଞ୍ଜେକ୍ସନ

କେପ୍ ଟାଉନ୍,୭।୭

ଏଚ୍‌ଆଇଭି ସଂକ୍ରମଣରୁ ସୁରକ୍ଷା ପାଇଁ ଏକ ନୂଆ ଇଞ୍ଜେକଶନ୍‌ର ବହୁଳ କ୍ଲିନିକାଲ୍ ପରୀକ୍ଷା ଦକ୍ଷିଣ ଆଫ୍ରିକା ଏବଂ ଉଗାଣ୍ଡାରେ କରାଯାଇଛି। ନୂଆ ପ୍ରି-ଏକ୍ସପୋଜର ପ୍ରୋଫିଲାକ୍ସିସ୍ ଇଞ୍ଜେକ୍‌ଶନ ଲେନାକାପାଭିର୍ ବର୍ଷକୁ ୨ ଥର ନେଲେ ଯୁବତୀମାନଙ୍କୁ ଏଚ୍‌ଆଇଭି ସଂକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବ ବୋଲି ଏହି ପରୀକ୍ଷାରୁ ଜଣାପଡ଼ିଛି। ପୂର୍ବରୁ ଥିବା ଅନ୍ୟ ଦୁଇଟି ଔଷଧ ଏବଂ ଦୈନିକ ବ୍ୟବହାର କରାଯାଉଥିବା ବଟିକା ତୁଳନାରେ ନୂତନ ଭାବେ ପ୍ରସ୍ତୁତ ଲେନାକାପାଭିର୍ ଇଞ୍ଜେକ୍‌ଶନ ୧୦୦ ପ୍ରତିଶତ ସୁରକ୍ଷା ଦେଇପାରିବ ବୋଲି ଦକ୍ଷିଣ ଆଫ୍ରିକାରେ ହେଉଥିବା ଅଧ୍ୟୟନର ପ୍ରମୁଖ ଅନୁଧ୍ୟାନକାରୀ ଫିଜିସିଆନ୍ ତଥା ବୈଜ୍ଞାନିକ ଲିଣ୍ଡା-ଗେଲ୍ ବେକର କହିଛନ୍ତି। ଉଗାଣ୍ଡାର ୩ଟି ସ୍ଥାନ ଏବଂ ଦକ୍ଷିଣ ଆଫ୍ରିକାର ୨୫ଟି ସ୍ଥାନରେ କରାଯାଇଥିବା କ୍ଲିନିକାଲ ଟ୍ରାଏଲ୍‌ରେ ୫,୦୦୦ ଲୋକ ସାମିଲ ହୋଇଥିଲେ।

### କେରଳର ସୋଜନ୍ ଯୋଶେଫ ବ୍ରିଟେନ୍‌ର ନୂଆ ଏମ୍‌ପି

ଲଣ୍ଡନ, ୭।୭

ଚଳିତ ବ୍ରିଟେନ୍ ନିର୍ବାଚନରେ କେରଳରେ ଜନ୍ମିତ ସୋଜନ୍ ଯୋଶେଫ(୪୯) ଲେବର ପାର୍ଟିରୁ ନୂତନ ଏମ୍‌ପି ଭାବେ ନିର୍ବାଚିତ ହୋଇ ହାଉସ୍ ଅଫ୍ କମନ୍ସର ସଦସ୍ୟ ହୋଇପାରିଛନ୍ତି। ୨୨ ବର୍ଷ ତଳେ ଭାରତ ଛାଡ଼ି ବ୍ରିଟେନ୍‌ରେ ବସବାସ କରିଥିବା



ସୋଜନ୍ ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍‌ଏଚ୍‌ଏସ୍)ରେ ଜଣେ ମାନସିକ ସ୍ୱାସ୍ଥ୍ୟ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ସେ କଞ୍ଜରଭେଟିଭ୍ ପାର୍ଟିର ଗଡ଼ କୁହାଯାଉଥିବା ଦକ୍ଷିଣ-ପୂର୍ବ ଇଂଲଣ୍ଡର ଅଶଫୋର୍ଡ ଆସନରୁ ପୂର୍ବତନ ମନ୍ତ୍ରୀ ଡାମିଆନ୍ ଗ୍ରୀନ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ଅବସରରେ ଅଶଫୋର୍ଡବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସେ କଠିନ ପରିଶ୍ରମ କରିବେ ବୋଲି ସୋଜନ୍ କହିଛନ୍ତି।

### ବର୍ଷାରେ ଫସିଥିବା ୬୫ ଜଣଙ୍କୁ ଉଦ୍ଧାର କଲା ଏନ୍‌ଡିଆର୍‌ଏଫ୍

ମୁମ୍ବାଇ,୭।୭

ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ରର ଠାଣେ ଏବଂ ପାଲ୍‌ଘର ଜିଲାରେ ପାଣିଘେରରେ ରହିଯାଇଥିବା ୬୫ ଜଣଙ୍କୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ରବିବାର ଉଦ୍ଧାର କରିଛି। ଠାଣେର ଶାହପୁର ଅଞ୍ଚଳ ଜଳାର୍ଣ୍ଣବ ହୋଇଯିବାରୁ ୪୯ ଜଣ ଏକ ରିସର୍ଟରେ ଅଟକି ରହିଥିଲେ। ଏନ୍‌ଡିଆର୍‌ଏଫ୍ ଟିମ୍ ବୋଟ୍ ଏବଂ ଲାଇଫ୍ ଜାକେଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର କରିଛି। ସେହିପରି ପାଲ୍‌ଘର ଜିଲାରେ ଫସିଥିବା ୧୬ ଜଣ ଲୋକଙ୍କୁ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ କର୍ମଚାରୀମାନେ ରବିବାର ଅପରାହ୍ନରେ ଉଦ୍ଧାର କରିଛନ୍ତି। ସେମାନେ ଜମିରେ କାମ କରୁଥିବାବେଳେ ବନ୍ୟା ଜଳ ମାଡ଼ିଆସିବାରୁ ପାଣିଘେରରେ ରହିଯାଇଥିଲେ।

# ଜୋର୍ଡନ ବାର୍ଡେଲା ହେବେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ



ଫ୍ରାନ୍ସ ନାଗରିକମାନେ ରବିବାର ମତଦାନ କରୁଛନ୍ତି। ଏହି ନିର୍ବାଚନର ଫଳାଫଳ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍‌ରଁଙ୍କ ଦଳ ରିନେସା ପାଇଁ ବିପର୍ଯ୍ୟୟ ଆଣିପାରେ। ଏଥିସହ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ କ୍ଷମତାରୁ ଦୂରେଇଥିବା କଠୋରପନ୍ଥୀ ନ୍ୟାଶନାଲ ରାଲିକୁ ସରକାର ଗଠନର ସୁଯୋଗ ଦେଇପାରେ। ଏହି ଅପ୍ରବାସନ ନିରୋଧୀ ଦଳର ମୁଖ୍ୟ ମରିନ୍ ଲି ପେନ୍ ବିପୁଳ ବିଜୟ ନେଇ ଆଶାବ୍ୟକ୍ତ କରିଛନ୍ତି। ଏହାକୁ ଫ୍ରାନ୍ସର ପରିଚୟ ଓ ମୂଲ୍ୟବୋଧର ଲଢ଼େଇ ବୋଲି କୁହାଯାଉଛି। ଲି ପେନ୍‌ଙ୍କ ନ୍ୟାଶନାଲ ରାଲି ବହୁମତ ପାଇଲେ ୨୮ ବର୍ଷୀୟ ଜୋର୍ଡନ ବାର୍ଡେଲା ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବେ।

ମରିନ୍ ଲି ପେନ୍ ପେସାରେ ଜଣେ ଆଇନଜୀବୀ। ସେ ୨୦୧୨, ୨୦୧୭ ଓ ୨୦୨୨ରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିଥିଲେ। ଲି ପେନ୍ ୨୦୧୧ରୁ ୨୦୨୧ ପର୍ଯ୍ୟନ୍ତ ନ୍ୟାଶନାଲ ରାଲିର ଅଧ୍ୟକ୍ଷା ଥିଲେ।

୧୯୯୫ ସେପ୍ଟେମ୍ବର ୧୩ରେ ଜନ୍ମିତ ଜୋର୍ଡନ ବର୍ଡେଲା ୨୦୨୨ରୁ ନ୍ୟାଶନାଲ ରାଲିର ଅଧ୍ୟକ୍ଷ ଅଛନ୍ତି। ସେ ୨୦୧୯ରୁ ୟୁରୋପୀୟ ପାର୍ଲାମେଣ୍ଟର ମଧ୍ୟ ଜଣେ ସଦସ୍ୟ ରହିଛନ୍ତି।

ପ୍ୟାରିସ୍,୭।୭

ଫ୍ରାନ୍ସ ପାର୍ଲାମେଣ୍ଟର ନିମ୍ନ ସଦନ ନ୍ୟାଶନାଲ ଆସେମ୍ବ୍ଲି ସଦସ୍ୟଙ୍କ ସଂଖ୍ୟା ୫୭୭ ହୋଇଥିବାବେଳେ ମ୍ୟାଜିକ୍ ନମ୍ବର ହେଉଛି ୨୮୯। ସମସ୍ତ ୫୭୭ ଆସନ ପାଇଁ ଜୁନ୍ ୩୦ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯାଇଛି। ୪୯ ନିୟୁତରୁ ଅଧିକାଂଶ ଯୋଗ୍ୟ ଭୋଟର ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଦେଶର ପ୍ରଥମ ପର୍ଯ୍ୟାୟ ଏବଂ ଜୁନ୍ ୯ରେ ଅନୁଷ୍ଠିତ ୟୁରୋପୀୟ ନିର୍ବାଚନରେ ମେରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ରାଲି ଭଲ ପ୍ରଦର୍ଶନ କରିଛି। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଦଳର ସଫଳତାକୁ ନେଇ ଏହି ୫୫ ବର୍ଷୀୟା ନେତ୍ରୀ ଆଶାବାଦୀ। ତେବେ ତାଙ୍କ ଦଳକୁ ସଂଖ୍ୟାଗରିଷ୍ଠତା ହାସଲ ସହ ସରକାରକୁ ପୂର୍ଣ୍ଣ ନିୟନ୍ତ୍ରଣରୁ ଅଟକାଇବା ପାଇଁ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍‌ରଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବାମପନ୍ଥୀଙ୍କ ନ୍ୟୁ ପପୁଲାର ଫ୍ରଣ୍ଟ ମେଣ୍ଟ ଏବଂ ମାକ୍‌ରଁଙ୍କ ରିନେସାଙ୍କ ଉଦ୍ୟମ ସତ୍ତ୍ୱେ ନ୍ୟାଶନାଲ ରାଲି ସଂଖ୍ୟାଗରିଷ୍ଠତା ହାସଲ କରିପାରେ। ଅନ୍ୟପକ୍ଷେ କେତେଜଣ ବିଶ୍ଳେଷକଙ୍କ ମତରେ ଝୁଲା ପାର୍ଲାମେଣ୍ଟ ସ୍ଥିତିରେ ଲି ପେନ୍‌ଙ୍କୁ ଆଉ କେତେକ ଛୋଟ ଦଳର ସମର୍ଥନ ହାସଲ କରିବାକୁ ପଡ଼ିବ। ଲି ପେନ୍‌ଙ୍କ ପାର୍ଟି କ୍ଷମତାକୁ ଆସିଲେ ଜୋର୍ଡନ ବାର୍ଡେଲା ଦେଶର ସବୁଠୁ କନିଷ୍ଠ ପ୍ରଧାନମନ୍ତ୍ରୀ ହେବେ। ଏପରି ହେଲେ ମାକ୍‌ରଁ ଏକତରଫା କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଆଣବିକ ଅସ୍ତ୍ର ସମ୍ପନ୍ନ ଫ୍ରାନ୍ସର ୟୁକ୍ରେନ୍ ଯୁଦ୍ଧ ନୀତି, ବୈଶ୍ୱିକ କୂଟନୀତି ଓ ୟୁରୋପର ଆର୍ଥିକ ସ୍ଥିରତା ପ୍ରଭାବିତ ହୋଇପାରେ। ଲି ପେନ୍‌ଙ୍କ ଦଳ ରାଷ୍ଟ୍ରପତି ଭାବେ ମାକ୍‌ରଁଙ୍କ ଅବଶିଷ୍ଟ ୩ ବର୍ଷର କାର୍ଯ୍ୟକାଳରେ ଅଡୁଆ ସାଜିପାରେ। ଏଥିଲାଗି ମାକ୍‌ରଁଙ୍କ ଚିନ୍ତା ବଢ଼ିଯାଇଛି।

➡ଫ୍ରାନ୍ସ ନିର୍ବାଚନ ପ୍ରଚାରକୁ ହିଂସା ଓ ବର୍ଣ୍ଣବୈଷମ୍ୟ ବହୁଳ ପ୍ରଭାବିତ କରିଛି। ରୁଷିଆର ସାଇବର କ୍ୟାମ୍ପେନ୍ ଚାଲିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।

➡ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ଶନିବାର ସ୍ଥାନୀୟ ସମୟ ସକାଳ ୮ଟାରେ ଆରମ୍ଭ ହୋଇ ରାତି ୮ଟାରେ ଶେଷ ହୋଇଥିଲା। ସୁରୁଖୁରୁରେ ଭୋଟ ଗ୍ରହଣ ପାଇଁ ସରକାର ୩୦,୦୦୦ ପୋଲିସ କର୍ମଚାରୀଙ୍କୁ ମୁତୟନ କରିଥିଲେ।

➡ମାକ୍‌ରଁ ଲା ଟୋକ୍ୱେଟ୍‌ସ୍ଥିତ ଏକ ବୁଥ୍‌ରେ ମତଦାନ କରିଥିବାବେଳେ ଲି ପେନ୍ ଗତ ସପ୍ତାହରେ ନିଜ ଜିଲାରେ ଜିତିବା ପରେ ଭୋଟ ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ ପ୍ୟାରିସ୍ ଉପକଣ୍ଠ ଭନ୍‌ଭେସ୍‌ରେ ମତାଧିକାର ସାବ୍ୟସ୍ତ କରିଛନ୍ତି।

➡ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ୭୬ ଅନ୍ୟ ପ୍ରାର୍ଥୀ ନିଜ ଆସନ ସୁରକ୍ଷିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୯ ଜଣ ନ୍ୟାଶନାଲ ରାଲିର ହୋଇଥିବାବେଳେ ୩୨ ପ୍ରାର୍ଥୀ ବାମପନ୍ଥୀ ନ୍ୟୁ ପପୁଲାର ଫ୍ରଣ୍ଟ ମେଣ୍ଟର। ପ୍ରଥମ ପର୍ଯ୍ୟାୟରେ ଅନ୍ୟ ୨ ପ୍ରାର୍ଥୀ ମାକ୍‌ରଁଙ୍କ ରିନେସାର ବିଜୟୀ ହୋଇଛନ୍ତି।

➡ରାଷ୍ଟ୍ରପତି ମାକ୍‌ରଁ ଗତମାସରେ ପାର୍ଲାମେଣ୍ଟକୁ ଭଙ୍ଗକରି ତରବରିଆ ଭାବେ ବଡ଼ ଚ୍ୟାଲେଞ୍ଜ ନେଇଥିଲେ। ଏହାର ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିପାରେ ବୋଲି କୁହାଯାଉଛି।

## ଫ୍ରାନ୍ସ ନିର୍ବାଚନ ଚିନ୍ତାରେ ମାକ୍‌ରଁ





ନୂଆଦିଲ୍ଲୀର ହାଉଜ୍ ଖାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା।

## ବିଷ ଡବା ଖୋଲିବାରୁ ଦଳାଚକଟା: ଭୋଲେ ବାବାଙ୍କ ଓକିଲ ଏ.ପି. ସିଂ

ନୂଆଦିଲ୍ଲୀ,୭।୭(ପି.ଟି.)

ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାରେ ଗତ ମଙ୍ଗଳବାର ଘଟିଥିବା ଦଳାଚକଟା ଏକ ଦୁର୍ଘଟଣା ନୁହେଁ ବରଂ ଷଡ଼ଯନ୍ତ୍ର ଥିଲା ବୋଲି ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଭୋଲେ ବାବାଙ୍କ ଓକିଲ ଏ.ପି. ସିଂ ରବିବାର ଅଭିଯୋଗ କରିଛନ୍ତି। ସତ୍‌ସଙ୍ଗ ସ୍ଥଳରେ କେତେଜଣ ଲୋକ ବିଷାକ୍ତ ପଦାର୍ଥ ଥିବା ଡବା ଖୋଲିବାରୁ ଦଳାଚକଟା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ତାଙ୍କୁ କହିଥିବା ସିଂ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ଭୋଲେ ବାବାଙ୍କ ଲୋକପ୍ରିୟତା ବଢ଼ିଚାଲିଥିବାରୁ ଏଭଳି ଷଡ଼ଯନ୍ତ୍ର କରାଯାଇଥିବା ସେ ବିଶ୍ୱାସ କରୁଥିବା କହିଛନ୍ତି। ସୂରଜପାଲ ଓରଫ ନାରାୟଣ ସାକର ହରି ଓରଫ ଭୋଲେ ବାବାଙ୍କ ସତ୍‌ସଙ୍ଗ ବେଳେ ଦଳାଚକଟାରେ ୧୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ୧୫-୧୬ ଜଣ ଲୋକ ବିଷାକ୍ତ ସାମଗ୍ରୀ ଥିବା କେନ୍ ସାଙ୍ଗରେ ଆଣି ସମାବେଶ ସ୍ଥଳରେ ଖୋଲିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ଶ୍ୱାସରୁଦ୍ଧ ହୋଇ ଲୋକଙ୍କ ମୃତ୍ୟୁ ଘଟିଥିଲା, କେହି ଆହତ କାରଣରୁ ମରି ନ ଥିଲେ ବୋଲି ସିଂ କହିଛନ୍ତି। ବିଷାକ୍ତ ଡବା ଖୋଲିଥିବା ଲୋକମାନଙ୍କୁ ଘଟଣାସ୍ଥଳରୁ ଖସାଇନେବା ପାଇଁ ସେଠାରେ ପୂର୍ବରୁ ଗାଡ଼ି ପ୍ରସ୍ତୁତ ହୋଇ ରହିଥିଲା, ଯାହାର ପ୍ରମାଣ ସେ କୋର୍ଟରେ ଉପସ୍ଥାପନ କରିବେ ବୋଲି ସୂଚନା ଦେଇଛନ୍ତି। ବିଷ ଡବା ଖୋଲିବା ସମ୍ପର୍କରେ ସୂଚନା ଦେଇଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରାଯିବ ବୋଲି ଆଇନଜୀବୀ କହିଛନ୍ତି।

ଦଳାଚକଟା ଘଟଣାରେ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ଦେବପ୍ରକାଶ ମଧୁକରଙ୍କ ସମେତ ୯ ଜଣଙ୍କୁ ଗିରଫ କରାଗଲାଣି। ସତ୍‌ସଙ୍ଗ ଆୟୋଜନ ପାଇଁ ରାଜନୈତିକ ଦଳ ଅର୍ଥ ଯୋଗାଇଦେଇଥିବା ସନ୍ଦେହକୁ ନେଇ ତଦନ୍ତ ଜାରି ରହିଥିବାବେଳେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଥ୍‌ରସ୍ ପୋଲିସ କହିଛି। ସତ୍‌ସଙ୍ଗ ସ୍ଥଳରେ ୮୦ ହଜାରଙ୍କ ସମାଗମ ପାଇଁ ଅନୁମତି ମିଳିଥିବାବେଳେ ପ୍ରବଚନ କାର୍ଯ୍ୟକ୍ରମରେ ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା। ସେଥିରୁ ଅଧିକାଂଶ ମହିଳା ଥିଲେ। ପୋଲିସ ଏତଲାରେ ଏପର୍ଯ୍ୟନ୍ତ ଭୋଲେ ବାବାଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇନାହିଁ।

## ୨,୫୦୦ ଟଙ୍କାର ଫୋନ୍ ଡେଟାରେ ବହୁ କୋଟିର ଋଣ ଜାଲିଆତି

ନୂଆଦିଲ୍ଲୀ,୭।୭

ଉତ୍ତରପ୍ରଦେଶର ନଏଡାରେ ଥିବା ଏକ ଜାଲ୍ କଲ୍‌ସେଣ୍ଟର ଜରିଆରେ ବହୁକୋଟି ଟଙ୍କାର ଋଣ ଜାଲିଆତି କରାଯାଇଛି, ଯେଉଁଥିରେ ଶହ ଶହ ଲୋକ ଠକାମିର ଶିକାର ହୋଇଛନ୍ତି। ଅନ୍‌ଲାଇନରେ ୨,୫୦୦ ଟଙ୍କାର ଫୋନ୍ ଡେଟା କିଣାଯାଇ ଏହାକୁ ଋଣ ଜାଲିଆତି ଦୁର୍ନୀତି ନିମନ୍ତେ ବ୍ୟବହାର କରାଯାଇଥିଲା ବୋଲି ପୋଲିସ କହିଛି। ଜାଲ୍ ବୀମା ପଲିସି ବିକ୍ରି କରିବା ଏବଂ ଋଣ ଦେବା ନାଁରେ ଏହି ଦୁର୍ନୀତି ସମ୍ପୃକ୍ତ ୯ ଜଣ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରାଯାଇଛି। ନଏଡାର ସେକ୍ଟର-୫୧ ମାର୍କେଟରେ ଥିବା ଏକ ବିଲ୍ଡିଂର ଚତୁର୍ଥ ମହଲାରେ ୨ ଜଣ ପୂର୍ବତନ ଜୀବନବୀମା ଏଜେଣ୍ଟ ବର୍ଷେ ହେଲା ଏହି କଲ୍ ସେଣ୍ଟର ଚଳାଉଥିଲେ। ଋଣ ଏବଂ ବୀମା ପଲିସିରେ ଅଧିକ ରିଟର୍ନ ଦେବାର ପ୍ରତିଶ୍ରୁତି ଦେଇ ସେମାନେ ଦିଲ୍ଲୀ-ଏନ୍‌ସିଆର୍ ବାହାରର ଲୋକମାନଙ୍କୁ ପ୍ରଲୋଭିତ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଦୁର୍ନୀତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ଆଶିଷ ଏବଂ ଜିତେନ୍ଦ୍ର କଲ୍ ସେଣ୍ଟର ଚଳାଇବା ପାଇଁ ୯ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଥିଲେ। ସେମାନେ ଲୋକଙ୍କୁ ଡକାଇ ପଲିସି ବିକ୍ରି କରୁଥିଲେ। ଉକ୍ତ ଗ୍ୟାଙ୍ଗ୍ ଜାଲ୍ ଆଧାର କାର୍ଡ ଜରିଆରେ ବେଆଇନ ଭାବେ ସିମ୍ କାର୍ଡ କିଣୁଥିଲା। ଠକାମିର ଶିକାର ହୋଇଥିବା ଲୋକଙ୍କଠାରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍‌ର ଏକ ଆକାଉଣ୍ଟ ଜରିଆରେ ଅର୍ଥ ସଂଗ୍ରହ କରାଯାଉଥିଲା। ଉକ୍ତ ବ୍ୟାଙ୍କ ଆକାଉଣ୍ଟ କର୍ନାଟକର ଅରବିନ୍ଦଙ୍କର ହୋଇଥିବାବେଳେ ଏହାକୁ ଠକ ଗ୍ୟାଙ୍ଗ୍ ସାମିକ ୧,୦୦୦ ଟଙ୍କା ଭଡ଼ାରେ ନେଇ ଚଳାଉଥିଲେ। ପୋଲିସ ଚଢ଼ାଉ ବେଳେ ଆଶିଷଙ୍କର ଏକ କଳା ଡାଇରି ଜବତ ହେବା ପରେ ଦୁର୍ନୀତି ସମ୍ପର୍କରେ ସୂଚନା ମିଳିଥିଲା।

## ଶିନ୍ଦେସେନା ନେତା ପୁଅଙ୍କ କାର୍ ଧକ୍କାରେ ମହିଳା ମୃତ

ମୁମ୍ବାଇ,୭।୭

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାର ବରିଷ୍ଠ ନେତା ରାଜେଶ ଶାହଙ୍କ ପୁଅ ମିହିର ଶାହ ରବିବାର ଭୋର ସମୟରେ ନିଜ ବିଏମ୍‌ଡବ୍ଲ୍ୟୁରେ ଦ୍ରୁତଗତିରେ ଯାଉଥିବାବେଳେ ମୁମ୍ବାଇର ୱର୍ଲିରେ ଏକ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ବିଏମ୍‌ଡବ୍ଲ୍ୟୁ ୧୦୦ ମିଟର ପର୍ଯ୍ୟନ୍ତ ସ୍କୁଟିକୁ ଟାଣିନେବାରୁ ଆରୋହୀ ମତ୍ସ୍ୟଜୀବୀ ଦମ୍ପତି ଗୁରୁତର ହୋଇଥିଲେ। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଛି। ନିଶାସକ୍ତ ମିହିର ଦୁର୍ଘଟଣା ଘଟାଇବା ପରେ ଫେରାର ହୋଇଯାଇଛନ୍ତି।

ରବିବାର ଭୋର ୫ଟା ୩୦। ମୁମ୍ବାଇର ୱର୍ଲିସ୍ଥିତ କୋଲିୱାଡା ବାସିନ୍ଦା ରାଜେଶ ପ୍ରଦିକ୍ ନକ୍‌ଭା ଓ ତାଙ୍କ ସ୍ତ୍ରୀ କାବେରୀ ନକ୍‌ଭା ମଝ୍‌ଗାଓଁ ଡକ୍‌ରୁ ମାଛ ଧରି ସ୍କୁଟିରେ ଫେରୁଥିଲେ। ଦ୍ରୁତଗତିରେ ଆସୁଥିବା



ମିହିର ଶାହ



ଦୁର୍ଘଟଣାଗ୍ରସ୍ତ ବିଏମ୍‌ଡବ୍ଲ୍ୟୁ



ମୃତ କାବେରୀ ନକ୍‌ଭା

ଏକ ବିଏମ୍‌ଡବ୍ଲ୍ୟୁ କାର୍ ପଛପଟୁ ତାଙ୍କୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ସ୍କୁଟି ସେଠାରେ ଓଲଟିପଡ଼ିଥିଲା। ପ୍ରଦିକ୍ ଓ କାବେରୀ କାର୍ ବନେଟ୍ ଉପରକୁ ଛିଟିକି ପଡ଼ିଥିଲେ। ପ୍ରଦିକ୍ ନିଜ ଜୀବନ ବଞ୍ଚାଇବା ପାଇଁ ବନେଟ୍‌ରୁ ତଳକୁ ଡେଇଁଥିଲେ। କିନ୍ତୁ ତାଙ୍କ ସ୍ତ୍ରୀ କାବେରୀ କାର୍ ତଳେ ପଡ଼ିଯାଇଥିଲେ। ବିଏମ୍‌ଡବ୍ଲ୍ୟୁ ଚାଳକ ନ ଅଟକି ଫେରାର ହେବା ପାଇଁ ଉଦ୍ୟମ କରିବାରୁ କାବେରୀ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ। ୧୦୦ ମିଟର ଯିବା ପରେ ମହିଳାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଛାଡ଼ିଦେଇ ଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ କାବେରୀଙ୍କୁ ହସ୍ପିଟାଲକୁ ନେଇଥିଲେ। କିଛି ସମୟ ପରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଅଭିଯୁକ୍ତ ମିହିର ହେଉଛନ୍ତି ମହାରାଷ୍ଟ୍ରର ଶାସକ ଦଳ ଶିବସେନାର ପାଲଘର ଜିଲା ଉପସଭାପତି ରାଜେଶ ଶାହାଙ୍କ ପୁଅ। ରାଜେଶ ଓ ତାଙ୍କ ଡ୍ରାଇଭର ରାଜେନ୍ଦ୍ର ସିଂ ବିଜାୱତ୍ ବର୍ତ୍ତମାନ ପୋଲିସ ହାଜତରେ ଅଛନ୍ତି। ପୋଲିସ ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ମୋଟର ଭେହିକିଲ୍ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ମିହିର ଶନିବାର ରାତିରେ ଜୁହୁସ୍ଥିତ ଏକ ବାର୍‌ରେ ମଦ୍ୟପାନ କରିଥିଲେ। ସେଠାରୁ ଘରକୁ ଫେରିବାବେଳେ ନିଜେ କାର୍ ଚଳାଇବା ପାଇଁ ଚାହୁଁଥିବା ଡ୍ରାଇଭରଙ୍କୁ କହିଥିଲେ। ଡ୍ରାଇଭର ଷ୍ଟିୟରିଂ ଛାଡ଼ି ତାଙ୍କ ପାଖ ସିଟ୍‌ରେ ବସିଥିଲେ। ମିହିର ବିଏମ୍‌ଡବ୍ଲ୍ୟୁ ଚଳାଇବା ମାତ୍ରେ ଏହାର ଗତି ବଢ଼ିଯାଇଥିଲା। କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଦୁର୍ଘଟଣା ପରେ ପ୍ରମାଣ ନଷ୍ଟ ପାଇଁ ଉକ୍ତ କାର୍‌ର ନମ୍ବର ପ୍ଲେଟ୍ ଏବଂ ଡୋର୍‌ରେ ଲାଗିଥିବା ଶିବସେନାର ଷ୍ଟିକର୍‌କୁ ଛଡ଼ାଇବାକୁ ଉଦ୍ୟମ କରାଯାଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି କାର୍‌କୁ ଜବତ କରିଥିବାବେଳେ ମିହିରଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ମୁଖ୍ୟମନ୍ତ୍ରୀ ଶିନ୍ଦେ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ଅଭିହିତ କରିଛନ୍ତି। ଆଇନ ଆଖିରେ ସମସ୍ତେ ସମାନ। ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଉକ୍ତ କାର୍‌ର ଇନ୍‌ସ୍ୟୁରାନ୍ସ ଅବଧି ଶେଷ ହୋଇଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ମେ' ୧୯ରେ ପୁଣେର ବେଦାନ୍ତ ଅଗ୍ରୱାଲ (୧୭) ମଦପାନ କରି କାର୍ ଚଳାଇଥିବାବେଳେ ଏକ ବାଇକ୍‌କୁ ଧକ୍କା ଦେଇଥିଲେ। ଏଥିରେ ମଧ୍ୟପ୍ରଦେଶର ଦୁଇଜଣ ଆଇଟି ପ୍ରଫେଶନାଲ ଅନୀଷ ଅୱଧିୟା ଓ ଅଶ୍ୱିନୀ କୋଷ୍ଟାଙ୍କ ମୃତ୍ୟୁ ଘଟିଥିଲା। ମହାରାଷ୍ଟ୍ରର ବଡ଼ ସହରଗୁଡ଼ିକରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଛି।

# ଧରାପଡ଼ିଲେ ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ୍

- ଜୀବନ୍ତ ଗୁଳି, ପିସ୍ତଲ ସହିତ ୪ ଗିରଫ
- ଚାଷୀ, ମହିଳାଙ୍କୁ ଟାର୍ଗେଟ୍ କରୁଥିଲେ
- ନଗଦ ୩ଲକ୍ଷ ୮୦ହଜାର ଟଙ୍କା ଜବତ
- ସୁନା, ରୁପା ଗହଣା ଓ ୫ ବାଇକ୍ ଜବତ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବରଗଡ଼,୭।୭
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଏକ ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଗ୍ୟାଙ୍ଗର ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଡଙ୍ଗରମୁଣ୍ଡା ଗ୍ରାମର ଇନ୍ଦ୍ର ଭୋଇ(୨୧), ଚୈତନ୍ୟ ପୁଟା (୧୯), ବନାରସ ଗ୍ରାମର ଲଳିତ ସାହୁ (୨୫) ଏବଂ ଡୋଲେଶ୍ୱର ସାହୁ(୨୬)। ସେମାନଙ୍କ ପାଖରୁ ପୋଲିସ ନଗଦ ୩ ଲକ୍ଷ ୮୦ହଜାର ଟଙ୍କା, ୩ଟି ଆପାଚି ବାଇକ୍, ଗୋଟିଏ ସୁଜୁକି ସ୍କୁଟି, ଗୋଟିଏ ହିରୋ ଏଚ୍‌ଏଫ୍ ବାଇକ୍, ଗୋଟିଏ ପିସ୍ତଲ, ୫ ଗୁଳି, ୨ଟି ସୁନାହାର, ୨ଟି ସୁନା କାନଫୁଲ, ଗୋଟିଏ ସୁନାଚେନ, ୨ଟି ସୁନାଶଙ୍ଖା ସମେତ ରୁପା ନିର୍ମିତ ବିଭିନ୍ନ ଗହଣା ଏବଂ ୮ଟି ମୋବାଇଲ ଜବତ କରିଛି। ଏ ନେଇ ଅତାବିରା ଥାନାରେ ଦଫା ୩୯୪ ଆଇପିସି, ୨୫/୨୭ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୨୨୬/୨୦-୦୬-୨୦୨୪) ରୁଜୁ ହୋଇଛି। ଏହି ଗ୍ୟାଙ୍ଗର ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଧରିବା ପାଇଁ ତନାଘନା ଚାଲିଛି।

ରବିବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍. ମୀନା ସୂଚନା ଦେଇଥିଲେ, ଗତମାସ ୨୦ ତାରିଖରେ ଅତାବିରା ଥାନା ବାବେବିରା ଗ୍ରାମର ଛାୟାକାନ୍ତ ପ୍ରଧାନ ଅତାବିରାର ଏକ ବ୍ୟାଙ୍କରୁ ଟଙ୍କା କାଢ଼ି ଘରକୁ ଫେରୁଥିଲେ। ସେହିଦିନ ଅପରାହ୍ନ ପ୍ରାୟ ୪ଟା ୩୦ମିନିଟ୍‌ରେ ଗିରଫ ଅଭିଯୁକ୍ତମାନେ ଯିବା ବାଟରେ ତାଙ୍କୁ ଅଟକାଇ ପିସ୍ତଲ ମୁନରେ ଭୟଭୀତ କରି ତାଙ୍କଠାରୁ ୪ ଲକ୍ଷ ୩୮ ହଜାର ୩୫୨ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ଛାୟାକାନ୍ତ ଅତାବିରା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସର ୨ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଅଭିଯୁକ୍ତଙ୍କ ଗତିବିଧିକୁ ଲକ୍ଷ୍ୟ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ସହିତ ସେମାନଙ୍କୁ ଗିରଫ କରିଥିଲା ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି। ତେବେ ଗିରଫମାନେ ବରଗଡ଼ ସମେତ ବଲାଙ୍ଗୀର, ସମ୍ବଲପୁର, ସୋନପୁର ଜିଲାର ବିଭିନ୍ନ ଲୁଟ୍ ଘଟଣାରେ ମଧ୍ୟ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ବିରୋଧରେ ବରଗଡ଼ ଜିଲା ଅତାବିରା ଥାନାରେ (ନଂ.୨୪୧/୨୪), ବରପାଲି ଥାନାରେ (ନଂ.୧୯୪/୨୪), ସୋନପୁର ଜିଲା ଡୁଙ୍ଗୁରିପାଲି ଥାନାରେ(ନଂ.୧୪୬/୨୪) ଏବଂ ବଲାଙ୍ଗୀର ଜିଲା ଆଗଲପୁର ଥାନାରେ (ନଂ.୯୭/୨୪) ମାମଲା ରୁଜୁ ହୋଇଛି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

ପ୍ରକାଶଥାଉ କି, ଲୁଟେରା ଗ୍ୟାଙ୍ଗ ମୁଖ୍ୟତଃ ଚାଷୀ ଏବଂ ମହିଳାଙ୍କୁ ଟାର୍ଗେଟ୍ କରୁଥିଲେ। ବର୍ତ୍ତମାନ ଚାଷୀମାନେ ବିକ୍ରିଧାନର ପ୍ରାପ୍ୟରାଶି ବ୍ୟାଙ୍କରୁ ଉଠାଇ ଘରକୁ ଫେରିବା ସମୟରେ ଲୁଟେରାମାନେ ସେମାନଙ୍କୁ ପିଛା କରି ଲୁଟ୍‌ପାଟ୍ କରୁଥିଲେ। ଗତ କିଛିଦିନ ତଳେ ଅତାବିରା ଅଞ୍ଚଳରେ ଗିରଫଙ୍କ ଏଭଳି ଲୁଟ୍‌ପାଟ୍ ଆତଙ୍କ ଖେଳାଇ ଦେଇଥିଲା। ଲୁଟେରାମାନଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ଅତାବିରା ଚାଷୀ ସଙ୍ଗଠନ ପୋଲିସଠାରେ ଦାବି କରିଥିଲା। ତେବେ ଏହି ଲୁଟେରା ଗ୍ୟାଙ୍ଗ ଧରାପଡ଼ିବା ପରେ ଲୁଟ୍‌ପାଟ୍ ଥମୁଛି କି ନାହିଁ, ତାହା ସମୟ କହିବ।

# ହାତୀ ଆକ୍ରମଣରେ ମହିଳା ମୃତ

ରାସୋଳ,୭।୭(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବାବନ୍ଧ ସେକ୍ସନ ଗିରିଧର ପ୍ରସାଦ ଗ୍ରାମର ଶୋଭାଗିନୀ ପଟ୍ଟନାୟକ(୩୪) ରବିବାର ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଭୋର ସମୟରେ ଶୋଭାଗିନୀ ଶୌଚ ପାଇଁ ବାଡି ପଟକୁ ଯାଇଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସୋଳ ପୋଲିସ ମୃତଦେହ ଜବତ କରି ହିନ୍ଦୋଳ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜି ବି ବର୍ଷିବ

## ଭୁବନେଶ୍ୱରରେ ସର୍ବାଧିକ ବର୍ଷିଲା


ରବିବାର ଅପରାହ୍ନରେ ରାଜଧାନୀରେ ହୋଇଥିବା ବର୍ଷା।

ଭୁବନେଶ୍ୱର, ୭।୭
(ଅସମାପିକା ସାହୁ)

ରାଜ୍ୟରେ ଏବେ ମୌସୁମୀ ବର୍ଷା ଲାଗି ରହିଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହିତ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର କୋରାପୁଟ, ରାୟଗଡ଼ା, ଗଜପତିରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିପାଇଁ ଏସବୁ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ସବୁଠି ପ୍ରବଳ ବର୍ଷିଛି। ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ବର୍ଷା ହୋଇଥିବା ଦେଖାଯାଇଛି। ତେବେ ଭୁବନେଶ୍ୱରରେ ସର୍ବାଧିକ ୫୨.୬ ମି.ମି. ବର୍ଷା ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ମଧ୍ୟରେ ଭୁବନେଶ୍ୱରରେ ସର୍ବାଧିକ ବର୍ଷା ହୋଇଥିବାବେଳେ କଟକରେ ୪୬.୨, ଯାଜପୁର ୨୦, ଫୁଲବାଣୀ ୧୬.୮, ଗୋପାଳପୁର ୧୬, ଦାରିଙ୍ଗବାଡ଼ି ୧୨ ଓ ଖୋର୍ଦ୍ଧାରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ଅନୁଗୋଳ, ତାଳଚେର, ଭବାନୀପାଟଣା, କୋରାପୁଟ, ବୌଦ୍ଧ, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, ଢେଙ୍କାନାଳ, ନବରଙ୍ଗପୁରରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅପରପକ୍ଷେ ରାଜ୍ୟରେ ଏବେ ବି ନିଅଣ୍ଟିଆ ବର୍ଷା ରହିଛି। ଜୁନ୍ ୧ରୁ ଜୁଲାଇ ୭ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ୨୭୬.୬ ମିମିଠାରୁ ୭୪ ମି.ମି. କମ୍ ଅର୍ଥାତ୍ ୨୦୨.୬ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ୧୩ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ଗୋଟିଏ ଜିଲାରେ ଅତ୍ୟଧିକ ନିଅଣ୍ଟିଆ ଏବଂ ବାକି ୧୬ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ୮ ତାରିଖର ପିଜି ପ୍ରବେଶିକା ପରୀକ୍ଷା ୧୫କୁ ଘୁଞ୍ଚିଲା

ଭୁବନେଶ୍ୱର, ୭।୭(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୪) ଗତ ୩ ତାରିଖରୁ ଆରମ୍ଭ ହୋଇଛି। ତେବେ ୮ ତାରିଖ ସୋମବାର ହେବାକୁ ଥିବା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ରଥଯାତ୍ରା ପାଇଁ ସରକାର ଛୁଟି ଘୋଷଣା କରିଥିବାରୁ ୮ ତାରିଖରେ ହେବାକୁ ଥିବା ପରୀକ୍ଷା ଆସନ୍ତା ୧୫ ତାରିଖ ଦିନ ଅନୁଷ୍ଠିତ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୨ଟି ଶିକ୍ଷାନୁଷ୍ଠାନ ଥିବା ବେଳେ ୨୮,୯୦୬ଟି ସିଟ୍ ରହିଛି। ତେବେ ୨୦୨୪-୨୫ରେ ଏକକ ପିଜି ପ୍ରବେଶିକା ପରୀକ୍ଷା ପାଇଁ ୬୩,୧୮୪ଜଣ ଆବେଦନ କରିଛନ୍ତି। ଏହି ପରୀକ୍ଷାକୁ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ସଞ୍ଚାଳନ କରୁଛି। ଚଳିତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏମ୍‌ଏ ପାଠ୍ୟକ୍ରମ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ସିପିଇଟି ପରୀକ୍ଷା କରାଯାଉଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। ଏବେ ୧୫ ତାରିଖ ବି ପରୀକ୍ଷା ହେବ। ଦିନକୁ ୩ଟି ଶିଫ୍ଟରେ ପରୀକ୍ଷା ହେଉଛି। ପ୍ରତ୍ୟେକ ଶିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୨୦ ମିନିଟ୍ ଦିଆଯିବାର ବ୍ୟବସ୍ଥା ହୋଇଛି।

# ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା


ମୋରଡ଼ା,୭।୭ (ସ୍ମାରକ ମାଜୀ)

ମୋବାଇଲ ଫୋନ ବ୍ୟବହାର କରିବାକୁ ମା' ନ ଦେବାରୁ ଜଣେ ୧୭ ବର୍ଷୀୟ ନାବାଳକ ଆତ୍ମହତ୍ୟା କରିଛନ୍ତି। ରବିବାର ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଝିଙ୍କିରିଆ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନାବାଳକ ତାଙ୍କ ମା'ଙ୍କୁ ମୋବାଇଲ ଫୋନ୍ ମାଗିଥିଲେ। ମା' ତାଙ୍କୁ ଫୋନ୍ ଦେଇ ନ ଥିଲେ। ଏହାର କିଛି ସମୟ ପରେ ସେ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ମା' ଦେଖିବାକୁ ପାଇଥିଲେ। ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୪) ରୁଜୁ କରାଯାଇଛି।

# ଖବରଦାତାଙ୍କୁ ବାନ୍ଧିବେ, ପିଟିବେ, କେସ୍ କରିବେ କହିଲେ ଏସ୍‌ପି

ନୟାଗଡ଼,୭।୭ (ଲୋକନାଥ ମିଶ୍ର)

ରଥଯାତ୍ରା ସମ୍ପର୍କରେ ସୂଚନା ଦିଆଯିବା ନିମନ୍ତେ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ପକ୍ଷରୁ ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଶନିବାର ଅପରାହ୍ନ ୪ଟାରେ ଖବରଦାତାମାନଙ୍କୁ ଡକାଯାଇଥିଲା। ଏନେଇ ପୋଲିସ ଓ ସାମ୍ବାଦିକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଇ-ଇନ୍‌ଭିଟେଶନ ପୋଷ୍ଟ କରାଯାଇଥିଲା। ହେଲେ ଏହି ଖବରଦାତା ସମ୍ମିଳନୀକୁ ଏସ୍‌ପି ଆସି ନ ଥିଲେ। ପରବର୍ତ୍ତୀ ସମୟରେ ୩୦ ମିନିଟ୍ ମଧ୍ୟରେ ପହଞ୍ଚିବେ ବୋଲି ଏସ୍‌ପି କହି ମଧ୍ୟ ଆସିଲେନାହିଁ। ଫଳରେ ଖବରଦାତାମାନେ ଅପେକ୍ଷା କରି ଫେରିଥିଲେ। ଏ ନେଇ ରବିବାର(ଜୁଲାଇ ୭)







ଧରିତ୍ରୀରେ 'ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଅନ୍ୟ ଏକ ଖବରକାଗଜରେ ମଧ୍ୟ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ପି ଜୈନ୍ ଉତ୍କ୍ଷିପ୍ତ ହୋଇପଡ଼ିଛନ୍ତି। ରବିବାର ପୂର୍ବାହ୍ନରେ ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ର ଏବଂ ଅନ୍ୟ ଏକ ଖବରକାଗଜର ଖବରଦାତାଙ୍କୁ ଏସ୍‌ପି ନିଜ କାର୍ଯ୍ୟାଳୟକୁ ଡକାଇ ଦୁର୍ବ୍ୟବହାର କରିବା ସହ ଭୁଲ୍ ମାଗିବାକୁ ବାଧ କରାଇଛନ୍ତି। ଏପରି କି ବସିବା ଏବଂ କଥା କହିବାର ସୁଯୋଗ ନ ଦେଇ ବାଡ଼େଇବି, ବାନ୍ଧିଦେବି ବୋଲି ଧମକ ଦେଇଛନ୍ତି। ଶନିବାର ପୋଲିସକୁ ଅଶ୍ଳୀଳ ଗାଳିଗୁଲଜ କରିଛ ଦର୍ଶାଇ କେସ୍ କରିବି ବୋଲି ମଧ୍ୟ ଏସ୍‌ପି କହିଛନ୍ତି। ଏପରି ଖବର ମୋତେ ବଦ୍‌ନାମ କରିଛି କହି ନିଜେ ଇସ୍ତଫା ଦେଇଦେବେ ବୋଲି ସେ କହିଛନ୍ତି। ଦୁର୍ବ୍ୟବହାର ଘଟଣା ଜଣାପଡ଼ିବା ପରେ ଜିଲାର ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିବା ସହ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତେଣୁ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଖବରଦାତାଙ୍କ ନାଁରେ ମିଥ୍ୟା ମାମଲା କରି ଫସାଇ ଦିଆଯାଇପାରେ ବୋଲି ଆଲୋଚନା ହେଉଛି।

# ଚାରା ରୋପଣଠାରୁ ଜଙ୍ଗଲ ନଷ୍ଟ ଅଧିକ

## ୧୦୦୭୪ ହେକ୍ଟର ଅପସାରିତ ଜମି ପଡ଼ିଆ

ଯାଜପୁର,୭।୭
(ହର୍ଷବର୍ଦ୍ଧନ ବେହେରା)

ଚଳିତ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରାଯାଉଛି। ହେଲେ ରାଜ୍ୟର ବିଭିନ୍ନ ଶିଳ୍ପ ଓ ଖଣି କମ୍ପାନୀ ଦ୍ୱାରା କ୍ଷତି ହୋଇଥିବା ଜଙ୍ଗଲ ତୁଳନାରେ ଚାରା ରୋପଣ ନୈରାଶ୍ୟଜନକ ରହିଛି। ଅନ୍ୟପକ୍ଷେ କଟା ଯାଇଥିବା ବୃକ୍ଷ ସଂଖ୍ୟା ତୁଳନାରେ ବହୁଗୁଣ ଅଧିକ ଚାରା ରୋପଣ ହୋଇଥିବା ଦାବି କରାଯାଉଥିବାବେଳେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଅଭିଯୋଗ ହେଉଛି। ସେହିପରି ୧୦ ହଜାରରୁ ଉର୍ଦ୍ଧ୍ୱ ଅପସାରିତ ଜମିରେ ଚାରା ରୋପଣ ହୋଇ ପାରି ନ ଥିବାରୁ ତାହା ଏବେ ପଡ଼ିଆ ପଡ଼ିଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜଙ୍ଗଲ(ସଂରକ୍ଷଣ) ଆଇନ ୧୯୮୦ର ଧାରା(୨) ଅନୁଯାୟୀ ରାଜ୍ୟରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ସର୍ବମୋଟ ୩୪,୮୦୭.୦୨ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହୋଇଛି। ଏଥିପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଚୂଡ଼ାନ୍ତ ଅନୁମୋଦନ ମିଳିଛି। ସଂପୃକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ ୨୬,୨୩୬.୦୩ ହେକ୍ଟର ଜଙ୍ଗଲ ଜମି ଓ ୧୫,୦୬୦.୮୧ ହେକ୍ଟର ଅଣ ଜଙ୍ଗଲ ଜମିରେ କ୍ଷତିପୂରକ ବନୀକରଣ କରାଯାଇଛି। ଏହାସହ ଅନୁମୋଦନ ପ୍ରାପ୍ତ ଅପସାରିତ ଜଙ୍ଗଲ ଜମିରୁ ସର୍ବମୋଟ ୭,୮୦,୭୬୭ ସଂଖ୍ୟକ ବୃକ୍ଷ କଟାଯାଇ କ୍ଷତିପୂରକ ବନୀକରଣ ଯୋଜନାରେ ୮୫,୯୦,୭୬୬ ସଂଖ୍ୟକ ଚାରା ରୋପଣ ହୋଇଥିବା ବିଭାଗ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷେ ୨୦୨୩ ସେପ୍ଟେମ୍ବର ସୁଦ୍ଧା କ୍ଷତିପୂରକ ବନୀକରଣ ଯୋଜନାରେ ଜଙ୍ଗଲ ଜମିରେ ୫୬୯୯.୭୯ ହେକ୍ଟର ଓ ଅଣ ଜଙ୍ଗଲ ଜମିରେ ୪୩୭୫.୧୬ ହେକ୍ଟର ଭାବେ ସମୁଦାୟ ୧୦୦୭୪.୯୫ ହେକ୍ଟର ଅପସାରିତ ଜମିରେ ଚାରା ରୋପଣ ହୋଇ ପାରିନାହିଁ। ଏଥିରେ କେନ୍ଦୁଝର ଜିଲାରେ ସର୍ବାଧିକ ଜମିରେ ଚାରା ରୋପଣ ହୋଇ ପାରିନାହିଁ। ସେଥିମଧ୍ୟରୁ କଳାପର୍ବତ ଆଇରନ ମାଇନ୍ସରେ ୧୦.୨୧ ହେକ୍ଟର, ଜିଲିଂ ଲଙ୍ଗଲୋଟା ଖଣିର ୧୯.୫୬୧ ହେକ୍ଟର, କେସି ପ୍ରଧାନ ଆଇରନ ଓର ମାଇନ୍ସ ୧୯.୫୬ ହେକ୍ଟର, ଓଏମ୍‌ସିର ଗନ୍ଧମାର୍ଦ୍ଦନ ବ୍ଲକ-ବୀର ୪୫୯.୩୪୦ ହେକ୍ଟର, ଟିସ୍କୋ ମାଙ୍ଗାନିଜ ଆଇରନ ଓରର ୩୧୩ ହେକ୍ଟର, ନୂଆଗାଁ ଆଇରନ ଓର ଜେଏସ୍‌ଡବ୍ଲ୍ୟୁ ଓ କେଜେଏସ୍ ଖଣିର ୧୫୫.୯୬୧ ହେକ୍ଟର, ସେହିପରି କଟକ ଡିଭିଜନ ଯାଜପୁର ଜିଲାର କାଳିଆପାଣି କ୍ରୋମାଇଟ ମାଇନ୍ସର ୨୧.୬୨ ହେକ୍ଟର ଜମିରେ ଚାରା ରୋପଣ ହୋଇ ପାରିନାହିଁ। ସେହିଭଳି ରାଜ୍ୟର କୋରାପୁଟ, ସୁନ୍ଦରଗଡ଼, ରାୟଗଡା, ସମ୍ବଲପୁର, ଖୋର୍ଦ୍ଧା ଜିଲାର ଉପରୋକ୍ତ ପରିମାଣର ଜମିରେ ଏଯାଏ ଚାରା ରୋପଣ ହୋଇ ପାରି ନ ଥିବା ରିପୋର୍ଟରୁ ଜଣାପଡିଛି। ତେବେ ଜଙ୍ଗଲ ବିଭାଗର ଅବହେଳା କାରଣରୁ ବାସ୍ତବରେ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟରେ ହୋଇଥିବା ଚାରା ରୋପଣ ସ୍ଥାନରୁ ନିୟମିତ ଭାବେ ଗଛ କଟା ଚାଲିଥିବା ଦେଖିବାକୁ ମିଳିଛି। ଖଣି ଅଞ୍ଚଳରେ କେତେ ପରିମାଣର ଜଙ୍ଗଲ ସୃଷ୍ଟି କରାଯାଇଛି ଓ ସେଥିରୁ କେତେସଂଖ୍ୟକ ଗଛ ବଞ୍ଚି ରହିଛି ତା'ର କୌଣସି ତଥ୍ୟ ନାହିଁ କି ପରିଚାଳନା ପାଇଁ କୌଣସି ନିୟମ ନାହିଁ। କେତେ ଜଙ୍ଗଲ ବଢୁଛି ଅବା କମୁଛି ତା'ର ଠିକ ହିସାବ ବିଭାଗ ପାଖରେ ନାହିଁ। କେବଳ ମନଗଢା କାହାଣୀ ଓ ତଳସ୍ତରରୁ ଆସୁଥିବା ତଥ୍ୟକୁ ଆଧାର କରି ବିଭାଗୀୟ ଅଧିକାରୀମାନେ ଲମ୍ବା ତାଲିକା ପ୍ରସ୍ତୁତ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଯେଉଁଠି ଜଙ୍ଗଲ ଥିବା କୁହାଯାଉଛି ସେଠାରୁ ବ୍ୟବସାୟୀମାନେ ଗଛ ଖାଲି କରି ଚାଲିଛନ୍ତି। ସରକାରଙ୍କ ନିୟମ ମୁତାବକ ଗୋଟିଏ ଗଛ କାଟିଲେ ୧୦ଟି ଗଛ ସୃଷ୍ଟି କରିବା କଥା। କିନ୍ତୁ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ଖଣି ଆଳରେ ଖଣି ସମ୍ପ୍ରସାରଣ, ବର୍ଜ୍ୟବସ୍ତୁ ରଖିବା ଓ ଡମ୍ପିଙ୍ଗ୍ ପାଇଁ ବାରମ୍ବାର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରି ବ୍ୟବହାର କରିବାକୁ ଜନଶୁଣାଣି ହେଉଛି। ସଂପୃକ୍ତ ଅଞ୍ଚଳବାସୀ ଏହି କାରଣ ଯୋଗୁ ବିରୋଧ କଲେ ପୋଲିସର ବଳ ପ୍ରୟୋଗ କରି ବିଭିନ୍ନ ମିଥ୍ୟା ମାମଲାରେ କେସ ରୁଜୁ କରାଯାଉଥିବା ମଧ୍ୟ ନଜିର ରହିଛି।

ଏ ସଂକ୍ରାନ୍ତରେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ରାସ୍ତା ନିର୍ମାଣରେ ଦୀର୍ଘ ୩ଶହ ବର୍ଷ ପୁରୁଣା ଗଛ କଟାଯାଉଛି, ଯାହାର ପ୍ରତିବଦଳରେ ଚାରା ରୋପଣ ଅସମ୍ଭବ। ଯେଉଁଠି ପୂର୍ବରୁ ଘନ ଜଙ୍ଗଲ ରହିଛି, ତା'ର ସୁରକ୍ଷା ଦିଗରେ ବିଭାଗ ବିଫଳ ହେଉଛି। ଗଛକଟା ତୁଳନାରେ ବହୁ ଗୁଣ ଅଧିକ ଚାରା ରୋପଣ ତଥ୍ୟ ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ ପକ୍ଷରୁ ରଥଯାତ୍ରା, ସ୍ଥାନ: ସ୍କୁଲ ପରିସର, ଲକ୍ଷ୍ମୀପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ କାର୍ଯ୍ୟକ୍ରମ 'ଶ୍ରଦ୍ଧାଞ୍ଜଳି' ଉଦ୍‌ଘାଟନ, ସ୍ଥାନ: ରମାଦେବୀ ଓମେନ୍‌ସ ୟୁନିଭର୍ସିଟି ଅଡିଟୋରିୟମ୍, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜାଗୁଳିପାଟଣା ଗୁଣ୍ଡିଚା ମନ୍ଦିର, ଖୋର୍ଦ୍ଧା ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର, ଖୋର୍ଦ୍ଧାଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା,ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ୩୦, ପ୍ରସାଦ ବିତରଣ, ସମୟ: ଅପରାହ୍ନ ୩ଟା।
- ରାଜାସାହେବଙ୍କ ଦ୍ୱାରା ରଥଟଣା କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ରଥଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ଲେଡିଜ୍ କ୍ଲବ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଇମାମୀ କଲୋନୀ, ରେମୁଣା,ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବୃନ୍ଦାବନରୁ ଆସୁଥିବା ବିଶିଷ୍ଟ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା, ସ୍ଥାନ: ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।

## ଭଦ୍ରକ
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ. ୪ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଡବିଲ, ସମୟ: ସକାଳ ୮ ଟା।
- ମା' ତାରିଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ମରୈଗାଁ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ପ୍ରବଚନ କାର୍ଯ୍ୟକ୍ରମ ଏବଂ ଭଜନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ଢେଙ୍କା, ବଂଚୋ, ଶାଳନିଆ, କଳିଙ୍ଗା, ହାଟଡିହୀ, ସମୟ: ଅପରାହ୍ନ ୫ ଘଟିକା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାମନଘାଟି ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରାରେ ଗାୟିତ୍ରୀ ପରିବାର ପକ୍ଷରୁ ସର୍ବତ୍ ବଣ୍ଟନ, ସ୍ଥାନ: ବଡ଼ଦାଣ୍ଡ, ବାରିପଦା, ସମୟ: ଅପରାହ୍ନ ୨ଟା।
- ହରିବଳଦେବଜୀଉଙ୍କ ରଥଟଣା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା' ସୁଭଦ୍ରାଙ୍କ ରଥ ଟାଣିବା କାର୍ଯ୍ୟକ୍ରମ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ଅପରାହ୍ନ ୩ଟା।
- ଦଧିବାମନଜୀଉଙ୍କ ରଥଯାତ୍ରା, ସ୍ଥାନ: ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁର, ସମୟ: ଅପରାହ୍ନ ୩ଟା।
- ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା,ସ୍ଥାନ:ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଧର୍ମକ୍ଷେତ୍ର, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ
- ବିଜେଡିର ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଦୋ ମୁହାଣୀ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ
- ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ସରକାରୀ ଆଇଟିଆଇ ପରିସର,ସମୟ: ସକାଳ ୯ଟା।
- ଭାଜପା ଦଳ ପକ୍ଷରୁ କନ୍ଧମାଳ ଏମ୍‌ପିଙ୍କୁ ନେଇ ନଗର ପରିକ୍ରମା, ସ୍ଥାନ: ଦାରିଙ୍ଗବାଡି ଚାରି ଛକଠାରୁ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ଉତ୍ସବ ଯୋଗ ଦେବେ କନ୍ଧମାଳ ଏମ୍‌ପି, ସ୍ଥାନ:ମିଶ୍ର କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧.୩୦ ମିନିଟ୍।

## ଢେଙ୍କାନାଳ
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତୀ, ସ୍ଥାନ: ମା' ତାରିଣୀ ଦେବୀଙ୍କ ପୀଠ ନିହଲପ୍ରସାଦ ଗଁଦିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆଡପ ମଣ୍ଡପ ବିଜେ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର ବାଜିଚୌକ ଢେଙ୍କାନାଳ, ସମୟ:ଅପରାହ୍ନ ୫ଟା।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବାଜିଚୌକ ଢେଙ୍କାନାଳ,
- ସମୟ: ସନ୍ଧ୍ୟା ୬ଟା୩୦।

## ରାୟଗଡ଼ା
- ମତ୍ସ୍ୟ ଅବତାରରେ ଦର୍ଶନ ଦେବେ ପ୍ରଭୁ ଶ୍ରୀ ଜଗନ୍ନାଥ, ସ୍ଥାନ: ମାଉସୀ ମା' ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ମାଉସୀ ମା' ମନ୍ଦିର ଯାଏ ରଥଟଣା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- କୋଟିଆରେ ରଥ ଯାତ୍ରା, ସ୍ଥାନ: କୋଟିଆ ସଦର ପଞ୍ଚାୟତ, ସମୟ : ମଧ୍ୟାହ୍ନ ୧୨ଟା ୩୦।
- ଶାବର ଶ୍ରୀକ୍ଷେତ୍ରରେ ଜୀଉଙ୍କ ମତ୍ସ୍ୟ ଅବତାର, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ସମ୍ବଲପୁରୀ ଦିନ ପାଇଁ ମା' ସମଲେଇଙ୍କ ଠାରେ ନିୟୁତା ଅର୍ପଣ, ସ୍ଥାନ: ସମଲେଇ ମନ୍ଦିର, ସମୟ: ସକାଳ ୯ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ : ଶୁଭଶ୍ରୀ ବିହାର, ସମୟ : ସନ୍ଧ୍ୟା ୬ଟା।
- ଦୟାନନ୍ଦ ଶତପଥୀଙ୍କ ଜୟନ୍ତୀ ସଭା, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା: ୬ଟା୩୦।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା
- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର,ସ୍ଥାନ: ଓରାମପଡା, ସମୟ: ସକାଳ: ୮ଟା।
- ରାଉରକେଲା ଇସ୍କନ ପକ୍ଷରୁ ଜଗନ୍ନାଥ ମହିମା ପଠନ,ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ:ସନ୍ଧ୍ୟା ୬ଟା୩୦।

## ସୁନ୍ଦରଗଡ଼
- ପରିବେଶ,ଗଣତନ୍ତ୍ର ଓ ଧର୍ମ ସଚେତନତା କାର୍ଯ୍ୟକ୍ରମରେ ବଳିଆ ବାବାଙ୍କ ମାର୍ଗଦର୍ଶନ,ସ୍ଥାନ: ଜେଡିଆର ସଭାଗୃହ,ସମୟ: ସନ୍ଧ୍ୟା

## ବରଗଡ଼
- ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡେରା, ଅତାବିରା, ସମୟ: ସକାଳ ୭ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡେରା, ଅତାବିରା, ସମୟ: ଅପରାହ୍ନ ୫ଟା।
- ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ମାଉସୀ ମା' ମନ୍ଦିରକୁ ବିଜେ, ସ୍ଥାନ: ଭଟଲି, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି
- ସମ୍ପୂର୍ଣ୍ଣତା ଅଭିଯାନ ସଚେତନତା ଶିବିର, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୮ଟା।

## ବୌଦ୍ଧ
- ବୌଦ୍ଧ ସହରର ବୁଟୁପାଲିରେ ରଥଯାତ୍ରା, ସ୍ଥାନ: ବୁଟୁପାଲି, ବୌଦ୍ଧ, ସମୟ: ଅପରାହ୍ନ ୩ ଟା।
- କରଞ୍ଜକଟାରେ ରଥଯାତ୍ରା, ସ୍ଥାନ:କରଞ୍ଜକଟା, ହରଭଙ୍ଗା, ସମୟ : ଅପରାହ୍ନ ୩ ଟା।

## ଦେବଗଡ଼
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଯୋଗ ଶିବିର ଅନ୍ତିମ ଦିବସ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରୁ ରଥଟଣା କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡ, ଦେବଗଡ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଟଣା, ସ୍ଥାନ: କୋଟସମଲାଇ ସ୍ଥିତ ରଥଦାଣ୍ଡ, ସମୟ: ଅପରାହ୍ନ ୩ଟା।
- ସୋନପୁରରେ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ମଝିପଡା ସ୍ଥିତ ରଥଖଳା, ସମୟ: ଅପରାହ୍ନ ୩ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ରୁଦ୍ରାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ କୁକୁର ଝଂଗା ଗ୍ରାମ, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ବଜରଙ୍ଗ ଦଳ କର୍ମୀଙ୍କ ରଥ ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଭୁ କୁଞ୍ଜବିହାରୀଙ୍କ ବାସୀ ରଥଯାତ୍ରା, ସ୍ଥାନ: ସୁଭଦ୍ରା କ୍ଷେତ୍ର ଗଡ଼କୁଜଙ୍ଗ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ଯାଜପୁର
- ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ରସୁଲପୁର ବ୍ଲକର ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜଗନ୍ନାଥ ମନ୍ଦିରର ରଥଟଣା, ସ୍ଥାନ: ମନ୍ଦିର ପରିସରରୁ ମାଉସୀ ମା' ମନ୍ଦିର(ସଦାବ୍ରତ ମଠ) ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ ଏବଂ ମୂଲ୍ୟବାନ ଜିନିଷ ଲାଭ ଯୋଗ ରହିଛି। ପାରିବାରିକ ପରିସ୍ଥିତି ଅଶାନ୍ତ ରହିବା ସହ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। ଦ୍ୱିଜା ନକ୍ଷତ୍ରର କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ଉନ୍ନତ ରହିବ।

**ବୃଷ**
କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। କୌଣସି ନୂତନ କର୍ମାରମ୍ଭ କରିବେ, ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ମୃଗଶିରା ନକ୍ଷତ୍ରର ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କର ଅନୁକମ୍ପାଜନିତ ଅର୍ଥଲାଭର ସୂଚନା ରହିଛି। ଆପଣଙ୍କ ଯୁକ୍ତିର ସତ୍ୟତା ଥିଲେ ମଧ୍ୟ ତାହା କେତେକଙ୍କୁ ପସନ୍ଦ ଆସି ନ ପାରେ। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। କିନ୍ତୁ ସତର୍କତା କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ**
ଆପଣଙ୍କ ଅନ୍ତର୍ନିହିତ ଦୁର୍ବଳତା ଜାଣିଲେ ମଧ୍ୟ ବନ୍ଧୁମାନେ ମୁହଁରେ କିଛି କହିବେ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ। ପୁଷ୍ୟା ନକ୍ଷତ୍ର ଦୀର୍ଘଦିନରୁ ଆଶା କରିଥିବା କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଅତି ଭଲ ସମ୍ପର୍କ ରହିଥିବା ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ କାମ ହାସଲ କରିବେ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପୂର୍ବାଫାଲଗୁନୀ ମାଲିମକଦ୍ଦମା, ଚୁକ୍ତିପତ୍ର, ରପ୍ତାନି ବାଣିଜ୍ୟରେ ଉନ୍ନତ ଫଳ ପାଇବେ।

**କନ୍ୟା**
ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିରହୋଇ ରହିପାରିବେ ନାହିଁ। ହସ୍ତା ନକ୍ଷତ୍ର ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ମତକୁ ଅଗ୍ରାଧିକାର ଦେଲେ ସଫଳତା ପାଇପାରନ୍ତି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ।

**ତୁଳା**
ବିଶାଖା ନକ୍ଷତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କଲେ ବିଳମ୍ବରେ ଲକ୍ଷ୍ୟ ହାସଲ କରିପାରିବେ। ଦୂରଯାତ୍ରା, ବାଣିଜ୍ୟ, ଜମିଜମା କ୍ଷେତ୍ରରେ ଉନ୍ନତି କରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ ମାର୍ଗ ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**
ବିଭିନ୍ନ ଯୋଜନା ବନେଇଲେ ମଧ୍ୟ ଅଧିକାଂଶ ଓଲଟପାଲଟ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ରର କୌଣସି କାମ ସହଜରେ କିମ୍ବା ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବା କଷ୍ଟକର ହେବ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢାଇଦେବ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ**
ମୂଳା ନକ୍ଷତ୍ରର ପରିସ୍ଥିତି ବଦଳି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ନିକଟସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ସମସ୍ୟାର ସମାଧାନ ହୋଇଯିବ।

**ମକର**
ଯାହା ଚାହୁଁଛନ୍ତି ତାହା ପାଇବେ, ମାତ୍ର ଏଥିପାଇଁ ଅର୍ଥବ୍ୟୟ କରିବାକୁ ପଡିପାରେ। ପ୍ରାତଃ ଯାତ୍ରା ପ୍ରୀତିପ୍ରଦ ରହିବ ଓ କୌଣସି କର୍ମାରମ୍ଭ କରିପାରନ୍ତି। ପରିବାରରେ ବନ୍ଧୁମାନଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବେ। ଶ୍ରବଣା ନକ୍ଷତ୍ର ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହୋଇପାରେ।

**କୁମ୍ଭ**
ସାମାଜିକ ସ୍ଥିତି ଭଲ ରହିବା ଫଳରେ ପ୍ରତ୍ୟେକ କାମରେ ଜନସମର୍ଥନ କାମକୁ ଆଗକୁ ନେବାରେ ସହାୟକ ହେବ। ପରିବାରର ଆବଶ୍ୟକତା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶତଭିଷା ନକ୍ଷତ୍ର ଶିକ୍ଷାରେ ସଫଳତା ଲାଭକରିବେ। ସାମାଜିକ ସ୍ତରରେ ବ୍ୟବସାୟ, ରେଷ୍ଟୁରାଣ୍ଟ, ଶିଳ୍ପ, କଳା, ସ୍ଥାପତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମୀନ**
ପ୍ରତ୍ୟେକ କାମକୁ ସମସ୍ୟାମୁକ୍ତ କରାଇବାରେ ସାହାଯ୍ୟକାରୀ ହୋଇପାରିବ। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। ରେବତୀ ନକ୍ଷତ୍ର ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ପ୍ରତ୍ୟେକ ସ୍ତରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

ଆଜି ଜୁଲାଇ ୮ ତାରିଖ, ମୁସ୍‌ଲିମ ନବବର୍ଷ, ମହରମ ମାସ ଆରମ୍ଭ, ଅଲ୍-ହିଜରା, ଆଷାଢ ଶୁକ୍ଳ ତୃତୀୟା ସୋମବାର, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୭ ଗତେ, ଘ.୧୦।୩୨ ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ. ୦୬।୫୬ ଗତେ, ଘ.୦୮।୩୪ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ବସ୍‌ରୁ ୨.୮୯କୋଟିର ...



ଡିଆର୍‌ଆଇ ପକ୍ଷରୁ ୨ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଜବତ ସୁନାକୁ ଶନିବାର କୋଲକାତାରୁ ବସ୍ ଯୋଗେ ଚାଲାଣକାରୀଦ୍ୱୟ ହାଇଦ୍ରାବାଦ ନେଉଥିଲେ ବୋଲି ଡିଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨ ଅଭିଯୁକ୍ତ ଉକ୍ତ ସୁନା ବିସ୍କୁଟଗୁଡିକୁ ଅଣ୍ଟାବନ୍ଧା କପଡାରେ ଲୁଚାଇ ଚାଲାଣ କରୁଥିଲେ। ଏ ସଂକ୍ରାନ୍ତରେ କଷ୍ଟମ୍‌ସ ଆକ୍ଟ-୧୯୬୨ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋଲକାତାରୁ ଏକ ବସ୍‌ରେ ସୁନା ଚାଲାଣ ହେଉଥିବା ନେଇ ଡିଆର୍‌ଆଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହାପରେ ଡିଆର୍‌ଆଇ ଅଧିକାରୀମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଉକ୍ତ ବସ୍‌ରେ ଚଢ଼ାଉ କରି ଚାଲାଣକାରୀଦ୍ୱୟଙ୍କୁ କାବୁ କରିଥିଲେ।

## ବଡ଼ଦାଣ୍ଡେ ମହାପ୍ରଭୁ...

୮ଟା ୪୫, ବେଶ ଶେଷ ୯ଟା, ସୂର୍ଯ୍ୟପୂଜା ୯ଟା ୫, ଦ୍ୱାରପାଳ ପୂଜା ୯ଟା ୨୦ରେ ହୋଇଥିଲା। ଗୋପାଳ ବଲ୍ଲଭ ଓ ସକାଳ ଧୂପ ୧୦ଟା ୨୦ରେ ଶେଷ ହୋଇଥିଲା। ରଥ ପ୍ରତିଷ୍ଠା ୧୦ଟା, ମଙ୍ଗଳାର୍ପଣ ୧୧ଟା, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି, ଡୋର ଲାଗି ହୋଇ ୧୧ଟା ୧୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ। ଦିନ ୨ଟା ୨୦ରେ ପହଣ୍ଡି ସରିଥିଲା। ୨ଟା ୨୫ରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା। ମଇଲମ ପରେ ବେଶ ସରିଥିଲା। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାଖଡ଼ିକାରେ ଛେରାପହଁରା କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୩ଟା ୪୦ରେ ଛେରାପହଁରା ସରିବା ପରେ ରଥରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ଅପରାହ୍ନ ୪ଟା ୫୪ରେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ଭକ୍ତି ଓ ଉତ୍ସାହରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଇଥିଲେ। ସନ୍ଧ୍ୟା ୬ଟା ୪୫ରେ ରଥଟଣା ବନ୍ଦ ରଖାଯାଇଥିଲା। ଘୋଷଯାତ୍ରାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇ ରଥ ଟାଣିଥିଲେ। ଏହି ଅବସରରେ ଉତ୍କଳ ପ୍ରସଙ୍ଗକୁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ପ୍ରମୁଖ ଉନ୍ମୋଚନ କରିଥିଲେ।

## ଆଜି ଏନ୍‌ଇଇଟି (ୟୁଜି) ...

କରାଗଲେ ଏହାର ଫଳ ଓଲଟା ହେବା ସହ ଲକ୍ଷ ଲକ୍ଷ ସଚ୍ଚୋଟ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେବେ ବୋଲି କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। କୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା ଜୁଲାଇ ୮ କଜ୍‌ଲିଷ୍ଟ ଅନୁଯାୟୀ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ପରୀକ୍ଷା ସମ୍ପର୍କିତ ୩୮ଟି ପିଟିଶନ୍‌ର ଶୁଣାଣି କରିବ।

## ରଥଯାତ୍ରାରେ ଠେଲାପେଲା...

ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣାବେଳେ ଜଣେ ପୁରୁଷ ଭକ୍ତ ଅଣନିଃଶ୍ୱାସୀ ହୋଇ ତଳେ ପଡ଼ିଯିବାରୁ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସେଣ୍ଟ ଜନ୍ ଆମ୍ବୁଲାନ୍ସର ଅତିରିକ୍ତ କମାଣ୍ଡାଣ୍ଟ ସୁଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ସୁଦର୍ଶନଙ୍କ ପହଣ୍ଡି ବିଜେ ସମୟରେ କର୍ଡନ ଭିତରେ ଅଧିକ ଲୋକ ରହିଯିବା କାରଣରୁ ଠେଲାପେଲ ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା।

## ମୃତକଙ୍କ ପରିବାରକୁ ୪ ଲକ୍ଷର ଅନୁକମ୍ପା ରାଶି
### ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର): ରଥଯାତ୍ରା ସମୟରେ ଭିଡ଼ ଯୋଗୁ ବଲାଙ୍ଗୀର ସଇଁତଲାର ଶ୍ରଦ୍ଧାଳୁ ଲଳିତ ବଗର୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପରଲୋକ ଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି। ଏଥିସହିତ ମୃତବ୍ୟକ୍ତିଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରଥଟଣାବେଳେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌ଟିଏ ଉଚ୍ଛେଦ, ପୁନଃ ଏନ୍‌ଇଇଟି-ୟୁଜି ପରୀକ୍ଷା ଦାବିରେ ବିକ୍ଷୋଭ




ଏନ୍‌ଟିଏ ଉଚ୍ଛେଦ, ପୁନଃ ଏନ୍‌ଇଇଟି-ୟୁଜି ପରୀକ୍ଷା ଦାବିରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

**ନୂଆଦିଲ୍ଲୀ,୭।୭**

ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ ବିବାଦ ଲାଗିରହିଥିବାବେଳେ ବିଭିନ୍ନ ଜାତୀୟ ଏବଂ ରାଜ୍ୟସ୍ତରୀୟ ପରୀକ୍ଷା ବାତିଲ ଏବଂ ସ୍ଥଗିତ ହୋଇଛି। ଏହାକୁ ବିରୋଧ କରି ରବିବାର ଦିଲ୍ଲୀର ଯନ୍ତରମନ୍ତରଠାରେ ବହୁସଂଖ୍ୟାରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏ ଉଚ୍ଛେଦ ସାଙ୍ଗକୁ ପୁଣିଥରେ ଏନ୍‌ଇଇଟି-ୟୁଜି ପରୀକ୍ଷା କରାଯିବାକୁ ଦାବି କରିଛନ୍ତି। ଏଥିସହିତ ପରୀକ୍ଷା ପରିଚାଳନାଜନିତ ତ୍ରୁଟିର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯାଉ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି ଜଣାଇଛନ୍ତି। ଛାତ୍ରୀଛାତ୍ର 'ଏନ୍‌ଟିଏ ଉଚ୍ଛେଦ କର' ଏବଂ 'ଏନ୍‌ଟିଏ ନିଶ୍ଚୟ ଯିବ' ପୋଷ୍ଟର ଧରି ବିକ୍ଷୋଭ କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତ ମେ' ୫ରେ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଅନୁଷ୍ଠିତ ହୋଇଥିଲା। ସାରା ଦେଶର ବିଭିନ୍ନ ପରୀକ୍ଷାକେନ୍ଦ୍ରରେ ୨୪ ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ତେବେ ଫଳ ପ୍ରକାଶ ପାଇବା ପରେ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଖବର ସାମ୍ନାକୁ ଆସିଥିଲା। ବିଭିନ୍ନ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହେବା ସହ କେତେଜଣ ପିଲାଙ୍କଠାରୁ ୩୦ରୁ ୩୨ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଓ ଉତ୍ତର ଯୋଗାଇ ଦିଆଯାଇଥିଲା। କେତେକ କେନ୍ଦ୍ରରେ ଟଙ୍କା ଦେଇଥିବା ପିଲାମାନଙ୍କ ବ୍ଲାଙ୍କ୍ ଖାତାକୁ ପୂରଣ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ଏହିସବୁ ଅନିୟମିତତା ଜଣାପଡ଼ିବା ପରେ ପରୀକ୍ଷା ବାତିଲ କରାଯାଇ ସାନି ପରୀକ୍ଷା କରାଇବା ପାଇଁ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ସାନି ପରୀକ୍ଷା କରାଇବା ଦାବିରେ ସୁପ୍ରିମକୋର୍ଟରେ ୩୮ ପିଟିଶନ ଦାଏର ହୋଇଥିବାବେଳେ ସୋମବାର ସେଗୁଡ଼ିକର ଶୁଣାଣି ହେବ।

# ୭ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ
## ମହିଳାଙ୍କୁ ଦୁର୍ବ୍ୟବହାର, ପୁଅଙ୍କୁ ଆକ୍ରମଣ ଘଟଣା

**ଭୁବନେଶ୍ୱର,୭।୭(ସୂର୍ଯ୍ୟକାନ୍ତ ବେହେରା)**

ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ପୁଅଙ୍କୁ ରାତିରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୭ ବର୍ଷ ପରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିବା କଟକର ମନୋଜ କୁମାର ମହାପାତ୍ର। ତାଙ୍କଠାରୁ ଗୋଟିଏ ସ୍କୁଟି ଜବତ ହୋଇଛି।

ସୂଚନାନୁସାରେ, ୨୦୧୭ ଜାନୁଆରୀ ୧୮ରେ ବାପୁଜୀନଗର ବସ୍ତିର କେତେଜଣ ଅସାମାଜିକ ବ୍ୟକ୍ତି ଅଭିଯୋଗକାରିଣୀଙ୍କ ଘରେ ପଶି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ଫଳରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଓ ସହଯୋଗୀମାନେ ସେହିଦିନ ରାତି ୧୦ ଟାରେ ଅଭିଯୋଗକାରିଣୀଙ୍କ ପୁଅ ସ୍କୁଟି ଯୋଗେ କଦଳୀ ଗୋଦାମକୁ ଯାଉଥିବାବେଳେ ରାସ୍ତାରେ ଅଟକାଇ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିବା ସହ ସ୍କୁଟିକୁ ବାଡେଇ ଭାଙ୍ଗି ଦେଇଥିଲେ।

# ଗଜା ହେଉନି ବିହନ, ଚିନ୍ତାରେ ଚାଷୀ

ଭବାନୀପାଟଣା,୭।୭
(ଉତ୍ତମ କୁମାର ଦାଶ)

## ଧୋକା ଦେଉଛି ନାମୀଦାମୀ କମ୍ପାନୀର ଧାନ ବିହନ



ଧର୍ମଗଡ଼ ଅଞ୍ଚଳରେ ଜଣେ ଚାଷୀ ଧାନ ଠିକ୍ ଭାବେ ଗଜା ହୋଇ ନ ଥିବା ଦେଖୁଛନ୍ତି।

ଚଳିତ ଖରିଫ ଚାଷ ପାଇଁ ଚାଷୀମାନେ ଧାନ ବିହନ ତଳି ପକାଇଥିଲେ। ହେଲେ ଆବଶ୍ୟକ ଗଜା ବାହାରିଲାନାହିଁ। କେଉଁଠି ୨୦ ପ୍ରତିଶତ ତ କେଉଁଠି ୩୦ପ୍ରତିଶନ ଗଜା ବାହାରିଛି। କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଛି ଏହି ସମସ୍ୟା। ଅଧିକ ଅମଳ ହେବା ଆଶାରେ ଚାଷୀମାନେ ବିଭିନ୍ନ ନାମୀଦାମୀ କମ୍ପାନୀର ବିହନ କିଣି କ୍ଷେତରେ ପକାଇଥିଲେ। ହେଲେ ଧୋକା ଦେଇଛି ବିହନ।

ଜିଲାର ଧର୍ମଗଡ ବ୍ଲକ ତମ୍ୱାଛଡା, ନନ୍ଦଗାଁ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ନିର୍ଦ୍ଦିଷ୍ଟ କମ୍ପାନୀର ମହିମା ଧାନ ବିହନ ଓ ଅନ୍ୟ ଏକ କମ୍ପାନୀର ୭୦-୭୫ ଧାନ ବିହନ ସରକାରୀ ସ୍ୱୀକୃତି ପ୍ରାପ୍ତ ଦେକାନରୁ କିଣିଥିଲେ। ଏହା ପରେ ଜମିରେ କାଦୁଅ କରି ବିହନ ବୁଣିଥିଲେ। ବୁଣିବାର ୪ ରୁ ୫ ଦିନ ପରେ ଗଜା ହେବାକୁ ଥିବା ବେଳେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ଆବଶ୍ୟକ ଗଜା ହେଲା ନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଭାଲେଣି ପଡିଛି। ଏହା ଗଜା ନ ହେବାରୁ ନିକଟସ୍ଥ କୃଷି ବିଭାଗକୁ ଚାଷୀମାନେ ଯୋଗାଯୋଗ କରିଥିଲେ। ତୁରନ୍ତ ବିଭାଗୀୟ ଅଧିକାରୀ ଜମି ପରିଦର୍ଶନ କରି ଏହି ବିହନରେ ଅସୁବିଧା ଥିବା ମଧ୍ୟ ସ୍ୱୀକାର କରିଥିଲେ। କୃଷି ବିଭାଗ ପକ୍ଷରୁ ଏହି ସବୁ ଧାନ ବିହନ କିଣିଥିବା ଚାଷୀଙ୍କ ଟଙ୍କା ଫେରାଇବାକୁ ସମ୍ପୃକ୍ତ ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେତେକ ଚାଷୀ ବିହନ ବାବଦକୁ ଦେଇଥିବା ଟଙ୍କା ଫେରି ପାଇଛନ୍ତି। କେତେକ ଚାଷୀ ଅନ୍ୟ ଧାନବିହନ ଆଣୁଛନ୍ତି। ଚାଷୀ ଏବେ ପୁଣି ଖର୍ଚ୍ଚ କରି କ୍ଷେତ କାଦୁଅ କରି ଅନ୍ୟ ବିହନ ପକାଇବାକୁ ବାଧ୍ୟ ହେଉଛନ୍ତି। ଅଯଥାରେ ଦୁଇଥର ଖର୍ଚ୍ଚାନ୍ତ ହୋଇଛନ୍ତି। ଜିଲାର ଅଣ ଜଳସେଚିତ ଅଞ୍ଚଳର ଚାଷୀମାନଙ୍କ ପାଇଁ ଏହି ସମସ୍ୟା ମୁଣ୍ଡବ୍ୟଥାର କାରଣ ପାଲଟିଛି। କାରଣ ବର୍ତ୍ତମାନ ପରିପେକ୍ଷୀରେ ପର୍ଯ୍ୟାପ୍ତ ପରିମାଣର ବର୍ଷା ନାହିଁ। ଧର୍ମଗଡ଼ ବ୍ଲକ ତମ୍ୱାଛଡାର ଚାଷୀ ଭାଗିରଥି ପାଟଯୋଶୀ କହିଛନ୍ତି, ୧୫ ଏକର ପାଇଁ ମହିମା ଧାନ ବିହନ ଆଣିଥିଲେ। ବିହନ ପକାଇବା ପରେ ୨୦ ରୁ ୩୦ ପ୍ରତିଶତ ଧାନ ଗଜା ହେଇଛି। ସେହିପରି ମାଲପଡ଼ା ଗ୍ରାମର ଚାଷୀ ବ୍ରହ୍ମା ନାଏକ କହିଛନ୍ତି, ୭୦-୭୫ ଧାନ ବିହନ ତଳି ପକାଇଥିଲେ। ସପ୍ତାହେ ପରେ ବି ଗଜା ଆସିଲା ନାହିଁ।

କଳାହାଣ୍ଡି ଜିଲାରେ ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ବିହନ ଦେକାନରେ ଏହି ସବୁ ବିହନ ମହଜୁଦ ଥିବାବେଳେ ଯାଞ୍ଚ ହେବା ଆବଶ୍ୟକ ବୋଲି ମତ ରଖୁଛନ୍ତି ଚାଷୀନେତା। ସେହିପରି ଡିଲରମାନେ ବିହନ ବିକ୍ରି କରିବା ପୂର୍ବରୁ ସେହି ବିହନ କେତେ ପ୍ରତିଶତ ଗଜା ହେଉଛି ତାହା ମଧ୍ୟ ପରୀକ୍ଷା କରିବା ନିୟମ ରହିଛି ବୋଲି କୃଷି ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ବିହନ ଡିଲର। ଏ ନେଇ ଧର୍ମଗଡ଼ କୃଷି ଜିଲା ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଯେଉଁ ଚାଷୀମାନଙ୍କ କ୍ଷେତ୍ରରେ ଏପରି ସମସ୍ୟା ଦେଖାଦେଇଛି। ସେମାନଙ୍କୁ ଟଙ୍କା ଫେରାଇବାକୁ ସମ୍ପୃକ୍ତ ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୭।୭
(ଦୁର୍ଯ୍ୟୋଧନ ପତ୍ର)

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ସୁକ୍ମା ପୋଲିସ ନିକଟରେ ୨ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବାଙ୍କ ମଧ୍ୟରୁ ୨ ଲକ୍ଷ ପୁରସ୍କାର ଘୋଷିତ କର୍ଟମ ସୁକା ଓ ୧ ଲକ୍ଷ ପୁରସ୍କାର ଘୋଷିତ ସୋୟମ ବୁଦ୍ର ରହିଛନ୍ତି। ତେବେ ୫ ଜଣ ରବିବାର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡ଼ା ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ମାଓବାଦୀ ଦମନ ଲାଗି କ୍ୟାମ୍ପ ପ୍ରତିଷ୍ଠା ଓ ମାଓବାଦୀ ଶିବିରରେ ପୂର୍ବ ଆଦର୍ଶ ନ ଥିବାରୁ ଏମାନେ ଆତ୍ମସମର୍ପଣ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହ ଥଇଥାନ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।




# ଟ୍ରକ୍ ପଛକୁ ପିଟିଲା ବୋଲେରୋ, ଜଣେ ମୃତ

ସେମିଳିଗୁଡ଼ା/ସୁନାବେଡା, ୭।୭ (ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ାରୁ ନନ୍ଦପୁର ଅଭିମୁଖେ ଯାଉଥିବା ରାସ୍ତାର ଯାନିଗୁଡ଼ା ରାଜୁ ବିଡ଼ାଇ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦପୁର ହରିଜନ ସାହିର କପିଳାସ ଖିଲଙ୍କ ପୁଅ ଅଭିଷେକ ଜିଆଙ୍ଗ ଖିଲ। ଏହି ଦୁର୍ଘଟଣାରେ ବୋଲେରୋ ଚାଳକ ରାଜେଶ ପାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ଯାନିଗୁଡା ରାଜୁ ବିଡ଼ାଇ ଛକ ନିକଟରେ ଶନିବାର ରାତି ପ୍ରାୟ ୧୧ଟାରେ ଏକ ବୋଲେରୋ (ଓଡି ୧୦ ଜେ ୯୮୯୯) ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ (ଏପି ୩୧ ଟିଡ଼ି ୫୬୧୧)କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବୋଲେରୋ ଚାଳକ ରାଜେଶ ପାତ୍ର ଏବଂ ତାଙ୍କ ସହ ଗାଡ଼ିରେ ବସିଥିବା ଅଭିଷେକ ଜିଆଙ୍ଗ ଖିଲ ଗୁରୁତର ଆହତ ହୋଇଥିଲେ। ଖବରପାଇ ସେମିଳିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅଭିଷେକଙ୍କ ସ୍ଥିତି ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ବିଶାଖାପାଟଣା ଯିବା ବାଟରେ ସେମିଳିଗୁଡା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ମରଶରୀରକୁ ନେଇ ପୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରିଆସିଥିଲା। ସେମିଳିଗୁଡା ଏସଆଇ ବାବାଜୀ ଚରଣ କୁଅଁର ଏବଂ ଦିଗନ୍ତ ପ୍ରଭୁସହାୟ ସୁନାବେଡା ଗୋଷ୍ଠୀକେନ୍ଦ୍ରରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ସେମିଳିଗୁଡା ଥାନାରେ କେସ ନଂ ୮୮/୨୪ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଏଏସଆଇ ପ୍ରଭୁସହାୟ କହିଛନ୍ତି। ଅପରପକ୍ଷେ ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ପୋଲିସ ଥାନାରେ ଅଟକ ରଖିଛି।

# ପାରଳା ରାଜବଂଶଙ୍କ ଦ୍ୱାରା ଆରମ୍ଭ ଟ୍ରେନ୍ ଇଞ୍ଜିନ ପାରଳାରେ ପହଞ୍ଚିଲା




ପାରଳାଖେମୁଣ୍ଡି, ୭।୭
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରେଳ ଷ୍ଟେଶନରେ ପହଞ୍ଚିଛି ପାରଳା ରାଜବଂଶୀୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପୁରାତନ ରେଳ ଇଞ୍ଜିନ। ଏହି ବାଷ୍ପୀୟ ଇଞ୍ଜିନଟି ୧୮୯୯ରେ ଗଜପତି ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମୟରେ ୭ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିଲା। ଲୋକଙ୍କ ଯାତାୟାତ ପାଇଁ ପାରଳା ରାଜବଂଶୀୟ ଯେଉଁ ରେଳସେବା ଆରମ୍ଭ କରିଥିଲେ ତାହା ଭାରତ ବର୍ଷରେ କିଛି ହାତଗଣତି ସ୍ଥାନରେ ହିଁ ସେତେବେଳେ ରହିଥିଲା। ଦୀର୍ଘ ବର୍ଷ ଧରି ଏହି ରେଳ ଇଞ୍ଜିନଟି ପୂର୍ବତଟ ରେଳଜୋନ ୱାଲଟିୟର ଡିଭିଜନ କାର୍ଯ୍ୟାଳୟଠାରେ ଶୋଭାବର୍ଦ୍ଧନ କରୁଥିଲା। ଏହି ଇଞ୍ଜିନକୁ ଗଜପତି ଜିଲାର ଜନସାଧାରଣ ଓ ବୁଦ୍ଧିଜୀବୀ ପାରଳାଖେମୁଣ୍ଡିକୁ ଆଣିବା ପାଇଁ ଦାବି କରିଆସୁଥିଲେ। ଏହି ଦାବିକୁ ଯଥାର୍ଥ ବୋଲି ରେଳ ମନ୍ତ୍ରାଳୟ ହୃଦବୋଧ କରିଥିଲା। ଶନିବାର ରାତିରେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଉକ୍ତ ଇଞ୍ଜିନକୁ ପାରଳାଖେମୁଣ୍ଡି ଷ୍ଟେଶନକୁ ଅଣାଯାଇଛି। ଏହି ଇଞ୍ଜିନଟି ଷ୍ଟେଶନ ସମ୍ମୁଖରେ ପ୍ରଦର୍ଶନ ନିମନ୍ତେ ରଖାଯିବ ବୋଲି ଜଣାପଡ଼ିଛି।

# ଫୁଲଚାଷର ପ୍ରସାର ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ସମ୍ବଲପୁର,୭।୭
(ଭବାନୀ ଶଙ୍କର ଭୋଇ)

■ ଚାଷୀଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ

ଓଡ଼ିଶାରେ ଫୁଲଚାଷର ପ୍ରସାର ପାଇଁ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌ ଜାତୀୟ ବୈଜ୍ଞାନିକ ଏବଂ ଶିଳ୍ପ ଅନୁସନ୍ଧାନ କେନ୍ଦ୍ର ଓ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଜାତୀୟ ବୈଜ୍ଞାନିକ ଏବଂ ଶିଳ୍ପ ଅନୁସନ୍ଧାନ କେନ୍ଦ୍ର ଅଧୀନ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ (ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ) ଓଡ଼ିଶାରେ ଫୁଲଚାଷର ପ୍ରସାର ପାଇଁ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ସହଯୋଗରେ ଚାଷୀମାନଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବ। ଚାଷୀଙ୍କୁ ନୂତନ ତଥା ଉନ୍ନତ କିସମର ସୁଗନ୍ଧିତ ଫୁଲ ଚାଷ ପାଇଁ ତାଲିମ ପ୍ରଦାନ କରାଯିବ। ସେମାନଙ୍କୁ ବିଭିନ୍ନ ରାଜ୍ୟରେ ରହିଥିବା ଅଗ୍ରଣୀ ଚାଷୀମାନଙ୍କ ଫୁଲଚାଷ କ୍ଷେତ ପରିଦର୍ଶନରେ ନେବା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ସହ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଫୁଲକୁ ମାର୍କେଟିଂ କରିବା ଦାୟିତ୍ୱ ନେବ। ଏହାଦ୍ୱାରା ଫୁଲ ଚାଷୀମାନଙ୍କ ପାଇଁ ସୁନିଶ୍ଚିତ ଆୟର ବ୍ୟବସ୍ଥା କରାଯାଇ ପାରିବ ବୋଲି କୁହାଯାଉଛି।

ଯୁଯୁମୁରା ବ୍ଲକର ବାରିବନ୍ଧଠାରେ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନର ବିଜ୍ଞାନୀ ଡା. ଚନ୍ଦ୍ରଶେଖର ମହାନ୍ତି, ଡା. ସନ୍ଦୀପ କୁମାର ବେହେରା ଏବଂ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ, ନିର୍ଦ୍ଦେଶକ ଲିଙ୍ଗରାଜ ସାହୁ ଓ କୃଷକ ଗୁରୁଚରଣ ପଧାନ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ହସ୍ତାକ୍ଷର ହେବା ଦ୍ୱାରା ଫୁଲଚାଷର ବିଭିନ୍ନ ଦିଗ ଉପରେ ଆଗ୍ରହୀ ଚାଷୀମାନଙ୍କ ପାଇଁ ନିୟମିତ ତାଲିମ ଶିବିର ଆୟୋଜନ କରାଯାଇ ପାରିବ ଏବଂ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସନୀ କହିଛନ୍ତି। ଏହି ଅବସରରେ ସମ୍ବଲପୁର ଅଭିନବ କୃଷି ଗବେଷଣା ସଂସ୍ଥାର ଡ. ଅଭିଳାଷ ପଧାନ ଉପସ୍ଥିତ ଥିଲେ। ଯୁଯୁମୁରା ବ୍ଲକର ସନାତନପାଲିରେ ୧୫ଏକରରୁ ଅଧିକ ଅଞ୍ଚଳରେ ଗେଣ୍ଡୁ ଚାଷ କରାଯାଉଥିବା ବେଳେ ସମ୍ବଲପୁର ଜିଲାରେ ପ୍ରାୟ ଶହେ ଏକର ଜମିରେ ଫୁଲଚାଷ କରାଯାଉଛି। ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ହଜାରେରୁ ଅଧିକ ଚାଷୀ ସଦସ୍ୟ ରହିଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଜିଲା ତଥା ରାଜ୍ୟରେ ଫୁଲଚାଷୀଙ୍କ ତାଲିମ ଏବଂ ଗବେଷଣା କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ବିଶ୍ୱାସ କରାଯାଉଛି। ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ଚାଷୀମାନଙ୍କୁ ୩ ଲକ୍ଷ ଗେଣ୍ଡୁ ଏବଂ ରଜନୀଗନ୍ଧା ଚାରା ନିଃଶୁଳ୍କ ବଣ୍ଟନ କରାଯାଇଥିଲା। ଚଳିତବର୍ଷ ୧୮ଲକ୍ଷ ଫୁଲଚାରା ବଣ୍ଟନ କରାଯିବ ବୋଲି ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅନ୍ଧାରକଣା**
**ଯେଣେ ଗଲେ ତେଣେ ବଣା।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।


**ଅଫୁଆ ଭୋଳ, ମଦୁଆ ଶୋର**
**ଗଞ୍ଜେୟା ଘରେ ନିତି ଗୋଳ।**

ଅଫିମ ଖାଉଥିବା ବ୍ୟକ୍ତି ସଦାସର୍ବଦା ନିଶାରେ ଭୋଳ ହୋଇ ରହିଥାଏ। ମଦ ପିଉଥିବା ବ୍ୟକ୍ତି ମଦ ନିଶାରେ ପାଟିତୁଣ୍ଡ କରିଥାଏ। ସେହିପରି ଗଞ୍ଜେଇ ଖାଉଥିବା ବ୍ୟକ୍ତି ନିଇତି କଳିଝଗଡା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡ଼ିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢ଼ାଇ ବଢ଼ାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ଆମେରିକାରେ ବନ୍ଧୁକ

ଆମେରିକା ପାଇଁ ଜୁଲାଇ ୪ ଏକ ସ୍ମରଣୀୟ ଦିବସ। ୧୭୭୬ ମସିହା ଏହି ଦିନ ବ୍ରିଟିଶ୍ ସରକାର ଅଧୀନରୁ ଆମେରିକା ସ୍ୱାଧୀନତା ପାଇଥିଲା ଏବଂ ଏହାକୁ ପ୍ରତିବର୍ଷ ପାଳନ କରାଯାଉଛି। ଚଳିତବର୍ଷ ଜୁଲାଇ ୪ରେ ଆମେରିକୀୟମାନେ ଏହାକୁ ପାଳନ କରିବା ଅବସରରେ ବିଭିନ୍ନ ସ୍ଥାନରେ ଗୁଳିକାଣ୍ଡ ଘଟି ଅତିକମ୍‌ରେ ୩୩ ଜଣଙ୍କର ମୃତ୍ୟୁ ଘଟିଛି। କେବଳ ଶିକାଗୋରେ ସର୍ବାଧିକ ୧୧ ଜଣଙ୍କର ମୃତ୍ୟୁ ହେବା ସହ ୫୫ ଆହତ ହୋଇଛନ୍ତି। ଏହା ନୂଆ ନୁହେଁ, ଅତୀତରେ ଏହି ଦିନଟି ଆମେରିକା ପାଇଁ ସବୁଠୁ ଦୁଃଖଦ ରହିଆସିଛି। ଗନ୍ ଭାଓଲେନ୍ସ ଆର୍କାଇଭ୍ ବା ବନ୍ଧୁକ ହିଂସାଜନିତ ତଥ୍ୟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଜୁଲାଇ ୪ରେ ମୋଟ ୫୮ଟି ଗଣଗୁଳିକାଣ୍ଡ (ମାସ୍ ଶୁଟିଂ) ଘଟିଛି। କେବଳ ଏତିକି ନୁହେଁ, ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ଶନ ତଥ୍ୟ ଅନୁଯାୟୀ ୨୦୨୧ରେ ୪୮,୮୩୦ ଜଣଙ୍କର ବନ୍ଧୁକ ହିଂସାରେ ମୃତ୍ୟୁ ଘଟିଛି। ଏହା ଆମେରିକାରେ ପ୍ରଚଳିତ ବନ୍ଧୁକ ସଂସ୍କୃତି ତଥା କୋହଳ ବନ୍ଧୁକ ଆଇନ ଯୋଗୁ ଘଟୁଛି ବୋଲି କୁହାଯାଉଛି। ଆମେରିକୀୟମାନଙ୍କୁ ବନ୍ଧୁକ ରଖିବା ପାଇଁ ସାମ୍ବିଧାନିକ ଅଧିକାର ମିଳିଛି ଓ ଏହା ଏକ ସାଧାରଣ କଥା ହୋଇଯାଇଛି। ଏମିତି ସ୍ଥିତି ଉପୁଜିଛି ଯେ, ୧୦୦ ଜଣ ଆମେରିକୀୟଙ୍କ ପାଖରେ ୧୨୦ ବନ୍ଧୁକ ରହିଛି ଓ ଏହି ଅଧିକାର ଘାତକ ହୋଇଚାଲିଛି। ସେଥିପାଇଁ ଆମେରିକାରେ ଗଣଗୁଳିକାଣ୍ଡ ଓ ବନ୍ଧୁକଜନିତ ଘରୋଇ ହିଂସାରେ ବିଶ୍ୱରେ ସବୁଠୁ ଅଧିକ ଲୋକଙ୍କ ମୃତ୍ୟୁ ହେଉଛି। ବନ୍ଧୁକ କିଣା ଉପରେ କୌଣସି ପ୍ରତିବନ୍ଧକ ଲଗାଯାଇ ନ ଥିବାରୁ ନାବାଳକମାନେ ମଧ୍ୟ ବନ୍ଧୁକ ହାତେଇ ନେଇ ପାରୁଛନ୍ତି। ଏପରିକି ମାନସିକ ସମସ୍ୟା ଥିବା ବ୍ୟକ୍ତି ଏହାର ଅଧିକାରୀ ହେଉଛନ୍ତି। ବନ୍ଧୁକ ଉପରେ ପରିବାରର ନଜର ରହୁ ନ ଥିବାରୁ ବହୁ ସମୟରେ ଏହା ପିଲାଙ୍କ ହାତରେ ପଡ଼ିଯାଉଛି ଓ ଗଣଗୁଳିକାଣ୍ଡ କିମ୍ବା ସେମାନଙ୍କ ଆତ୍ମହତ୍ୟାର କାରଣ ହେଉଛି। ଏହାର ସତ୍ୟାସତ୍ୟ ସାମ୍ନାକୁ ଆଣିଛି ବିଶେଷଜ୍ଞ ଗୋଷ୍ଠୀକୁ ନେଇ ଗଠିତ ତଥା ୱାଶିଂଟନ୍‌ସ୍ଥିତ ପିୟୁ ରିସର୍ଚ୍ଚ ସେଣ୍ଟର। ଏହାର ରିପୋର୍ଟ ଅନୁସାରେ ୨୦୧୯ ତୁଳନାରେ ୨୦୨୧ରେ ବନ୍ଧୁକଜନିତ ହିଂସାରେ ପିଲାଙ୍କ ମୃତ୍ୟୁ ୫୦% ବୃଦ୍ଧି ପାଇଛି।

ଆମେରିକାର ଅସ୍ତ୍ରଶସ୍ତ୍ର ବ୍ୟବସାୟ ଦେଶ ଭିତରେ କିମ୍ବା ବାହାରେ ଏଭଳି ଏକ ପରିବେଶ ସୃଷ୍ଟି କରିଛି ଯେ, ତାହା ବନ୍ଧୁକ ସଂସ୍କୃତିକୁ ମଜଭୁତ କରିବା ସହିତ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯୁଦ୍ଧକୁ ଉସୁକାଉଛି। ଫଳରେ ବନ୍ଧୁକ ସଂସ୍କୃତିରୁ ଦୂରେଇଯିବାରେ ଆମେରିକା କୌଣସି ବାଟରେ ସଫଳ ହୋଇ ପାରୁନାହିଁ। ବନ୍ଧୁକ ସଂସ୍କୃତିକୁ ସମର୍ଥନ କରୁଥିବା ବର୍ଗ ଏହା ସପକ୍ଷରେ ରହିଥିବା ଲକ୍ଷ୍ୟ କରାଯାଉଛି। ଏମିତିକି ଆମେରିକାର ପଡ଼ୋଶୀ ଦେଶ କାନାଡ଼ାରେ ବନ୍ଧୁକ ସଂସ୍କୃତିକୁ ନିୟନ୍ତ୍ରଣ କରାଯିବା ପାଇଁ କଡ଼ା ଆଇନ ଅଣାଯାଇଥିବାବେଳେ ଆମେରିକାରେ ତାହା ସମ୍ଭବ ହୋଇପାରିନାହିଁ। ବନ୍ଧୁକ ଉପରେ ନିୟନ୍ତ୍ରଣ ରଖିବାକୁ ଆଇନ ଆଣିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ପୂର୍ବ ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପୂରଣ ହୋଇପାରିନାହିଁ କିମ୍ବା ହେବାର ସମ୍ଭାବନା ମଧ୍ୟ ଦେଖାଯାଉନାହିଁ। ଅନ୍ୟପକ୍ଷରେ ଆଗାମୀ ନଭେମ୍ବରରେ ହେବାକୁ ଥିବା ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଏହା ଉପରେ ବାଇଡେନ୍ କିମ୍ବା ଡୋନାଲ୍ଡ ଟ୍ରମ୍ପଙ୍କର ଆଭିମୁଖ୍ୟ କ'ଣ ରହିବ, ତାହା ଏବେଠାରୁ କହିବା କଷ୍ଟକର। ଏଠାରେ ଏତିକି କହିହେବ ଯେ, ଆମେରିକାର ଦକ୍ଷିଣପନ୍ଥୀ (ରାଇଟିଷ୍ଟ) ଗୋଷ୍ଠୀ କୋହଳ ବନ୍ଧୁକ ଆଇନକୁ ସମର୍ଥନ କରୁଥିବା ସହିତ ଆସନ୍ତା ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରୁଛନ୍ତି। ଅନ୍ୟପଟେ ତଥାକଥିତ ବାମପନ୍ଥୀ ବୋଲାଉଥିବା ଡେମୋକ୍ରାଟ ଗୋଷ୍ଠୀ ଜୋ ବାଇଡେନ୍‌ଙ୍କୁ ସମର୍ଥନ କରୁଥିଲେ ମଧ୍ୟ ସେମାନେ ବନ୍ଧୁକ ନିରୋଧ ଆଇନକୁ ପ୍ରୋତ୍ସାହନ ଦେଉ ନ ଥିବା ବିଷୟ ସ୍ପଷ୍ଟ ଜଣାପଡ଼େ। ଅର୍ଥାତ୍ ଆମେରିକାର ସବୁ ପ୍ରଭାବଶାଳୀ ରାଜନୈତିକ ଗୋଷ୍ଠୀ କୋହଳ ବନ୍ଧୁକ ଆଇନ ସପକ୍ଷରେ ରହିଛନ୍ତି। ସେଥିପାଇଁ ସେହି ଦେଶରେ ଏବେ ଅତ୍ୟଧିକ ମାତ୍ରାରେ ବନ୍ଧୁକଜନିତ ଅପରାଧ ଘଟୁଥିବା ପରିଲକ୍ଷିତ ହେଉଛି। ଏଥିସହିତ ଏହା ଦେଖାଯାଉଛି ଯେ, ସାଧାରଣତଃ ଜଣେ ବ୍ୟକ୍ତି ବନ୍ଧୁକ ଧରି ଅନେକ ଲୋକଙ୍କୁ ମାରିପକାଉଛି। ସ୍କୁଲରେ ମଧ୍ୟ ଅଳ୍ପ ବୟସ୍କ ଛାତ୍ରମାନେ ନିଜ ଘରୁ ମାତାପିତାଙ୍କ ବନ୍ଧୁକ ଆଣି ସହପାଠୀଙ୍କୁ ହତ୍ୟା କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ବନ୍ଧୁକକୁ ନେଇ ଘଟୁଥିବା ଅପରାଧ ପଛରେ କୌଣସି ଗ୍ୟାଙ୍ଗ ବା ଗୋଷ୍ଠୀ ଥିବାର ପ୍ରୟୋଜନ ନାହିଁ। ବ୍ୟକ୍ତି ବିଶେଷମାନେ ଏହିଭଳି ଭୟଙ୍କର ଆକ୍ରମଣ କରିଦେଇ ଏକାଥରକେ ଅନେକଙ୍କୁ ହତ୍ୟା କରୁଛନ୍ତି। ଏପରିକି ୨୦୨୨ରେ ବନ୍ଧୁକ କିଣିବା ଲାଗି ବୟସ ସୀମା ଲାଗୁ କରିବା ପାଇଁ ଆଇନ ଅଣାଯିବାର ପ୍ରୟାସ ମଧ୍ୟ ବିଫଳ ହୋଇଥିଲା। ଏହିସବୁ ସ୍ଥିତି ସୂଚିତ କରୁଛି ଯେ, ଆମେରିକାରେ ବନ୍ଧୁକ ରଖିବାର ଅଧିକାର ବଳବତ୍ତର ରହିଥିବା ପର୍ଯ୍ୟନ୍ତ ହିଂସା ପ୍ରଶମିତ ହେବା ସମ୍ଭାବନା କମ୍।

# ଆଇନର ଶାସନ ଏକ ଉପହାସ



**ସହଦେବ ସାହୁ**

ଆମେ କଥାକଥାକେ କହିହେଉଛୁ ଆଇନ ଆଗରେ ସମସ୍ତେ ସମାନ: କାର୍ଯ୍ୟକ୍ଷେତ୍ରରେ ଏ ଗୋଟିଏ ଆଇମା'ଙ୍କ କାହାଣୀ, ଏକ ପୁରାଣ ଗପ! ଆଇନ କହେ ନାହିଁ ମୋ ଆଖିରେ ସମସ୍ତେ ସମାନ, ଆଇନ ଲାଗୁ କରୁଥିବା ଅଧିକାରୀମାନଙ୍କୁ ନିୟନ୍ତ୍ରଣ କରୁଥିବା ନେତାମାନେ କହନ୍ତି। ଯେତେବେଳେ କେହି ଅଭିଯୋଗ କରେ ଯେ ଅମୁକକୁ ପୋଲିସ୍ ଧରୁନାହିଁ ବା ସମୁକକୁ ପୋଲିସ୍ ବିନା କାରଣରେ ଥାନା ଭିତରେ ବନ୍ଦ କୋଠରି (ଲକ୍ ଅପ୍)ରେ ରଖିଛି, ସେତେବେଳେ ଶାସକ ଦଳର ନେତାମାନେ କହନ୍ତି, ବ୍ୟସ୍ତ ହୁଅନି, ଆଇନ ତା' ବାଟରେ ଯାଉଛି। ଆଇନକୁ ଲାଗୁ କରୁଥିବା ଲୋକେ ସରକାରୀ ଅଧିକାରୀ (ଏକ୍‌ଜିକ୍ୟୁଟିଭ୍ ଶାଖାର ଅଙ୍ଗ), ସେମାନେ ନିଜର ମେଧା ଯୋଗୁ ବଛାଯାଇ ରେଗୁଲେଟର୍ ବା ନିୟାମକ ହୋଇଛନ୍ତି; କର୍ତ୍ତବ୍ୟରେ ହେଳା କଲେ ସେମାନଙ୍କୁ ଦଣ୍ଡ ମିଳିବାର ବ୍ୟବସ୍ଥା ଅଛି। ହେଳା ମାନେ ଆଇନ ବା ନିୟମକୁ ତା' ବାଟରେ ଯିବାକୁ ନ ଦେବା। ଯଥା ବା ଠିକ୍ ସମୟରେ କାମ କଲେ ଲାଞ୍ଚ କାରବାରର ସମ୍ଭାବନା ରହେ ନାହିଁ, ତେଣୁ କିରାଣି ଓ ଅଫିସରମାନେ ଫାଇଲ୍ କାମ ଡେରି କରିବା ହିଁ ଲାଞ୍ଚର ମୂଳ କାରଣ। ମନ୍ତ୍ରୀମାନଙ୍କ ପାଖରେ ଫାଇଲ୍ ପଡ଼ିରହିବା କିମ୍ବା ମନ୍ତ୍ରୀଙ୍କ ବିରୋଧରେ ଯାଉଥିବା ବ୍ୟକ୍ତିକୁ ପୋଲିସ୍ ବିଭିନ୍ନ ଆଳରେ ଗିରଫ କରିବା, ମୁଖ୍ୟଙ୍କୁ ପଚା ଅଣ୍ଡା ମାରିବା ଘଟଣାକୁ ପୋଲିସ୍ ହତ୍ୟା ଉଦ୍ୟମ ମାମଲା କରିପାରେ, ଅଥଚ ଫୁଟ୍‌ପାଥ୍‌ରେ ଶୋଇଥିବା ଦାଦନ ଶ୍ରମିକ ଉପରେ ପ୍ରଭାବଶାଳୀ ଲୋକର ଗାଡ଼ି ଚଢ଼ିଗଲେ, ଗାଡ଼ିର ବ୍ରେକ୍ ଫେଲ୍ ଦର୍ଶାଯାଇପାରେ।

ସଂସଦୀୟ ଗଣତନ୍ତ୍ରରେ ସଂସଦରେ (ରାଜ୍ୟରେ ବିଧାନସଭାରେ) ଶାସକ ଦଳରୁ ବଛା ହୋଇଥିବା ମନ୍ତ୍ରୀମାନେ ଥାକଥାକିଆ ପ୍ରଶାସନିକ ସେବା (ଏକ୍‌ଜିକ୍ୟୁଟିଭ୍ ଶାଖା)ର ସର୍ବୋଚ୍ଚ ଥାକରେ ରହନ୍ତି, ତେଣୁ ସରକାରରେ ମୁଖ୍ୟ ଭାବେ କାର୍ଯ୍ୟ କରନ୍ତି। ପରବର୍ତ୍ତୀ ନିର୍ବାଚନଯାଏ ସେମାନଙ୍କ କାର୍ଯ୍ୟକାଳ ସୀମିତ ଥିଲେ ବି ସେମାନେ ସେହି କେତେ ଦିନ ପାଇଁ ନିରଙ୍କୁଶ କ୍ଷମତାର ଅଧିକାରୀ ବୋଲି ଭାବନ୍ତି, ସେମାନେ ଚାହାନ୍ତି ନାହିଁ ଅନ୍ୟମାନଙ୍କ ଉପରେ ଆଇନ ଯେପରି ଲାଗୁ ହୁଏ ସେମାନଙ୍କ ଉପରେ ସେପରି ଲାଗୁ ହେଉ। ଲାଗୁ ହେବା ଉପରେ ଜୋର, ଆଇନର ଶବ୍ଦ ଓ ଶବ୍ଦାର୍ଥ ଉପରେ ଜୋର୍ ନୁହେଁ; ତେଣୁ ଆଇନର ବାଟ ମାନେ ଆଇନର ମର୍ମକୁ କାମରେ ଲଗାଇବା। ମନ୍ତ୍ରୀଙ୍କ ହସ୍ତକ୍ଷେପ ବା ମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତ ପୋଲିସ୍ ବିଭାଗର ପଦକ୍ଷେପକୁ ଅଚଳ କରିଦିଏ ବା ବିପଥଗାମୀ କରେ। ସେମାନେ ଏବଂ ସେମାନଙ୍କୁ ଅନୁକରଣ କରି କେତେକ ଅଧିକାରୀ ଆଇନକୁ ବାଟବଣା କରନ୍ତି। ମନ୍ତ୍ରୀଙ୍କ ଗାଡ଼ି ଆଗରେ ଲାଲବତି ତାହା ସୂଚାଉଥାଏ, ସେମାନଙ୍କ ଗାଡ଼ି ଆଗରେ (ବେଳେବେଳେ ଦି' କଡ଼ରେ ବି) ଧାବମାନ ଗାଡ଼ିରେ ପୋଲିସଙ୍କ ଉପସ୍ଥିତି ଆମ୍ବୁଲାନ୍ସର ବାଟ ଅଟକାଇ ରୋଗୀକୁ ମୃତ୍ୟୁମୁଖକୁ ପଠାଇପାରେ। ୟୁରୋପର ନର୍ଡିକ୍ ଦେଶଗୁଡ଼ିକରେ ଓ ନ୍ୟୁଜିଲାଣ୍ଡରେ ରାଷ୍ଟ୍ରମୁଖ୍ୟ (ରାଜା ହେଉ କି ପ୍ରଧାନମନ୍ତ୍ରୀ) ଗାଡ଼ିଚାଳନାର ଆଇନ ଭଙ୍ଗ କଲେ ଜରିମାନାର ଶିକାର ହେଉଥିବାର ଆମେ ଶୁଣୁ, ତାହା 'ଆଇନର ଶାସନ'ର ପ୍ରତୀକ (ତାହା ସୁନକଙ୍କ ଉପରେ ଜରିମାନା ବା ଟ୍ରମ୍ପଙ୍କ ଉପରେ ଲାଞ୍ଚ ମାମଲା ହେଉ)। କିନ୍ତୁ ଆମ ଦେଶରେ ରାଜନେତାମାନେ ଏବଂ ରୁଆବଥିବା ବା ବିତ୍ତଶାଳୀ ଲୋକେ ସଂରକ୍ଷିତ ପ୍ରାଣୀ ଶିକାର କଲେ ବା ରାସ୍ତାକଡ଼ ଲୋକଙ୍କୁ ଚକୁଟି ଗାଡ଼ି ଚଳାଇ ଚାଲିଗଲେ ଦଣ୍ଡ ପାଆନ୍ତି ନାହିଁ, ଯଦିବା ମାମଲା ହୁଏ ତାହା ଏତେ ଦିନ ଧରି ଚାଲେ ଯେ ଶେଷରେ ପ୍ରାୟ ନିରପରାଧ ଭାବେ ଖଲାସ ହୋଇଯାଉଛନ୍ତି। ଟିକସ ଫାଙ୍କିବା ବା ଭ୍ରଷ୍ଟ ଆଚରଣରେ ରୋଜଗାର କରିବା ଅନେକ ରାଜନେତାଙ୍କ ପ୍ରକୃତି ହୋଇଗଲାଣି, ସେମାନଙ୍କୁ ସାହାଯ୍ୟ କରୁଥିବା ଅଫିସରମାନେ ବି ଦି' ଧନ୍ଦା କରୁଛନ୍ତି। ସହଜେ ତ ବିଧାୟକମାନେ କେତେକ ଆଇନ ନିଜର ପଡିଆରା ବୃଦ୍ଧି ପାଇଁ କରିଛନ୍ତି, ତା' ଛଡ଼ା ନିଜକୁ ଆଇନର ଊର୍ଦ୍ଧ୍ୱରେ ରଖିବାକୁ ସେମାନଙ୍କ ସ୍ୱାଧିକାର (ପ୍ରିଭିଲେଜ୍) ବୋଲି ଭାବନ୍ତି, ଆଉ ପୋଲିସ୍ ବି ସେମାନଙ୍କୁ ସାହାଯ୍ୟ କରେ। ଆଇନ ଲାଗୁକରୁଥିବା ଅଧିକାରୀ ଅର୍ଥାତ୍ ରେଗୁଲେଟରମାନଙ୍କ ବଦଳି କରିବାର ଅଧିକାର ମନ୍ତ୍ରୀମାନେ ଜାହିର କରୁଛନ୍ତି ବୋଲି ରାଜ୍ୟର ପୋଲିସ୍ ଏତାଲାରେ ମନ୍ତ୍ରୀଙ୍କ ନାମ ଥିଲେ ତାହା ଲିଭାଇ ଦେଉଛନ୍ତି। ପ୍ରଭାବୀ ଦଳୀୟ କର୍ମୀମାନଙ୍କ ଲବି (ଖେଞ୍ଚା)ରେ ମନ୍ତ୍ରୀମାନେ ଜଣେ ଅଧେ ଅଫିସରଙ୍କୁ ବିନାକାମରେ (ଅଫିସର୍ ଅନ୍ ଲିଭ୍ ବା ଉଇଦାଉଟ୍ ଡ୍ୟୁଟି) ବସାଇ ଦେଇପାରନ୍ତି। ଜଣେ ଜଣେ ମୁଖ୍ୟମନ୍ତ୍ରୀ ଉଚ୍ଚତର ଅଧିକାରୀଙ୍କ ଉପରେ ବଦଲା ନେବା ପାଇଁ ସିଆଇଡି ବା ଭିଜିଲାନ୍ସ ଲଗାଇ ଦିଅନ୍ତି, ଦରମା ପାଇଲେ ବି ଲୋକଲଜ୍ଜା ଅଫିସରର ଚରିତ୍ରକୁ ଜାଳିଦିଏ। ଅବଶ୍ୟ ପଇସା ଲୋଭରେ କେତେକ ଅଧିକାରୀ ଆଇନକୁ ତା' ବାଟରେ ଯିବାକୁ ଦିଅନ୍ତି



ନାହିଁ, ଧରାପଡିଥିବା ବ୍ୟକ୍ତି ଯେପରି ଛାଡ଼ ପାଇଯାଏ ଆଇନକୁ ସେପରି ବୁଲାଣିଆ ରାସ୍ତାରେ ନିଅନ୍ତି; କେତେକ ସରକାରୀ ଓକିଲ ଅପରପକ୍ଷକୁ ସାହାଯ୍ୟ କରିବା ପାଇଁ ଚୁପ୍ ରହନ୍ତି ତ କେତେକ ସାଂଘାତିକ ଅପରାଧୀକୁ ସରକାରୀ ସାକ୍ଷୀ (ଆପ୍ରୁଭର୍) କରି ତାକୁ ଆଇନଫାଶରୁ ଖସେଇଦିଅନ୍ତି। କେତେକ ପୋଲିସ୍ ଅଧିକାରୀ ଶାସକ ଦଳର ସୁଦୃଷ୍ଟିରେ ରହିବା ଲାଗି ମନ୍ତ୍ରୀ ତଥା ପ୍ରଭାବୀ ନେତାଙ୍କ ନାମକୁ ଏତାଲାରେ ଥିବା ଅଭିଯୁକ୍ତଙ୍କ ତାଲିକାରୁ ଉଡ଼ାଇଦିଅନ୍ତି, ଅବା ଗୁରୁତର ଅପରାଧର ଦଫା ବଦଳରେ ଲଘୁ ଦଫା ଲଗାନ୍ତି, ପ୍ରମାଣ ଯୋଗାଇବା କଷ୍ଟ ନ କରି ଅପରାଧୀକୁ ଏନ୍‌କାଉଣ୍ଟରରେ ହତ୍ୟା କରନ୍ତି କିମ୍ବା ବିଚାରାଧୀନର ମୃତ୍ୟୁ (କଷ୍ଟୋଡିଆଲ୍ ଡେଥ୍) ଘଟାନ୍ତି। ଏ କ୍ଷେତ୍ରରେ ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କହିଲା ବେଳେ ଆମେ ଭୁଲିଯାଉ ଯେ ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକ ସମସ୍ତଙ୍କୁ ସମାନ ଆଖିରେ ଦେଖେ ନାହିଁ, ସେ ହିଁ ଆଇନର ଆଖି, ଆଇନ ତାହାରି ବାଟରେ ହିଁ ଯାଏ।

ଅପରାଧରେ ଅଭିଯୁକ୍ତ ହୋଇ ଜଣେ ନିର୍ଦ୍ଦୋଷରେ ଖଲାସ ହେଲେ ସାଧାରଣତଃ (ସ୍ୱାଭାବିକ ପରିସ୍ଥିତିରେ) ଆଶ୍ୱସ୍ତ ଅନୁଭବ କରେ ଓ କଳଙ୍କ ଦୂର ହୋଇଗଲା ବୋଲି ଭାବେ। କିନ୍ତୁ ଆଜିକାଲି ଆମେ ଏପରି ଅସ୍ୱାଭାବିକ ସମୟରେ ବା ପରିବେଶରେ ରହିଆସିଲୁଣି ଯେ ଅପରାଧ କରିଥିବା ବିଧାୟକ ବା ସାଂସଦର ବିଚାର ଏତେ ଦିନ ଚାଲୁଛି ଯେ ସେ ଜୀବନଯାକ ଭଦ୍ର ପ୍ରତିନିଧି ଭଳି ଚଳିପାରୁଛି। ଆଉ ଅନ୍ୟପକ୍ଷରେ ସାଧାରଣ ଲୋକଟିଏ ଏତେ ଦୀର୍ଘକାଳ ଜୁଡିସିଆଲ୍ କଷ୍ଟୋଡି (ବିଚାରାଳୟ ଅଧୀନରେ) ନାମରେ ଜେଲ୍‌ରେ ରହୁଛି ଯେ, ତାହାର ଶୁଣାଣି ଯଦି ଯଥା ସମୟରେ ସରିଥାନ୍ତା, ସେ ଯେତେ କାଳ ଦଣ୍ଡିତ ହୋଇଥାନ୍ତା ତାହାଠାରୁ ବେଶି କାଳ ଜେଲରେ ରହୁଛି, କେତେକ କ୍ଷେତ୍ରରେ ଜେଲରେ ହିଁ ପ୍ରାଣ ହରାଉଛି। ଗରିବ ବେସାହାରା ଓ ଶାସକଦଳର ଅସୂୟାରେ ଥିବା ଲୋକ ପାଇଁ ଆଇନ କାମ କରେ ନାହିଁ। ଏପରି ଜଳ ଜଳ ଦିଶୁଥିବା ଘଟଣା ବିଚାରପତିଙ୍କୁ କ୍ୱଚିତ୍ ଦିଶେ। ଯଦି ସୁପ୍ରିମ୍‌କୋର୍ଟର କୌଣସି ବିଚାରପତି ବା ବିଚାରପତିଙ୍କ ଖଣ୍ଡପୀଠ ଏହାକୁ ସରକାରଙ୍କ ଦୃଷ୍ଟିକୁ ଆଣନ୍ତି, ତେବେ ବି କେତେକ ପୋଲିସ୍ ଅଧିକାରୀ ଆଖି ବୁଜିଦିଅନ୍ତି, ତେଣୁ କଷ୍ଟୋଡିଆଲ୍ ଡେଥ୍ ସଂଖ୍ୟା କମୁନାହିଁ।

ଉଚ୍ଚ ଶ୍ରେଣୀର ଲୋକେ, ବିଚାର-ଆସନରେ ଆସୀନ ବହୁତ ବ୍ୟକ୍ତି ନିମ୍ନସ୍ତରର ଲୋକଙ୍କୁ ସୁନଜରରେ ଦେଖନ୍ତି ନାହିଁ, ଦେଖିବାର ଶିକ୍ଷା ବି ପାଇନାହାନ୍ତି। ସମାଜ ତ ଏକ ପାହାଚ-ପାହାଚିଆ ଟେରେସ୍: ଉଚ୍ଚ ପାହାଚରେ ଥିବା ଲୋକେ ନିମ୍ନତର ପାହାଚର ଲୋକଙ୍କୁ ସମାନ ଦୃଷ୍ଟିରେ (ସମସ୍ତରର ଦୃଷ୍ଟିରେ) ଦେଖନ୍ତି ନାହିଁ।

ଧର୍ମାନୁଷ୍ଠାନ ବା ମନ୍ଦିରରେ ପୂଜକମାନେ କହନ୍ତି, ଠାକୁରଙ୍କ ଇଚ୍ଛା ନ ଥିଲେ ପତ୍ର ବି ହଲିବ ନାହିଁ: ନିଜର ପାଉଣା ବା ଦାବି ହାସଲ ପାଇଁ ମନ୍ଦିର-ପରିଚାଳକଙ୍କ ବିରୋଧରେ ରୋଷ ଦେଖାଇବାକୁ ସେମାନେ ଭୋଗରାଗ ବନ୍ଦ କରିଦିଅନ୍ତି, ଭୋଗରାଗ ବନ୍ଦକରିବା କ'ଣ ଠାକୁରଙ୍କ ଇଚ୍ଛା? ଠାକୁରଙ୍କୁ ଉପାସ ରଖିବା କ'ଣ ଠାକୁରଙ୍କ ଇଚ୍ଛା? ରଥ ଉପରେ ତିନି ଠାକୁରଙ୍କ ବାହୁକୁ ତକିଆ ଭଳି ବ୍ୟବହାର କରିବା କ'ଣ ଠାକୁରଙ୍କ ଇଚ୍ଛା? ଯେଉଁ ବୁଦ୍ଧିଜୀବୀମାନେ ଏହାକୁ ସହନ୍ତି, ସେମାନେ କିପରି ଧର୍ମର ଆଇନ ତା' ବାଟରେ ଯାଉ ନାହିଁ ବୋଲି ଯୁକ୍ତି କରିବେ? ସମାନ ଯୁକ୍ତି ଅନ୍ୟ ସବୁ ଧର୍ମ ସମ୍ବନ୍ଧରେ କୁହାଯାଇପାରେ।

sahadevas@yahoo.com

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୭୫

- ଭାରତ ମହାସାଗରସ୍ଥିତ କମରୋ ଦ୍ୱୀପପୁଞ୍ଜ ପାର୍ଲାମେଣ୍ଟ ଏକତରଫା ଭାବେ ଫ୍ରାନ୍ସ ଅଧୀନରୁ ନିଜକୁ ସ୍ୱାଧୀନ ଘୋଷଣା କରିଛି।
- ଶ୍ରୀ ଚିନ୍ମୟ ରଜନୀନାଥ ଘାରେଖାନ ଭିଏତନାମ ସାଧାରଣତନ୍ତ୍ରରେ ଭାରତର ନୂଆ ରାଷ୍ଟ୍ରଦୂତ ନିଯୁକ୍ତ ହୋଇଛନ୍ତି।
- ପାକିସ୍ତାନର ଯୁରି ନିକଟରେ ଏକ ଗୁରୁତର ବସ୍ ଦୁର୍ଘଟଣା ଘଟି ୫୨ଜଣ କଲେଜ ଛାତ୍ରଙ୍କ ସମେତ ୫୪ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 9 | | 8 | 2 |
| 5 | 6 | 8 | | | | | | |
| | | 2 | | 3 | | | | |
| | 2 | 4 | | 6 | | | | |
| | | 3 | | | | | | 7 |
| | | 9 | | | 3 | 4 | | |
| | | | | | | | | 5 |
| | | | | | 2 | 7 | | |
| | | 5 | 4 | | | | 2 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 7 | 1 | 8 | 4 | 3 | 2 |
| 2 | 8 | 7 | 4 | 6 | 3 | 9 | 5 | 1 |
| 3 | 1 | 4 | 2 | 9 | 5 | 6 | 7 | 8 |
| 1 | 7 | 6 | 3 | 8 | 2 | 5 | 9 | 4 |
| 4 | 2 | 5 | 9 | 7 | 6 | 8 | 1 | 3 |
| 8 | 9 | 3 | 1 | 5 | 4 | 2 | 6 | 7 |
| 9 | 6 | 1 | 8 | 2 | 7 | 3 | 4 | 5 |
| 7 | 3 | 8 | 5 | 4 | 9 | 1 | 2 | 6 |
| 5 | 4 | 2 | 6 | 3 | 1 | 7 | 8 | 9 |

ଗତକାଲିର ଉତ୍ତର

# ଅନ୍ଧବିଶ୍ୱାସ ଫାଶ



**ଅସିତ ମହାନ୍ତି**

ୟୁପିର ହାଥରସ୍‌ରେ ଏକ ସତ୍‌ସଙ୍ଗ ସମୟରେ ବଡ଼ ଦୁର୍ଘଟଣା ଘଟି ୧୨୧ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ଏହି ସତ୍‌ସଙ୍ଗର ଆୟୋଜନ, ମାନବ ମଙ୍ଗଳ ମିଳନ ସଦ୍‌ଭାବନା ସମାଗମ ସମିତି ଦ୍ୱାରା ଭୋଲେ ବାବାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଭକ୍ତମାନେ ଦଳାଚକଟାରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ ଏବଂ ମୃତଦେହଗୁଡ଼ିକ ପରସ୍ପର ଉପରେ ଝୁଲି ରହିଥିଲେ। ହାଥରସ୍ ସତ୍‌ସଙ୍ଗ ଦଳାଚକଟା ପୁଣି ଥରେ ବାବାଙ୍କ ଉପରେ ପ୍ରଶ୍ନ ଉଠାଇଛି। ଭୋଲେ ବାବା ତାଙ୍କ ଅନୁଗାମୀମାନଙ୍କ ସହିତ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି, ସେମାନଙ୍କର ସନ୍ଧାନ ଚାଲିଛି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ, ଅନେକ ବାବାଙ୍କ ଦୁଷ୍କର୍ମ ସାମ୍ନାକୁ ଆସିବା ପରେ ମଧ୍ୟ ଜଣେ ବାବା ଏତେବଡ଼ ସାମ୍ରାଜ୍ୟ କିପରି ସୃଷ୍ଟି କରନ୍ତି ଏବଂ ଲୋକମାନେ ତାଙ୍କ ଅନ୍ଧବିଶ୍ୱାସର ଫାଶରେ ଫସି ରହିଥାନ୍ତି।

ନିକଟରେ ଏକ ଚଳଚ୍ଚିତ୍ର କଲ୍‌କି ୨୮୯୮ ଏଡି ସିନେମା ଚହଳ ସୃଷ୍ଟି କରିଛି। ସୁପ୍ରିମୋ ନାମକ ଏକ ଚରିତ୍ର ଯେଭଳି ଏକ ଦୁନିଆ ତିଆରି କରିଛି, ଏଠାରେ ସୃଷ୍ଟି ହୋଇଥିବା ଜଗତ ହେଉଛି ଅଲୌକିକତାର ଶିଖର। ତାହା ହେଉଛି ଅଲୌକିକତା ଯେତିକି ପ୍ରାଚୀନ ସେତିକି ଯୁଗାତୀତ ମଧ୍ୟ। ଆଜି ଯେତେବେଳେ ହାଥରସ୍ ସତ୍‌ସଙ୍ଗ ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କଲା, ସେତେବେଳେ ଏପରି ଆତ୍ମଘୋଷିତ ବାବାଙ୍କ ରହସ୍ୟ ବିଷୟରେ ଜଟିଳ ଆଲୋଚନା ହେଲା। ହାଥରସ୍‌ର ଭୋଲେ ବାବା ମଧ୍ୟ ଏପରି ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ, ଯାହାର ରହସ୍ୟ ଧୀରେ ଧୀରେ ଉନ୍ମୋଚିତ ହେଉଛି। ଆମ ପରମ୍ପରା ଆମକୁ କହିଥାଏ ଯେ ବାବା ସିଦ୍ଧି ପ୍ରାପ୍ତି ଦ୍ୱାରା ସୃଷ୍ଟି ହୋଇଥାନ୍ତି। ବିଶ୍ୱାସ ସେମାନଙ୍କୁ ସ୍ୱାମୀର ମାନ୍ୟତା ଦେଇଥାଏ। ତାଙ୍କର ଗୁଣ, ଗୌରବ, ଖ୍ୟାତି, ଯଶ, ଧର୍ମର ପ୍ରତିଷ୍ଠା, ଆଧ୍ୟାତ୍ମିକତାର ଉଚ୍ଚତା, ସମାଜର ଉନ୍ନତି, ଜନ କଲ୍ୟାଣ ଏବଂ ସତ୍ୟବାଦୀ ଶବ୍ଦ ଯେକୌଣସି ବ୍ୟକ୍ତିଙ୍କୁ ମହାତ୍ମା କରିଦିଏ। କିନ୍ତୁ ଅନେକ ଲୋକ ବାବାଙ୍କ ପୋଷାକ ମଧ୍ୟ ପିନ୍ଧିଛନ୍ତି ଯାହାଙ୍କର ସିଦ୍ଧି କିମ୍ବା ପ୍ରକୃତ ସତ୍ୟ ବଚନ ସହିତ କୌଣସି ସମ୍ପର୍କ ନାହିଁ। ଅନେକ ଲକ୍ଷ ଲୋକଙ୍କୁ ଶୋଷଣ କରି ସେ ନିଜକୁ ସ୍ୱୟଂଭୂ ବାବା କୁହାଯିବାକୁ କେବେ ହେଲେ ଦ୍ୱିଧା କଲେ ନାହିଁ। ହାଥରସ୍‌ର ସ୍ୱୟଂଭୂ ଭୋଲେ ବାବାଙ୍କ ପରି, ଏପରି ବାବାମାନଙ୍କର ଏକ ଲମ୍ବା ତାଲିକା ଅଛି, ଯେଉଁମାନେ ସାଧାରଣ ଲୋକଙ୍କ ବିଶ୍ୱାସ ଏବଂ ଆକାଂକ୍ଷା ସହିତ ବିଶ୍ୱାସଘାତକତା କରିଛନ୍ତି।



ଚିନ୍ତାଜନକ ବିଷୟ ହେଉଛି ଆମ ଦେଶର ରାଜନେତାମାନେ ଏହିସବୁ ବାବାଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ସେଥିପାଇଁ ସାଧାରଣ ଜନତା ମଧ୍ୟ ଏହି ଗଡ୍‌ଫାଦରମାନଙ୍କ ଉପରେ ବିଶ୍ୱାସ କରନ୍ତି। ଶେଷରେ ରାଜନେତାମାନେ ଏହି ବାବାଙ୍କ ମାଧ୍ୟମରେ ସେମାନଙ୍କର ଭୋଟ ଯୋଜନା ପ୍ରସ୍ତୁତ କରନ୍ତି। ବାସ୍ତବରେ, ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନଙ୍କ ପୂର୍ଣ୍ଣ ସହାୟତା ଏହି ବାବାମାନଙ୍କୁ ମିଳିଥାଏ।

ଅନ୍ଧବିଶ୍ୱାସ ସମାଜରୁ ଦୂର କରିବା କଷ୍ଟକର, କାରଣ ସେମାନେ ପ୍ରାୟତଃ ସାଂସ୍କୃତିକ ବିଶ୍ୱାସ ଏବଂ ପରମ୍ପରାରେ ଗଭୀର ଭାବରେ ଜଡିତ। ତଥାପି, ସେଠାରେ ଅନେକ କୌଶଳ ଅଛି ଯାହା ଅନ୍ଧବିଶ୍ୱାସର ସମାଧାନ ଏବଂ ହ୍ରାସ ପାଇଁ ନିୟୋଜିତ ହୋଇପାରିବ। ଅନ୍ଧବିଶ୍ୱାସର ମୁକାବିଲା ପାଇଁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମାଲୋଚନାକାରୀ ଚିନ୍ତାଧାରା, ବୈଜ୍ଞାନିକ ସାକ୍ଷରତା ଏବଂ ଯୁକ୍ତିଯୁକ୍ତତାକୁ ପ୍ରୋତ୍ସାହିତ କରି ବ୍ୟକ୍ତିମାନେ ଅନ୍ଧବିଶ୍ୱାସକୁ ଚ୍ୟାଲେଞ୍ଜ କରିବା ପାଇଁ ଅଧିକ ସକ୍ଷମ ହୋଇପାରିବେ। ଗୁଣାତ୍ମକ ଶିକ୍ଷା ପ୍ରମାଣ-ଆଧାରିତ ଯୁକ୍ତିକୁ ଉତ୍ସାହିତ କରେ। ଏହା ଲୋକଙ୍କୁ ସତ୍ୟ ଏବଂ କାଳ୍ପନିକ ମଧ୍ୟରେ ପ୍ରଭେଦକୁ ବୁଝିବାରେ ସାହାଯ୍ୟ କରିଥାଏ। ଅନ୍ଧବିଶ୍ୱାସ ବିରୋଧରେ ଖୋଲା ଆଲୋଚନା କରିବା ମଧ୍ୟ ଜରୁରୀ। ଏହା ଉପରେ ଜନ ସଚେତନତା ସୃଷ୍ଟି କରିବା ଦରକାର। ଅନ୍ଧବିଶ୍ୱାସକୁ ଖଣ୍ଡନ କରୁଥିବା ଆଲୋଚନାକୁ ଉତ୍ସାହିତ କରିବା ଦ୍ୱାରା ସଚେତନତା ସୃଷ୍ଟି ହେବା ସହ ଭିତ୍ତିହୀନ ବିଶ୍ୱାସ ବିଲୋପ ହୋଇଥାଏ। ଅନ୍ଧବିଶ୍ୱାସକୁ ସମ୍ମାନର ସହ ତଥା ସମ୍ବେଦନଶୀଳ ଢଙ୍ଗରେ ସମାଧାନ କରିବା ପାଇଁ ସମ୍ପ୍ରଦାୟ, ଧାର୍ମିକ ନେତା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଜଡିତ ହେବା ଏହି ବିଶ୍ୱାସ ଉପରେ ଅଧିକ ସୂଚନା ଏବଂ ଯୁକ୍ତିଯୁକ୍ତ ଆଭିମୁଖ୍ୟ ସୃଷ୍ଟି କରିପାରିବ। ଅଧିକନ୍ତୁ, ସଶକ୍ତୀକରଣ ଏବଂ ସ୍ୱାଧୀନତାର ଏକ ସଂସ୍କୃତି ପ୍ରତିପୋଷଣ କରିବା ଦ୍ୱାରା ବ୍ୟକ୍ତିମାନେ ଭୟ କିମ୍ବା ଅସୁରକ୍ଷିତ ଭାବନାକୁ ଦୂର କରିବାରେ ସକ୍ଷମ ହୁଅନ୍ତି। ସମାଲୋଚିତ ଚିନ୍ତାଧାରା, ଆତ୍ମବିଶ୍ୱାସ ଏବଂ ସ୍ୱାଧୀନ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରି, ଲୋକମାନେ ଅନ୍ଧବିଶ୍ୱାସକୁ ଚ୍ୟାଲେଞ୍ଜ କରିବା, କାରଣ ଏବଂ ପ୍ରମାଣ ଉପରେ ଆଧାର କରି ପସନ୍ଦ କରିବା ପାଇଁ ଦକ୍ଷତା ଏବଂ ଆତ୍ମବିଶ୍ୱାସର ବିକାଶ କରିପାରିବେ। ପରିଶେଷରେ, ସମାଜରୁ ବାବାଙ୍କୁ ନେଇ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଏକ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ ଯାହାକି ଶିକ୍ଷା, ସଶକ୍ତୀକରଣ ଏବଂ ସମ୍ପ୍ରଦାୟର ଯୋଗଦାନ ସହିତ ଜଡିତ। ଯୁକ୍ତିଯୁକ୍ତତା, ସମାଲୋଚନାକାରୀ ଚିନ୍ତାଧାରା ଏବଂ ପ୍ରମାଣ-ଆଧାରିତ ବିଶ୍ୱାସକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କଲେ ସମାଜ ଏକ ଅଧିକ ଜ୍ଞାନପ୍ରାପ୍ତ ଏବଂ ଅନ୍ଧବିଶ୍ୱାସମୁକ୍ତ ଭବିଷ୍ୟତ ଆଡକୁ ଗତି କରିପାରିବ।

ସୁଜନପୁର, ଯାଜପୁର
ମୋ-୯୩୪୮୭୬୮୮୧୨

## ଏଇ ଭାରତରେ

ଯୋସେପ ଲୋବୋଙ୍କ ଘର କର୍ନାଟକ ଉଡୁପିର ଏକ ଗାଁରେ। ସେ ତାଙ୍କ ଅଗଣାରେ ବଗିଚାଟିଏ କରିଛନ୍ତି। ସେଥିରେ ସେ ଜୈବିକ ପଦ୍ଧତିରେ ବିଭିନ୍ନ କୋଳି, ସପେଟା, ଫଳ, ଅନେକ କିସମର ଆମ୍ବ ସହିତ ୨୦୦ ପ୍ରକାର ଗଛ ଲଗାଇଛନ୍ତି। ଗ୍ରୋ ବ୍ୟାଗ୍‌ରେ ଏହିସବୁ ଗଛ ଭଲ ବଢ଼ିପାରୁଛି। ବଗିଚା ପାଇଁ ସେ ନିଜେ ଖତ ପ୍ରସ୍ତୁତ କରିବା ସହ ଜୈବିକ କୀଟନାଶକ ତିଆରି କରି ପ୍ରୟୋଗ କରୁଛନ୍ତି। ଏହା ସହ ହାଇଡ୍ରୋପୋନିକ( ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ) ପଦ୍ଧତିରେ ଜସ୍ମିନ ଚାଷ କରୁଛନ୍ତି। ତାଙ୍କ ବଗିଚାରେ ଜାପାନର ମିୟାଜାକି କିସମ ଆମ୍ବ ଫଳୁଛି। ଏହାର ମୂଲ୍ୟ ୧ କିଗ୍ରାକୁ ୩ ଲକ୍ଷ ଟଙ୍କାରେ ସେ ବିକ୍ରି କରୁଛନ୍ତି। ଭାରତରେ ଏହି କିସମର ଆମ୍ବ ଚାଷ କରୁଥିବା କମ୍ ସଂଖ୍ୟକ କୃଷକଙ୍କ ମଧ୍ୟରେ ଯୋସେପ ସ୍ଥାନ ପାଇପାରିଛନ୍ତି। ଅନ୍ୟ କୃଷକମାନେ ମିୟାଜାକି କିସମ ଆମ୍ବ ପଲିହାଉସରେ ଫଳାଉଥିବାବେଳେ ଯୋସେପ ତାଙ୍କ ଅଗଣାରେ ଥିବା ବଗିଚାରେ ଫଳାଇବାରେ ସଫଳ ହୋଇଛନ୍ତି।

## ଚିରନ୍ତନୀ

ଜରା ଅଙ୍ଗେ ଆଣଇ ସେ
ଜୀବନର ମଧୁର ଚେତନା
ଶାନ୍ତିର ଶୀତଳ ଆରାଧନା,
ଶିଶୁ ମୁଖେ ଢାଳିଦିଏ ସେ ଚାହାଣି
କରୁଣାର ତରଳ ସେନେହ
ପରାଣ ପୂରାଇ ସେ ତ ପୁଲକାଏ
ଜଡ଼ର ଜୀବନହୀନ ଦେହ।
(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଟିକସ ଅର୍ଥର ଅପବ୍ୟୟ କରାଯାଉଛି

ମହାଶୟ,

ବର୍ତ୍ତମାନ ଓଡ଼ିଶାରେ ଭାଜପା ସରକାର ଚାଲିଛି। ଏହା ବିଜେଡି ସରକାର ଅମଳର ଲକ୍ଷ୍ମୀ ବସ୍‌ର ରଙ୍ଗ ବଦଳାଉଛି। ଏଥିପାଇଁ ଜନସାଧାରଣଙ୍କ ପ୍ରଦତ୍ତ କୋଟି କୋଟି ଟଙ୍କାର ଟିକସ ଅର୍ଥର ଅପବ୍ୟୟ କରାଯାଉଛି। ଲକ୍ଷ୍ମୀ ନାମ କୌଣସି ଦଳୀୟ ନେତ୍ରୀଙ୍କ ନାମ ହୋଇ ନ ଥିବାରୁ ଏପରି ରଙ୍ଗ ବଦଳାଯିବା ସମ୍ପୂର୍ଣ୍ଣ ରୂପେ ଅନାବଶ୍ୟକ । ଏପରି କାହିଁକି କରାଯାଉଛି ତାହା ବୁଝାପଡୁନାହିଁ। ଏହା ଜନକଲ୍ୟାଣକାରୀ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ କି? କୋଟି କୋଟି ଟଙ୍କାରେ କିଣାଯାଇଥିବା ବସ୍‌ଗୁଡ଼ିକର ରଙ୍ଗ ବଦଳାଇବାରେ ଅନେକ ଲକ୍ଷ ଟଙ୍କା ପୁନର୍ବାର ଖର୍ଚ୍ଚ କରାଗଲା। ସରକାର ବଦଳିବାର ଥିଲା, ବଦଳିଲା। କିନ୍ତୁ କୌଣସି ଜନକଲ୍ୟାଣମୂଳକ ଯୋଜନାର ଅନାବଶ୍ୟକ ପରିବର୍ତ୍ତନ କରାଯିବା ଉଚିତ ନୁହେଁ। ସରକାର ଗରିବ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ଓ ନିର୍ବାଚନୀ ଇସ୍ତାହାରର କାର୍ଯ୍ୟକାରିତା ଉପରେ ଧ୍ୟାନ ଦିଅନ୍ତୁ।

**- ରାଇଚରଣ ବିଶ୍ୱାଳ,**
**ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରଥରେ ଶ୍ରୀଜୀଉ


କୋଷାଗୁମୁଡ଼ାରେ ପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡି କରି ଅଣାଯାଉଛି।


ଶାବର ଶ୍ରୀକ୍ଷେତ୍ରରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ।


ଡାବୁଗାଁରେ ଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡି କରି ରଥକୁ ନିଆଯାଉଛି ।


କୁନ୍ଦୁରାରେ ରଥାରୂଢ଼ ମହାପ୍ରଭୁ ।


ତେନ୍ତୁଳିଖୁଣ୍ଟିରେ ଶ୍ରଦ୍ଧାଳୁଙ୍କ ଭିଡ଼ ।


ଦୁର୍ଗାଗୁଡି ସାହି ଜଗନ୍ନାଥ ମନ୍ଦିରରେ ଜିଲାପାଳ ସଚ୍ଚିନ ପାୱାର ଛେରାପହଁରା କରୁଛନ୍ତି ।


ସୁବାସ ଛକ ଜଗନ୍ନାଥ ମନ୍ଦିରରେ ଡିଏଫ୍‌ଓ ପ୍ରତାପ କତାପାଲି ଛେରା ପହଁରା କରୁଛନ୍ତି ।


ନବରଙ୍ଗପୁର ସିଆର୍‌ପିଏଫ୍ କ୍ୟାମ୍ପରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।


କୋଟପାଡ଼ରେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରାଯାଉଛି।


ବାଲିମେଳା


ସୁନାବେଡ଼ାରେ ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

## କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

କୋରୁକୋଣ୍ଡା,୭।୭(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ତାପମାତ୍ରା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ସମସ୍ତେ ଚାରାରୋପଣ କରିବା ଆବଶ୍ୟକ ବୋଲି ପ୍ରଧାନଶିକ୍ଷକ ବସନ୍ତ କୁମାର ରଣା କହିଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ବିଦ୍ୟାଳୟ ଛାଡ଼ିବା ପୂର୍ବରୁ ଗୋଟିଏ ଲେଖାଏ ଗଛ ବିଦ୍ୟାଳୟ ପରିସର ଏବଂ ନିଜ ଗାଁ ଆଖପାଖରେ ଲଗାଇ ନିଜ ସ୍ମୃତିକୁ ସୁଦୃଢ଼ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଗଛ ଲଗାଇବା ପାଇଁ ଉତ୍ସାହିତ କରିବା ଦରକାର। ଏହା ସହିତ ବିଦ୍ୟାଳୟରେ ଉପସ୍ଥିତ ଥିବା ଅଷ୍ଟମ ଶ୍ରେଣୀର ୧୫ ଛାତ୍ରୀଛାତ୍ର ଗୋଟିଏ ଲେଖାଏ ଗଛ ଲଗାଇଥିଲେ। ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳନ ହେଉଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ପ୍ରଦୀପ ମୁଦୁଲି , ପବିତ୍ର ମାହାଳି ଓ ଧରଣୀଧର ରଥ ଉପସ୍ଥିତ ଥିଲେ।

## ମାଲକାନଗିରି

# ମାଥିଲି ବ୍ଲକରେ 'ସମ୍ପୂର୍ଣ୍ଣତା ଅଭିଯାନ'

ମାଥିଲି,୭।୭(ସୁବାସ ଚନ୍ଦ୍ର ଖୁଡୁପିଆ)


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ମାଥିଲି ବ୍ଲକ ପରିସରରେ ଭାରତର ନିତି ନିର୍ଦ୍ଧାରଣ ସଂସ୍ଥା ନିତି ଆୟୋଗ ଓ ବ୍ଲକ୍ ପ୍ରଶାସନର ମିଳିତ ଆନୁକୂଲ୍ୟରେ 'ସମ୍ପୂର୍ଣ୍ଣତା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଡ଼ିଓ ହିମାଞ୍ଚଳ ମାଝି ଅଧ୍ୟକ୍ଷତା କରିଥିବା ବେଳେ,ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ ବାକା ଯୋଗ ଦେଇଥିଲେ। ଅନ୍ୟ ଅତିଥି ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏହି ସମ୍ପୂର୍ଣ୍ଣତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସ୍ୱାସ୍ଥ୍ୟକର, ସକ୍ଷମ ଓ ସମୃଦ୍ଧ କରିବା ପାଇଁ ଏକ ପ୍ରେରଣାଦାୟକ ବ୍ଲକ ଗଠନ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ସମନ୍ୱିତ ୬ ଗୋଟି ବିନ୍ଦୁ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିରୁ ଠିକ୍ ସମୟରେ ଗର୍ଭବତୀଙ୍କ ପ୍ରସବ ପୂର୍ବର ସମସ୍ତ ଯାଞ୍ଚ କରିବା, ନିୟମିତ ପୁଷ୍ଟିକର ପୋଷଣ ଖାଦ୍ୟ ଯୋଗାଣ, ଶିଶୁ ମାନଙ୍କ ସମ୍ପୂର୍ଣ୍ଣ ଟୀକାକରଣ, ସମସ୍ତ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ, ସ୍ୱୟଂ ସହାୟିକ ଗୋଷ୍ଠୀଙ୍କୁ ଆବର୍ତ୍ତକାଳୀନ ପାଣ୍ଠି ଯୋଗାଇବା ଓ ବିଦ୍ୟାଳୟଗୁଡ଼ିକରେ ସମସ୍ତ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବା ଆଦି ଉପରେ ସଚେତନ କରାଇଥିଲେ। ବ୍ଲକର ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବାଲିମେଳା କଲେଜରେ ବନ ମହୋତ୍ସବ

କୋରୁକୋଣ୍ଡା, ୭।୭(ଶିବଦତ୍ତ ସାହୁ)



ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟରେ ଶନିବାର ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଠାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି । ଏଥିରେ ଆମ୍ବ,ପଣସ, ଅଁଳା, ଲିମ୍ବ, ଜଫ୍ରା ଓ ଅନ୍ୟ ବହୁ କିସମର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ କଅଁର ଚାରାଗୁଡିକର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନପାଳ ମୋହନ ଗୁଡ଼ିଆ, ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ ଓ ସନ୍ତୋଷ କୁମାରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଇକୋ କ୍ଲବ୍ ପକ୍ଷରୁ ଚାରାରୋପଣ

ମାଲକାନଗିରି, ୭।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଞ୍ଚାୟତ ଗୁଣ୍ଠୁରିଗୁଡା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ତହସିଲଦାର ଗୁକୁନୁ ପୁଟା, ସାମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ, ଅଧ୍ୟକ୍ଷ ମହେଶ୍ୱର ସାହୁ, କିରାଣି ସୋମନାଥ ପାତ୍ରଙ୍କ ସମେତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ୮୭ ଫଳଗଛ ରୋପଣ କରାଯାଇଥିଲା।

## ଚିତ୍ରକଳା ଶିବିର ଉଦ୍‌ଘାଟିତ

ଜୟପୁର, ୭।୭(ପବନ ପାଣିଗ୍ରାହୀ)

ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁର ସୀମାଦ୍ରି ମହାରଣା କଳା ଭବନରେ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଛି। ରଥଯାତ୍ରା ଅବସରରେ ଚିତ୍ରକଳା ଶିବିର ଦାରୁ ଦେବତାଙ୍କୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିର ୯ ତାରିଖଯାଏ ଚାଲିବ। ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଉକ୍ତ ଚିତ୍ର କଳା କୃତିଗୁଡିକର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଆଲୁମ୍ନି ଛାତ୍ରୀଛାତ୍ର, ବର୍ତ୍ତମାନର ଛାତ୍ରୀଛାତ୍ର ଓ କଳା ବିଦ୍ୟାଳୟ ଅଧ୍ୟକ୍ଷ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ପୂତି ଗନ୍ଧମୟ ପରିବେଶରେ ବସୁଛନ୍ତି ବେପାରୀ


ରାସ୍ତାଉପରେ ବସିଥିବା ବ୍ୟବସାୟୀ ।

ମାଥିଲି,୭।୭(ସୁବାସ ଚନ୍ଦ୍ର ଖୁଡୁପିଆ)

**ମାଥିଲି ସାପ୍ତାହିକ ହାଟରେ କୁଢ଼ କୁଢ଼ ଆବର୍ଜନା**

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଶୁକ୍ରବାର ସାପ୍ତାହିକ ହାଟ ବ୍ରିଟିଶ ଅମଳରୁ ଚାଲିଆସୁଛି । କିନ୍ତୁ ହାଟକୁ ଆସୁଥିବା ବ୍ୟବସାୟୀଙ୍କ ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ । ବେପାରୀ ବସିବା ପାଇଁ କୌଣସି ପିଣ୍ଡି ତିଆରି ହୋଇନାହିଁ । ପଞ୍ଚାୟତ କର୍ତ୍ତୃପକ୍ଷ ସପ୍ତାହରେ ଟିକସ ଆଦାୟ କରୁଛନ୍ତି । କିନ୍ତୁ ହାଟର ଉନ୍ନତି ପାଇଁ ଦୃଷ୍ଟି ଦିଆଯାଉନାହିଁ । ମାଥିଲି ହାଟ ରାସ୍ତା ଦେଇ ଛତିଶଗଡକୁ ସଂଯୋଗ ହୋଇଛି। ସାଧାରଣ ଲୋକଟିଏ ଉକ୍ତ ରାସ୍ତା ଦେଇ ଗଲେ କୁଢ କୁଢ ଆବର୍ଜନା ସହିତ ଦୁର୍ଗନ୍ଧ ହେଉଛି । ହାଟ ସମସ୍ୟା ପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ମାଥିଲି ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାଟକୁ ପ୍ରାୟ ମାଥିଲି ବ୍ଲକର କୋଡିଏ ପଞ୍ଚାୟତର ଜନସାଧାରଣ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ହାଟ ଅବସ୍ଥା କହିଲେ ନସରେ । ବର୍ଷାହେଲେ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ପିଣ୍ଡି ନ ଥିବାରୁ ବ୍ୟବସାୟୀ ଜରି ଟାଣି ଜିନିଷ ବିକ୍ରିକରି ଥାନ୍ତି । ଏପରି ସ୍ଥଳେ ବିଗତ ବର୍ଷରେ ପ୍ରଶାସନିକ ଅବହେଳା ଯୋଗୁ ଏକ ଗଛପଡି ବ୍ୟବସାୟୀଙ୍କ ଜୀବନ ଚାଲି ଯାଇଥିଲା । ହାଟ ଚତୁଃପାର୍ଶ୍ୱରେ ବହୁତ ବର୍ଷର ଶାଳ ଗଛ ବିପଦ ସଂକୁଳ ଅବସ୍ଥାରେ ରହିଛି, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଚିତ୍ରକୋଣ୍ଡା ବ୍ଲକ୍ ଆନୁକୂଲ୍ୟରେ ସମ୍ପୂର୍ଣ୍ଣତା ଅଭିଯାନ

ଚିତ୍ରକୋଣ୍ଡା,୭।୭(କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ବ୍ଲକ ଆନୁକୂଲ୍ୟରେ ବିଡିଓ ତନ୍ମୟ ପାତ୍ରଙ୍କ ଆହ୍ୱାନ କ୍ରମେ ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୟଜ୍ୟେଷ୍ଠ ବିନୁ ଖରା ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥିଭାବେ ପିଏମ୍, କଲେକ୍ଟର ଅଙ୍ଗଦ କୁମାର ଖୋସଲା, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ,ଏବିଓ ହେମନ୍ତ କୁମାର ନାୟକ, ବ୍ଲକ କୃଷି ଅଧିକାରୀ ପରମେଶ୍ୱର ଜେନା ଓ ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରଥମେ ସକାଳ ୭.୩୦ରେ ଉଦଘାଟନ କରି ମଶାଲ ଯାତ୍ରା ବ୍ଲକରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରକୋଣ୍ଡା ସହର ତଥା କଲୋନୀରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯାଇଥିଲା। ପରେ ବ୍ଲକ ପରିସରରେ ସମସ୍ତଙ୍କୁ ନେଇ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ମହିଳାଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ରଙ୍ଗୋଲି କାର୍ଯ୍ୟକ୍ରମ ପରିବେଷଣ ସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଆଇସିଡିଏସ ଏବଂ ଓଡିଶା ଜୀବିକା ମିଶନ ଦ୍ୱାରା କରାଯାଇଥିବା ପଦର୍ଶନୀଗୁଡିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଜିପିଓ ହେମନ୍ତ କୁମାର ଭୂୟାଁ, ଡବ୍ଲ୍ୟୁଓ ସୌମ୍ୟରଞ୍ଜନ ନାୟକ, ସୁଧାମୟ ମଣ୍ଡଳ ଓ ଡ଼ିଏସ୍ଏସ୍ଓ ସୌମ୍ୟ ରଞ୍ଜନ ପରିଚାଳନା କରିଥିଲେ।



ପୁରସ୍କୃତ ଛାତ୍ରୀଙ୍କ ସହ ଅତିଥି ।

# ଚାରାରୋପଣକରି ନ ବଞ୍ଚାଇଲେ ପରିବେଶ ସୁରକ୍ଷା ପ୍ରତି ବିପଦ

ମାଲକାନଗିରି, ୭।୭(ଦୁର୍ଯ୍ୟୋଧନ ପାତ୍ର)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଚଳିତ ବର୍ଷ ସାରା ବିଶ୍ୱରେ ୭୫ତମ ବନ ମହୋତ୍ସବ ବିଭିନ୍ନ ସରକାରୀ, ବେସରକାରୀ ଏବଂ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଆମ ରାଜ୍ୟ ଓ ମାଲକାନଗିରି ଜିଲାରେ ଲକ୍ଷ ଲକ୍ଷ ଚାରା ଜୁଲାଇ ୧ରୁ ୭ ତାରିଖ ମଧ୍ୟରେ ରୋପଣ କରାଯାଉଛି। ବିଗତ ବର୍ଷଗୁଡିକରେ ମଧ୍ୟ ଏହି ପରି ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଚାରା ରୋପଣ କରାଯାଇଥିଲା। କିନ୍ତୁ ତାହାର ରକ୍ଷଣାବେକ୍ଷଣ, ରୋପଣ କରିଥିବା ବ୍ୟକ୍ତିବିଶେଷଙ୍କ ଆନ୍ତରିକତା ଅଭାବ ଯୋଗୁ ପୂର୍ବରୁ ରୋପିତ ଚାରାଗୁଡିକ ପ୍ରାୟତଃ ନଷ୍ଟ ହୋଇଯାଇଛି। କେବଳ ଲୋକଦେଖାଣିଆ ବନ ମହୋତ୍ସବ ପାଳନକରି ଆମର କର୍ତ୍ତବ୍ୟ ସାରିଦେବା ଠିକ୍ ନୁହେଁ। ଚାରାରୋପଣକରି ବଞ୍ଚାଇ ନ ପାରିଲେ ପରିବେଶ ସୁରକ୍ଷା ପାଇଁ ଆଗାମୀ ଦିନରେ ଭୟଙ୍କର ବିପଦ ସୃଷ୍ଟି ହେବ ବୋଲି ମାଲକାନଗିରି ଜିଲା ସଦର ମହକୁମା ବୁଚିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣିଙ୍କ ଅଧ୍ୟକ୍ଷତାରେ ପାଳିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ସମ୍ମାନନୀୟ ଅତିଥି ମାଲକାନଗିରି ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଗୌରାଙ୍ଗ ସଜନ, ଅଶ୍ୱିନୀ କୁମାର ମାଝୀ, ବିନୋଦ ବିହାରୀ ଦାସ, ବୀଣାପାଣି ଦେବୀ, ବନପାଳ ରବିନାରାୟଣ ଖଣ୍ଡୁଆଳ ଓ ବନରକ୍ଷୀ ବାବୁରାମ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ କ୍ଷୟ, ଏହାର ନିରାକରଣ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ବିଦ୍ୟାଳୟ ସହ ନିଜ ଘରେ ଗଛଟିଏ ଲଗାଇବା ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ । ପରେ ବିଦ୍ୟାଳୟ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଉନ୍ନତମାନର ଚାରା ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ରୋପଣ କରାଯାଇଥିଲା।



ରବିବାର ଅପରାହ୍ନରେ ପୁରୀରେ ତାଳଧ୍ୱଜ ରଥକୁ ଟାଣୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ପୁରୀରେ ତିନିରଥ ସମ୍ମୁଖରେ ଦାରୁଦିଅଁଙ୍କୁ ଭକ୍ତି ନୈବେଦ୍ୟ ଜଣାଉଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ।







## ପହଣ୍ଡି ବିଜେ





ରଥରେ ମହାପ୍ରଭୁଙ୍କ ଦର୍ଶନ ପରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ



ତାଳଧ୍ୱଜ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରୁଛନ୍ତି ।

## ଭକ୍ତ-ଭଗବାନ ମିଳନ





ପୁରୀରେ ଦାରୁଦିଅଁଙ୍କ ପହଣ୍ଡି ସମୟରେ ଘଣ୍ଟବାଦ୍ୟ ।



ରଥଯାତ୍ରା ଅବସରରେ ପୁରୀରେ (ବାମରୁ) ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ରଥଯାତ୍ରା ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି ।



### କୋରାପୁଟ



ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି ।

### କେନ୍ଦୁଝର



କେନ୍ଦୁଝରସ୍ଥିତ ଶ୍ରୀବଳଦେବଜୀଉଙ୍କ ରଥ ଆଗରେ ଘଣ୍ଟୁଆମାନେ ଘଣ୍ଟବାଦ୍ୟ ପରିବେଷଣ କରୁଛନ୍ତି ।

### ରଣପୁର



ରଥଯାତ୍ରା ପାଇଁ ନୟାଗଡ଼ ଜିଲା ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

### କେନ୍ଦ୍ରାପଡ଼ା



କେନ୍ଦ୍ରାପଡ଼ାର ବ୍ରହ୍ମ ତାଳଧ୍ୱଜ ରଥକୁ ଆରୋହଣ କରୁଛନ୍ତି ଶ୍ରୀବଳଦେବଜୀଉ ।

### କୋଟସମଲାଇ



ସୁବର୍ଣ୍ଣପୁର ଜିଲା ପାତାଳୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡି ବିଜେ କରାଯାଉଛି ।

# ଭକ୍ତ ଭଗବାନଙ୍କ ଅପୂର୍ବ ମିଳନ


ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ପହଣ୍ଡି ପାଇଁ ଅପେକ୍ଷାରତ ତିନି ଠାକୁର।


ମୁନିଗୁଡ଼ାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।


କାଶୀପୁର ବ୍ଲକ୍ ଟିକିରିରେ ବଳଭଦ୍ରଙ୍କୁ ପହଣ୍ଡି କରାଯାଉଛି।


ରାୟଗଡ଼ାରେ ରଥାରୂଢ଼ ତିନିଠାକୁର ।


ବିଷମକଟକରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମହାବାହୁ ।


ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ବର୍ଷାରେ ରଥ ଟାଣୁଛନ୍ତି।

## ଚାରାରୋପଣ କଲେ ତହସିଲଦାର

ଗୁଡାରି, ୭।୭ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡାରି ତହସିଲ କାର୍ଯ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ଅତିଥି ଭାବେ ତହସିଲଦାର ଏ. ସ୍ନେହଲତା ଯୋଗଦେଇ ବନ ମହୋତ୍ସବ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଗୁଡାରି ରେଞ୍ଜର ଦିଲ୍ଲୀପ ପଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଓ ତହସିଲର ସମସ୍ତ କର୍ମଚାରୀ ଚାରାରୋପଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୭।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତର ନାଉଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାସ୍କର ଦାସ ଚାକିରିରୁ ଅବସର ନେଇଛନ୍ତି। ଏଥିଲାଗି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଆରସିସି ରୋଜି କୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପରିଚାଳନା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ୩୦ ହଜାର ଭକ୍ତଙ୍କ ସମାଗମ

ରାୟଗଡ଼ା,୭।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ମହାଆଡ଼ମ୍ବର ସହକାରେ ନବଯୌବନ ଦର୍ଶନ ସହିତ ଗୁଣ୍ଡିଚା ଯାତ୍ରା ପାଳନ କରାଯାଇଛି। ରବିବାର ସୁରୁଖୁରୁରେ ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି। ୨ ଦିନ ରଥଯାତ୍ରା ପଡୁଥିବାରୁ ସୋମବାର ବିଧି ପାଳନ ହେବ। ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ୩୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଭୋରରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବାପରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ତିନି ଠାକୁର। ଭୋରରୁ ମଙ୍ଗଳ ଆଳତି, ପରେ ପହିଲିଭୋଗ କରାଯାଇ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବେଶ କରାଯାଇଥିଲା। ଖଣ୍ଡୁଆ ପାଟରେ ସଜ୍ଜିତ ହୋଇଥିଲେ ବଡ଼ଭାଇ ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ସୁଦର୍ଶନ। ଏଥିସହ ଟାହିଆ ମଧ ଭିଡାଯାଇଥିଲା। ସୁସଜ୍ଜିତ ହେବାପରେ ବିଗ୍ରହଙ୍କୁ ଜଗମୋହନ କୋଠାରୁ ତଳକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ରଥ ପ୍ରତିଷ୍ଠା ଓ ମାର୍ଜନା କରିଥିଲେ ପୂଜକ। ସେବାୟତମାନେ ଶ୍ରୀଜୀଉଙ୍କୁ ପହଣ୍ଡି କରି ରଥ ଉପରକୁ ନେଇଥିଲେ। ରଥ ଉପରେ ଆଳତି ପରେ ଛେରାପହଁରା କରାଯାଇଥିଲା। ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ ଛେରାପହଁରା କରିଥିଲେ। ସମସ୍ତ ନୀତିକାନ୍ତି ଶେଷ ପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ହେଲେ ୫ଟାରେ ବର୍ଷା ହେବାରୁ ରଥଟଣାରେ ବାଧା ସୃଷ୍ଟି ହୋଇଥିଲେ ମଧ ଶ୍ରଦ୍ଧାର ସହିତ ରଥ ଟାଣିଥିଲେ ଶ୍ରଦ୍ଧାଳୁ। ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା ରଥ। ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସହରବାସୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେବାୟତଙ୍କ ମଧ୍ୟରେ ପ୍ରଶାନ୍ତ ତ୍ରିପାଠୀ, ସୁନୀଲ ପଣ୍ଡା, କୈଳାସ ରଥ, ଗୋପ ରଞ୍ଜନ ବକ୍ସିପାତ୍ର, ଗୋବିନ୍ଦ ରଥ, ରାମ ରଥ, ଗୋପୀନାଥ ପାଳ, ରଞ୍ଜନ କୁମାର ରଥ, ହରିଶ୍ଚନ୍ଦ୍ର ପାଢ଼ୀ, ସୁଜିତ ପଣ୍ଡା, ନୀଳମାଧବ ପଣ୍ଡା, ସତ୍ୟନାରାୟଣ ପାଢ଼ୀ, ଅଜୟ ରଥ, ଜଗନ୍ନାଥ ସାହୁ, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

ରଥଯାତ୍ରାରେ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲାପାଳ ଭାସ୍କର ରୟତ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଏସ୍‌ପି ହରିଶ ବି.ସି., ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ପ୍ରମୁଖ ରଥଟଣାରେ ସାମିଲ ହୋଇଥିଲେ। ଏଣେ ଖଡୁରା ସମାଜ ପକ୍ଷରୁ ଘଣ୍ଟ ବଜାଯାଇଥିବା ବେଳେ କୁମ୍ଭାର ସମାଜ ପକ୍ଷରୁ ରଥଯାତ୍ରାରେ ସେବା ପ୍ରଦାନ କରାଯାଇଥିଲା। ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦେଖିବା ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ମଧ ପ୍ରବଳ ଜନସମାଗମ ହୋଇଥିଲା। ରଥଯାତ୍ରାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିଭଳି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ମଧ କରାଯାଇଥିଲା। ରଥଯାତ୍ରା ହେଉଥିବା ଅଞ୍ଚଳରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ଥିଲା। ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁର ଓ ପୋଲିସ କର୍ମଚାରୀ ରଥଯାତ୍ରା ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଥିଲେ। ରଥ ଟାଣିବା ସମୟରେ ଯେଭଳି କୌଣସି ଅଘଟଣ ନ ଘଟେ, ସେଥିପ୍ରତି ବିଶେଷ ଧ୍ୟାନ ଦେଇଥିଲେ ଆଇଆଇସି କହଁର। ସେହିପରି ଜେକେପୁରସ୍ଥିତ ନାଗାବଳୀ ଶ୍ରୀକ୍ଷେତ୍ର, କାଶୀପୁର, ପାଇକପଡ଼ା, ଅଷ୍ଟାମଡା, ଅମଳାଭଟ୍ଟା, ବିଷମକଟକ, ଦୁର୍ଗୀ, କଲ୍ୟାଣସିଂହପୁର, ମାଣ୍ଡିବିଶି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି।

## ଗୁଣ୍ଡିଚା ମନ୍ଦିରରେ ୨ ରଥ, ମହିଳା ଟାଣିଲେ ସାନରଥ


ଗୁଣପୁରରେ ବଡ଼ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

ଗୁଣପୁର,୭।୭(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରରେ ଶାନ୍ତିଶୃଙ୍ଖଳାର ସହ ଗୁଣ୍ଡିଚା ମନ୍ଦିରରେ ୨ ରଥ ଲାଗିଛି। ସକାଳୁ ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ରଥ ପ୍ରତିଷ୍ଠା ହୋଇଥିଲା। ଅପରାହ୍ଣରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ନିଆଯାଇ ରଥାରୂଢ଼ କରାଯାଇଥିଲା। ରଥରେ ସମସ୍ତ ନୀତିକାନ୍ତି ପରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ୨ରଥ ଗୁଣ୍ଡିଚାଘରେ ପହଞ୍ଚିଥିଲା। ସାନରଥକୁ ମହିଳାମାନେ ଟାଣିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ସତ୍ୟଜିତ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଉପଜିଲାପାଳ କିରନଦିପ କୌର ସହୋତା, ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଏସ୍‌ଡିପିଓ ବାବୁଲି ନାୟକ, ଆଇଆଇସି ଉତ୍ତମ ସାହୁ, ତହସିଲଦାର ଲୀଳାବତୀ ଆଚାର୍ଜି ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ମୁଖ୍ୟ ପୂଜକ ମନୋଜ ପାଢ଼ୀଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ଓ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲାୟନ୍ସ କ୍ଲବ, ଶବର ସାଂସ୍କୃତିକ ସଂଘ, ଜିଆଇଇଟି ଏନ୍‌ଏସ୍‌ଏସ୍ ଭଳି ବିଭିନ୍ନ ସଙ୍ଗଠନ ପକ୍ଷରୁ ସେବା କାର୍ଯ୍ୟ କରାଯାଇଥିଲା।

## ମାଉସୀ ମା’ ମନ୍ଦିରରେ ପହଞ୍ଚିଲେ ଚତୁର୍ଦ୍ଧାମୂର୍ତ୍ତି

ମୁନିଗୁଡ଼ା, ୭।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାରେ ମହାଆଡ଼ମ୍ବରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମୁଖ୍ୟସେବକ ନରୋତ୍ତମ ଦାସଙ୍କ ପୌରୋହିତ୍ୟରେ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷହୋମ ଓ ଅବକାଶ କାର୍ଯ୍ୟ ରୀତିନୀତି ଅନୁଯାୟୀ ସମ୍ପନ୍ନ ପରେ ରାଜ ପୁରୋହିତ ଶ୍ୟାମ ସୁନ୍ଦର ଦାସଙ୍କ ପୌରୋହିତ୍ୟରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସକାଳ ଧୂପ ପରେ ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ ସହ ଅନ୍ୟାନ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ଘଣ୍ଟବାଦ୍ୟ ବଜାଇ ତିନି ଠାକୁରଙ୍କୁ ରତ୍ନବେଦୀରୁ ଧାଡି ପହଣ୍ଡି କରି ରଥାରୂଢ଼ କରାଯାଇ ମଦନମୋହନ ବିଜେ ସହ ଚିତାଲାଗି କରାଯାଇଥିଲା। ମୁଖ୍ୟ ସେବକ ନରୋତ୍ତମ ଦାସ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ତିନି ଠାକୁରଙ୍କୁ ସେବାୟତମାନେ ଧାଡ଼ିପହଣ୍ଡି କରି ମାଉସୀ ମା’ ମନ୍ଦିରକୁ ନିଆଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଆଳତି କରିଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାଜିଷ୍ଟ୍ରେଟ ଭାବେ ମୁନିଗୁଡ଼ା ତହସିଲଦାର ଏମ୍. ଅନୁରାଧା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ବିଡିଓ ପ୍ରିତମ କୁମାର ତନ୍ତୀ ଓ ଆଇଆଇସି ସୌଦାମିନୀ ବେହେରାଙ୍କ ସମେତ ଏକ ପ୍ଲାଟୁନ ପୋଲିସ ମୁତୟନ ଥିଲେ।

## ସପ୍ତଗିରିଙ୍କୁ ଭେଟିଲେ ଏମ୍‌ପି ପ୍ରତିନିଧି ଦଳ

ବିଷମକଟକ,୭।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକର ଏମ୍‌ପି ପ୍ରତିନିଧି ଦଳ ଦ୍ୱିତୀୟ ଥର ନିର୍ବାଚିତ ହୋଇଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ରବିବାର ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଦଳ ଆହୁରି କିପରି ମଜଭୁତ ହେବ, ସେ ସମ୍ପର୍କରେ ସପ୍ତଗିରିଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଉଲ୍ଲାକାଙ୍କ ସହ ସାକ୍ଷାତ୍‌କାର ସମୟରେ ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର କୁସୁଲିଆ, ମିଟୁ ପଣ୍ଡା, ଝିଗିଡି ସରପଞ୍ଚ ଅଜିତ କୁମାର ସାରକା, ହାଟମୁନିଗୁଡା ପୂର୍ବତନ ସରପଞ୍ଚ ଅରକ୍ଷିତ ହିକକା, କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ପୁରୁନ ପିଡିକାକା ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍‌ପି ସପ୍ତଗିରିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ପ୍ରତିନିଧି ଦଳ।

## ଭକ୍ତଙ୍କୁ ନବଯୌବନ ଦର୍ଶନ ଦେଲେ ମହାବାହୁ

ବିଷମକଟକ, ୭।୭ (ପ୍ରସନ୍ନ କୁମାର ପଣ୍ଡା)

ବିଷମ କଟକ ବ୍ଲକର ଦୁଇଟି ସ୍ଥାନରେ ପାଳିତ ହୋଇଛି ୩ ଠାକୁରଙ୍କ ଘୋଷଯାତ୍ରା। ରବିବାର ସକାଳେ ଶ୍ରୀଜୀଉଙ୍କ ନେତ୍ର ଉତ୍ସବ କାର୍ଯ୍ୟକ୍ରମ ସମାପନ ପରେ ଭକ୍ତ ନବଯୌବନ ଦର୍ଶନ କରିଥିଲେ। ପରେ ତିନି ଠାକୁରଙ୍କ ମଙ୍ଗଳ ଆଳତି, ତଡ଼ପଲାଗି, ଗୋପାଳବଲ୍ଲଭ ଭୋଗ ଲାଗି ହେବା ପରେ ଦ୍ୱାରପାଳ ପୂଜା ହୋଇଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ତିନି ଠାକୁର ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରାଙ୍କୁ ଧାଡ଼ି ପହଣ୍ଡିରେ ସେବାୟତମାନେ ମନ୍ଦିର ପରିସରରୁ ପହଣ୍ଡି ବିଜେ କରି ରଥାରୂଢ଼ କରିଥିଲେ। ଅପରାହ୍ଣରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ମାଉସୀ ମା’ ମନ୍ଦିରରେ ଠାକୁରମାନେ ପହଞ୍ଚିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ରଥରେ ଠାକୁରଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡୀ ଓ ଥାନାଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ତଦାରଖ କରୁଥିଲେ।

# ଚନ୍ଦ୍ରପୁର ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ ବୈଠକ

ଚନ୍ଦ୍ରପୁର/ ରାୟଗଡ଼ା, ୭।୭ (ବିଜୟ ପ୍ରସାଦ ଉଲାକା/ ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱର୍କର୍ସ ଆସୋସିଏଶନ ଚନ୍ଦ୍ରପୁର ବ୍ଲକ୍ ଶାଖାର ଏକ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାନେତ୍ରୀ ପୁଷ୍ପାଲତା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ବିଏମ୍‌ଏସ୍‌ର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ଗଣେଶ ସାହୁ, ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ସମ୍ପାଦିକା ଉଷାରାଣୀ ଦାଶ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଏବଂ ଅଣଦେଖାକୁ ବିରୋଧ କରିବା ସହ ନୂତନ ସରକାରଙ୍କଠାରେ ଦାବି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଅଙ୍ଗନୱାଡ଼ି ଏବଂ ସହାୟିକାଙ୍କ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇବା ଉପରେ ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ ଆଲୋଚନା କରାଯାଇଥିଲା। ଶେଷରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ମଞ୍ଜୁଳା ମଣ୍ଡଳ, ଉପସଭାନେତ୍ରୀ ରଞ୍ଜୁ ଦିବାକା, ଅନୁପମା ମଲ୍ଲିକା, ସମ୍ପାଦିକା ପୁଷ୍ପଲତା ପାତ୍ର, ସହ ସମ୍ପାଦିକା ଅନାମିକା ଲିମା, କୋଷାଧ୍ୟକ୍ଷ ପ୍ରିତୀବାଳା ସାହାଣୀ, ସଂଗଠନ ସମ୍ପାଦିକା ସୀତା ଗାଙ୍ଗାରାମା, ସଭ୍ୟା ଭାବେ ମିକି ଟାଙ୍ଗାରାଙ୍ଗା, ଲଳିତା ପ୍ରଧାନିଙ୍କ ସହ ୩ଟି ସେକ୍ଟରରୁ ୬ ଜଣ ସଦସ୍ୟଙ୍କୁ ସେକ୍ଟର ଲିଡର ଭାବରେ ଚୟନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଏବଂ ଅଣଦେଖାକୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ ନ କରନ୍ତି ତାହେଲେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ବ୍ଲକର ସମସ୍ତ କର୍ମୀ ଏବଂ ସହାୟିକା ଯୋଗ ଦେଇଥିଲେ।



ବୈଠକରେ ବିଏମ୍‌ଏସ୍ କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ଅଙ୍ଗନୱାଡି କର୍ମଚାରୀ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଗୁଣପୁର, ୭।୭(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଭାଜପା ପକ୍ଷରୁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଚାରାରୋପଣ କରାଯାଇଥିଲା। ଭାଜପା ଜିଲା ଉପସଭାପତି ଉଦୟନାଥ ପାଢ଼ୀ, ନଗର ସଭାପତି ବଦ୍ରିନାଥ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ଉପସଭାପତି କେ.ପଦ୍ମା, ଓକିଲ ଇନ୍ଦ୍ରାକ୍ଷୀ ଦାସ, ପ୍ରମୋଦ ସାହୁ, କୀର୍ତ୍ତି ପଣ୍ଡା, ମୁଖି ଦିବାକର, ଜୟଦେବ ପଣ୍ଡା, ଦିଲ୍ଲୀପ ନାଗବଂଶ, ଶାନ୍ତନୁ ପାଣିଗ୍ରାହୀ, ଦିଲ୍ଲୀପ ଦାସ, ଅମିତ ଷଡ଼ଙ୍ଗୀ, ରୋହନ ପଟ୍ଟନାୟକ, ସାଇ ପ୍ରଥମ, ଶ୍ରୀକାନ୍ତ ପଣ୍ଡା, ଅମର ପାଇକ, ମଞ୍ଜିତ ବେଶ୍ରା, ଜନାଲି ଶବର, ବବୁଲୁ ଶବର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ୱର୍ଗତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୩ତମ ଜନ୍ମବାର୍ଷିକୀ ଅବସରରେ ତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତି ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଓ ଦେଶପ୍ରେମ ଉପରେ ଆଲୋଚନା କରିଥିଲେ। ବି.ଗଜପତି ରାଓ, ପ୍ରଫୁଲ୍ଲ ଶତପଥୀ, ପ୍ରମୋଦ ସାହୁ ପ୍ରମୁଖ ନିଜ ମତ ରଖିଥିଲେ।

## ପୋଡିସିଂ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଣପୁର,୭।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ପଞ୍ଚାୟତ ପୋଡିସିଂ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂ ଅତିଥି ଭାବେ ଯୋଗଦେଇଥିଲେ। ଟିଟିମିରି ଏବଂ ଆମ୍ବାବାଡି କ୍ଲଷ୍ଟର ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସବିତା ଶବର, ଦମୟନ୍ତୀ ଶବର, ଲକ୍ଷ୍ମୀ ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ରଥ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଦୁର୍ଯ୍ୟୋଧନ ବଦ୍ରିକା, ଶିକ୍ଷକ ଶିବ ପ୍ରସାଦ ମହାପାତ୍ର, ସୂର୍ଯ୍ୟ ପଣ୍ଡା, ସର୍ବେଶ୍ୱର ବେହେରା, ସୁକାନ୍ତ ଖୁଣ୍ଟିଆ, ଜ୍ୟୋତ୍ସ୍ନାରାଣୀ ପରିଛା, ଆର. ରେବତୀଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ଯୋଗ ଦେଇଥିଲେ।

# ଜିଲାର ସାମଗ୍ରିକ ବିକାଶ ନେଇ ଶପଥ ନେଲେ ଜିଲାପାଳ, ବିଧାୟକ

**କୋରାପୁଟ,୭ା୭(ଅମିତାଭ ବେହେରା)**



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅଧିକାରୀମାନେ ଶପଥ ନେଉଛନ୍ତି।

ନୀତିଆୟୋଗ ପକ୍ଷରୁ କୋରାପୁଟ ଆକାଂକ୍ଷା ଜିଲାରେ ଜିଲାପାଳ କାର୍ଯ୍ୟାଳୟଠାରୁ ଜିଲାସ୍ତରୀୟ ସମ୍ପୂର୍ଣ୍ଣତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହାକୁ ଜିଲାପାଳ ଭି.କୀର୍ତ୍ତିଭାସନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବରିଷ୍ଠ ଅଧିକାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ଅଧକ୍ଷତାରେ ସାଂସ୍କୃତିକ ପରିଷଦଠାରେ ଆୟୋଜିତ ସଭାରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଯୋଗଦେଇ ନୀତି ଆୟୋଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମ ୩ମାସରେ ଶତ ପ୍ରତିଶତ ପ୍ରାକ୍ ପ୍ରସବ ଯତ୍ନ ପଞ୍ଜୀକରଣ, ଶତ ପ୍ରତିଶତ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମ ଅଧୀନରେ ଗର୍ଭବତୀ ମହିଳାଙ୍କ ପରିପୂରକ ପୋଷଣ, ଶତ ପ୍ରତିଶତ ପିଲାଙ୍କ ସମ୍ପୂର୍ଣ୍ଣ ଟିକାକରଣ, ଶତ ପ୍ରତିଶତ ମାଧ୍ୟମିକ ସ୍ତରରେ ବିଦ୍ୟାଳୟଗୁଡ଼ିକର ବିଦ୍ୟୁତ୍‌କରଣ, ଶିକ୍ଷା ବର୍ଷ ଆରମ୍ଭର ମାସେ ମଧ୍ୟରେ ଶତ ପ୍ରତିଶତ ବିଦ୍ୟାଳୟର ପିଲାଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ ଭଳି କାର୍ଯ୍ୟକ୍ରମ ରହିଛି। ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ନୀତି ଆୟୋଗ ପର୍ଯ୍ୟବେକ୍ଷକ ଅମ୍ବିକା ଶୁକ୍ଳା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ। ଶେଷରେ କୋରାପୁଟ ସାଂସ୍କୃତିକ ପରିଷଦ ଉପରୋକ୍ତ ଯୋଜନାଗୁଡ଼ିକ ଉପରେ ଏକ ନାଟକ ପରିବେଷଣ କରିଥିଲା।

**ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ**

# ରଥରେ ୩ ଠାକୁର, ଆଜି ରଥଟଣା

**ଜୟପୁର, ୭ା୭(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁରଠାରେ ତିନି ଠାକୁରଙ୍କୁ ପହଣ୍ଡି ପରେ ରଥାରୂଢ଼ କରାଯାଇଛି। ରୀତିନୀତି ଅନୁଯାୟୀ ସୋମବାର ରଥଟଣା ହେବ। ଅପରାହ୍ନ ୪ଟାରେ ତିନି ଠାକୁରଙ୍କୁ ମନ୍ଦିରରୁ ପହଣ୍ଡି କରାଯା ଥିଲା। ବଡ଼ଭାଇ ବଳଭଦ୍ରଙ୍କୁ ସୁନାରି ସାହି ସେବାୟତ, ମାତା ସୁଭଦ୍ରାଙ୍କୁ ଢେରାସାହି ସେବାୟତ, ପ୍ରଭୁ ଜଗନ୍ନାଥଙ୍କୁ ସାମନ୍ତରାୟ ସାହି ସେବାୟତ ଓ ପତିତପାବନଙ୍କୁ ବ୍ରହ୍ମାସାହିର ସେବାୟତ ପହଣ୍ଡି ବିଜେ କରାଇଥିଲେ। ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଇ ରଜାନହରସ୍ଥିତ ନବ ନିର୍ମିତ ରଥ ନିକଟକୁ ନିଆଯାଇ ଥିଲା। ସେଠାରେ ଠାକୁରଙ୍କୁ ୪ଥର ରଥ ପରିକ୍ରମା କରାଯାଇ ରଥାରୂଢ଼ କରାଯାଇ ଥିଲା। ସେହିପରି ଜୟପୁର ପୁରୁଣାଗଡ, ଜୟପୁର ନିକଟସ୍ଥ ବାରିଣିପୁଟ, ଆମ୍ବାଗୁଡା, ବାଟ ଜଗନ୍ନାଥପୁରରେ ଶାନ୍ତି ଶୃଙ୍ଖଳାରେ ରଥଯାତ୍ରା ପାଳନ କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସେଠାରେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳାରେ ପହଣ୍ଡି ସମୟରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ଉପସ୍ଥିତ ଥିଲେ।

# ଆଜି କୋଟିଆରେ ରଥଯାତ୍ରା

**ପଟ୍ଟାଙ୍ଗି,୭ା୭(ଶରତ ଧଳ)**

କୋରାପୁଟ ଜିଲା ଜୟପୁର ଓ କୋଟିଆରେ ଗୋଟିଏ ଦିନ ପରେ ରଥଯାତ୍ରା ପାଳନ ହୋଇଥାଏ। ଏପରି ଦେଖିବାକୁ ମିଳେ ପଟ୍ଟାଙ୍ଗି ବ୍ଲକ ଆନ୍ଧ୍ର ସୀମାକୁ ଲାଗି ଥିବା କୋଟିଆ ପଞ୍ଚାୟତ ସଦର ମହକୁମାରେ। ସୂଚନା ଅନୁସାରେ, ୨୦୦୨ ମେ ୧ରେ ଗଜପତି ମହାରାଜାଙ୍କ ଦ୍ୱାରା ଉକ୍ତ ପଞ୍ଚାୟତରେ ଜଗନ୍ନାଥ ମନ୍ଦିର ସ୍ଥାପିତ ହେବା ପରଠାରୁ ସ୍ଥାନୀୟ ବ୍ଲକ ପ୍ରଶାସନ ତଥା ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜଗନ୍ନାଥଙ୍କ ନିତିକାନ୍ତି ବା ପୂଜାର୍ଚ୍ଚନା କରି ଜଗନ୍ନାଥଙ୍କୁ ରଥ ଉପରକୁ ବିଜେ କରାଯାଇ ତା ଆରଦିନ ରଥଟଣା କାର୍ଯ୍ୟକ୍ରମ ହୋଇଥାଏ। ଚଳିତ ବର୍ଷ ମଧ୍ୟ ସେହି ରିତିନିତି ନିୟମରେ ରବିବାର ପୂଜାର୍ଚ୍ଚନା ହୋଇଥିଲା। ଯେଉଁଥିରେ ସରପଞ୍ଚ ଲିୟୁ ଗେମେଲ, କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇ, ପିଇଓ କଣ୍ଡା ଗୋଲରି ଓ ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟକ୍ରମ ସାରି ସୋମବାର ରଥଟଣା ନିମନ୍ତେ ସମସ୍ତ ପ୍ରସ୍ତୁତି କରିଥିବା ଜଣାପଡିଛି। ସେହିପରି ପଟ୍ଟାଙ୍ଗିରେ ଜଗନ୍ନାଥଙ୍କ ମୁଖ୍ୟ ପୂଜକ ଦିଲିପ କୁମାର ହୋତାଙ୍କ ଦ୍ୱାରା ପୂଜାର୍ଚ୍ଚନା ହେବା ପରେ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ମାଉସୀ ମା' ମନ୍ଦିରରେ ରଥ ପହଞ୍ଚିଥିଲା।

# ଜୟପୁର ବ୍ଲକ୍‌ରେ ଜନସଂଖ୍ୟା ସ୍ଥିରତାପକ୍ଷ



ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

**ଜୟପୁର,୭ା୭(ପବନ ପାଣିଗ୍ରାହୀ)**

ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜୟପୁର ବ୍ଲକରେ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହେଉଛି। ଏହି ଅବସରରେ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା ରଥକୁ ମେଡିକାଲ ଅଫିସର ସୋମିତ୍ର ଦଳେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ଡାକବାଜିଯନ୍ତ୍ର, ପ୍ରଚାରପତ୍ର ଓ ପୋଷ୍ଟର ମାଧ୍ୟମରେ ଜନସଂଖ୍ୟା ବୃଦ୍ଧି ଯୋଗୁ ହେଉଥିବା ସମସ୍ୟା, ସରକାରଙ୍କ ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିବ। ଏଥିସହ ଆଶାକର୍ମୀମାନେ ଘର ଘର ବୁଲି ଲୋକଙ୍କୁ ପରିବାର ନିୟୋଜନ ପାଇଁ ଥିବା ବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ସୁବିଧା ବିଷୟରେ ଅବଗତ କରାଇବେ। ଯୋଗ୍ୟ ପୁରୁଷ ଓ ମହିଳାଙ୍କୁ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ହେଉଥିବା ଶିବିରର ସୁଯୋଗ ନେବା, ବିଭିନ୍ନ ଅସ୍ଥାୟୀ ପଦ୍ଧତି ଉପରେ ସେମାନେ ସଚେତନ କରିବେ। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଇନଚାର୍ଜ ମୋନାଲିସା ନାୟକ, ପିଏଚ୍‌ଇଓ ଧରିତ୍ରୀ ମୁଦୁଲି, ବିପିଏମ୍ ଦୀପାନ୍ୱିତା ପଟ୍ଟନାୟକ, ହିମାଂଶୁ ମିଶ୍ର, ସୁପରଭାଇଜର ସୁଶାନ୍ତ ନାୟକ, ପ୍ରଶାନ୍ତ ମହାରଣା, ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମଥର ସୁଙ୍କିରେ ରଥ ଯାତ୍ରା

**ପଟ୍ଟାଙ୍ଗ, ୭ା୭(ଶରତ ଧଳ)**



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ସୁଙ୍କି ପଞ୍ଚାୟତରେ ପ୍ରଥମ ଥର ରଥଯାତ୍ରା ପାଳିତ ହୋଇଛି। ସୂଚନା ମୁତାବକ ଆନ୍ଧ୍ର–ଓଡିଶା ସୀମାନ୍ତ ଉକ୍ତ ପଞ୍ଚାୟତରେ ଚଳିତ ବର୍ଷ ରଥ ଯାତ୍ରା ପାଳନ କରାଯାଇଛି। ପଞ୍ଚାୟତର ସୁଧାକର ସାହୁଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ପ୍ରଥମଥର ଆନନ୍ଦ ଉଲ୍ଲାସର ସହ ରଥଯାତ୍ରା ପାଳନ କରାଯାଇଥିଲା। ସୁଙ୍କି ଦେଶାମ ମନ୍ଦିରଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ରଥଟଣା ହେଇଥିଲା। ସକାଳୁ ନିତି କାନ୍ତି ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ରଥରେ ଭୋଗ ଲାଗି ସହ ହୃଷୀକେଶ ପଣ୍ଡାଙ୍କ ଦ୍ୱାରା ଛେରା ପହଁରା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଅଗାମୀ ବର୍ଷରେ ଆହୁରି ଆଡମ୍ବର ସହିତ ରଥଯାତ୍ରା କରାଯିବ ବୋଲି ସୁଧାକର ସାହୁ କହିଥିଲେ।

ପ୍ରକାଶଯେ, ସୁଧାକର ଜଣେ ହୋଟେଲ ବ୍ୟବସାୟୀ। ସେ ବୁହୁବର୍ଷ ହେଲା ରଥ ଯାତ୍ରା କରିବା ପାଇଁ ଜଗନ୍ନାଥଙ୍କୁ ମନେ ମନେ ପ୍ରାଥନା କରିବା ସହିତ ପ୍ରତି ବର୍ଷ ଛୋଟ ମୂର୍ତ୍ତି ଆଣି ହୋଟେଲ ସମ୍ମୁଖରେ ପୂଜା କରୁଥିଲେ। ପରେ ପରେ ଯାହାକି ରଥ ନିର୍ମାଣ କରି ଯାତ୍ରା କରିବାରେ ଭଗବାନଙ୍କ ଆଶୀର୍ବାଦରୁ ସଫଳ ହୋଇଛନ୍ତି। ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଗୁପ୍ତଶଙ୍କର ପଟ୍ଟନାୟକ, ଶ୍ୟାମସୁନ୍ଦର ମହାନ୍ତି, ଶ୍ୟାମସୁନ୍ଦର ପାତ୍ର, ପ୍ରଶାନ୍ତ ମଲିକ, ହରି ବେହେରା, ଶେଖର ବାବୁଙ୍କ ସହ ସୁଙ୍କି ପୋଲିସ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୋ–ପ୍ରଜନନ କ୍ଷମତା ବୃଦ୍ଧି ସଚେତନତା ଶିବିର



କାର୍ଯ୍ୟକ୍ରମରେ ଅତିଥିମାନେ।

**ଉମରକୋଟ, ୭ା୭(ସନ୍ତୋଷ ଶତପଥୀ)**

ପଶୁଧନ ଜାଗୃତି ଅଭିଯାନ ଆନୁକୂଲ୍ୟରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ଅଧୀନ ୟୁଭି–୮ ଖୁଟୁଗୁଡ଼ାରେ ଜିଲାସ୍ତରୀୟ ଗୋ–ପ୍ରଜନନ କ୍ଷମତା ବୃଦ୍ଧି ଓ ସଚେତନତା ଶିବିର କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝି ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼କୁମାରୀ ସରପଞ୍ଚ ତିଳୋତ୍ତମା ଭତ୍ରା, ସମିତି ସଭ୍ୟା ତନୁଜା ଡାକୁଆ ଯୋଗଦେଇଥିଲେ। ରାଜ୍ୟରେ ପ୍ରାଣୀ ସମ୍ପଦ ବିକାଶ ପାଇଁ ଗୋ–ପ୍ରଜନନ କ୍ଷମତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ରୋଗ ନିୟନ୍ତ୍ରଣ ଡାକ୍ତର ସୁନୀଲ ପ୍ରଧାନ, ଉପନିର୍ଦ୍ଦେଶକ ଡାକ୍ତର ବିଜୟ ପାତ୍ର, ଡାକ୍ତର ଗୁଣନିଧି ବେହେରା କହିଛନ୍ତି। ଚାଷୀ କୃତ୍ରିମ ପ୍ରଜନନ ମାଧ୍ୟମରେ ଜନ୍ମିତ ସଙ୍କର ମାଈ ବାଛୁରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇ ଦିଆଯାଉଛି। ସଚେତନତା ଶିବିରରେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାଦାନ କରାଯାଉଥିବ କୁହାଯାଇଛି। ଚାଷୀମାନଙ୍କର ସଚେତନତା ପାଇଁ ରୋଗ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସୁଚାଇ ଦିଆଯାଇଛି। ମାଗଣା ସ୍ୱାସ୍ଥ୍ୟ ସେବା ସହ ଔଷଧ ବିତରଣ କରାଯାଇଥିଲା। ଓମ୍‌ଫେଡ୍ ୟୁନିଟ୍ ଇନ୍‌ଚାର୍ଜ ପ୍ରଶାନ୍ତ ବିଶ୍ୱାଳ ଯୋଗଦେଇ ଘାସ ମଞ୍ଜିର ଉପକାରିତା ସମ୍ପର୍କରେ କହିଥିଲେ। ଏଥିସହ ଚାଷୀଙ୍କୁ ଘାସ ମଞ୍ଜି ବିତରଣ କରାଯାଇଛି। ଏଥିରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଦିଲୀପ କବିରାଜ, ଉମରକୋଟ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ ମହାନ୍ତି, କୋଷାଗୁମୁଡ଼ା ବ୍ଲକ୍ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ରଶ୍ମିତା ମାଳୀ, ଡାକ୍ତର ସୁନୀଲ ନାୟକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଡାକ୍ତର ଆଶିଷ ମହାପାତ୍ର, ଡାକ୍ତର ଅଭିଷେକ ହୋତା ପ୍ରମୁଖଙ୍କ ସହ ସମସ୍ତ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଡାକ୍ତର ସ୍ମିତାଶ୍ରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ପ୍ରତିଟି ଗଛ ଆମ ପାଇଁ ମୂଲ୍ୟବାନ

**ନବରଙ୍ଗପୁର,୭ା୭(ସଦାଶିବ ପ୍ରହରାଜ)**


ଅତିଥିମାନେ ଚାରାରୋପଣ କରୁଛନ୍ତି।

ବନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବନ ମହୋତ୍ସବ ସ୍ଥାନୀୟ କେଶିରିଗୁଡ଼ା ବୁଢ଼ାରାଜା ପାହାଡ଼ ନିମ୍ନଭାଗରେ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତେ ମାଆଙ୍କ ନାମରେ ଗୋଟିଏ ଲେଖାଏଁ ଗଛ ଲଗାଇବା ଆମ ସଂସ୍କୃତି ଓ ପରମ୍ପରା ପ୍ରକୃତି ସହିତ ଜଡ଼ିତ। ପ୍ରତିଟି ଗଛ ଆମ ପାଇଁ ମୂଲ୍ୟବାନ। ବନ ବିଭାଗ ୧ ଟଙ୍କାରେ ଗୋଟିଏ ଚାରା ଯୋଗାଉଛନ୍ତି। ଆମେ ଗଛ ଆଣି ଚାରାରୋପଣ କରିବା। ଜଙ୍ଗଲ ଅଧିକରୁ ଅଧିକ ସୃଷ୍ଟି ହେଲେ ପାଣିପାଗ ଓ ପରିବେଶ ସୁରକ୍ଷିତ ରହିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ କମଲଲୋଚନ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ (ରାଜସ୍ୱ), ଗ୍ରାମ୍ୟ ବିକାଶ ସଙ୍ଗଠନ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାବତ, ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ଭତରା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ୍ୟ ଜଙ୍ଗଲ କାଟିବା ଉପରେ ରୋକ ଲଗାଇବା ଓ ପ୍ରତି ଗାଁରେ ସଚେତନ କରାଯିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲାର ପରିସୀମାକୁ ଆଧାର କଲେ ୨୨% ଜଙ୍ଗଲ ରହିଛି। ଚଳିତବର୍ଷ ଜିଲାରେ ୫ ଲକ୍ଷ ଚାରା ରୋପଣ ହେବ। ୩ ଲକ୍ଷ ୮୦ ହଜାର ଚାରା ଏସ୍‌ଏଚ୍‌ଜି, ସାମାଜିକ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବାକୁ କେନ୍ଦ୍ରୀୟ ଓ ସ୍ଥାନୀୟ ନର୍ସରୀରେ ରହିଥିବା ଡିଏଫ୍‌ଓ ବେହେରା କହିଥିଲେ। ଜଙ୍ଗଲ ଜମିରେ ମଧ୍ୟ ବନ ସୁରକ୍ଷା ସମିତି ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଚାରାରୋପଣ ଚାଲିଛି। ଜୁଲାଇ ମାସ ସାରା ଚାରାରୋପଣ କରାଯିବ ବୋଲି ସେ କହିଥିଲେ। ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାରେ ଏକ ସ୍ମୃତିବାଟିକା କରି ପ୍ରତିଦିନ ଗୋଟିଏ ଗଛ ଯେମିତି ଲାଗିବ, ସେଥିପ୍ରତି ଗୁରୁତ୍ୱ ଦେଲେ ଭଲହୁଅନ୍ତା ବୋଲି ସେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ସଦସ୍ୟ, ସ୍ଥାନୀୟ ମହିଳା ଓ ବନ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡିଏଲ୍‌ଏସ୍‌ଏ ପକ୍ଷରୁ ବନ ମହୋତ୍ସବ

**ନବରଙ୍ଗପୁର,୭ା୭ (ସଦାଶିବ ପ୍ରହରାଜ)**



ଅତିଥିମାନେ ଚାରାରୋପଣ କରୁଛନ୍ତି।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଜିଲା କୋର୍ଟ ପରିସରଠାରେ ୭୫ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଜିଲା କୋର୍ଟ ପରିସରରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଚାରବିଭାଗୀୟ ଅଧିକାରୀ, ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀମାନେ ଭାଗନେଇଥିଲେ। ଜିଲା ଦୌରାଜଜ୍ ତଥା ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ସଞ୍ଜୀବ ଦୁବେ ଯୋଗ ଦେଇ ଚାରା ଲଗାଇଥିଲେ।

ଅନ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ ବାସୁଦେବ ଆଚାର୍ଯ୍ୟ, ପରିବାର କୋର୍ଟ ଜଜ୍ ଲିଲିପ୍ସା ପଶାୟତ, ଅତିରିକ୍ତ ଜିଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର, ମୁଖ୍ୟ ବିଚାରବିଭାଗ ଦଣ୍ଡାଧିକାରୀ ସୀମା ତ୍ରିପାଠୀ, ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିପ୍ସା ଗୋଛାୟତ, ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ, ଜିଲା କୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେୱାନୀ ଜଜ୍ ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା, ଜେଏମ୍‌ଏଫ୍‌ସି ରାଜେଶ କୁମାର ମିଶ୍ର, ସହକାରୀ ବନ ସଂରକ୍ଷକ ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ ଦିବ୍ୟା ମାଧୁରୀ ସେଠୀ, ବନାଞ୍ଚଳ ଅଧିକାରୀ ଓ ଜିଲା ଆଇନଜୀବୀ ସଂଘ ସମ୍ପାଦକ ତପନ ସିଂହ, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇଥିଲେ। ଡିଏଲ୍‌ଏସ୍‌ଏ ଓ ବନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ମିଶନ ଅକ୍ସିଜେନ୍‌ରେ ୫ ହଜାର ଚାରାରୋପଣ ଲକ୍ଷ୍ୟ

**ନବରଙ୍ଗପୁର,୭ା୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରରେ ଦିନକୁଦିନ ବୃଦ୍ଧି ପାଉଥିବା ତାପମାତ୍ରାକୁ ରୋକିବା, ସହରକୁ ସବୁଜମୟ କରିବା ଉଦ୍ଦେଶ୍ୟରେ ବହୁଳ ପରିମାଣରେ ଚାରାରୋପଣ କରିବା ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ୱାର୍କିଂ ଜର୍ନାଲିଷ୍ଟ ୟୁନିୟନ (ଡବ୍ଲ୍ୟୁଜେୟୁ) ଆବାହନରେ ଚାରାରୋପଣ ଓ ଚାରା ସଂରକ୍ଷଣ କରିବା ପାଇଁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ପି. ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡିଏଫ୍‌ଓ ଏସ୍‌ପି ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଓକିଲ ସଂଘ ସଭାପତି ନରସିଂହ ତ୍ରିପାଠୀ ଯୋଗ ଦେଇଥିଲେ। ଏହି କ୍ରମରେ ଚାମୁରିଆଗୁଡ଼ାରୁ ଇନ୍ଦ୍ରାବତୀ ଶ୍ମଶାନ ପର୍ଯ୍ୟନ୍ତ ଆଇକନ ଗ୍ରୁପ ଚାରାରୋପଣ ଦାୟିତ୍ୱ ଗ୍ରହଣ କରିବେ। ସେହିଭଳି ମହିଳା ମହାବିଦ୍ୟାଳୟରୁ ଭିଜିଲାନ୍ସ କାର୍ଯ୍ୟାଳୟ ରାସ୍ତା ବିଦ୍ୟାର୍ଥୀ କଲେଜ, ନୂଆବନ୍ଧ ସାହିରୁ କୋର୍ଟ ଛକ ପର୍ଯ୍ୟନ୍ତ ମିଲର ଆସୋସିଏଶନ, ଦଶରାପଦାରୁ ନୀଳକଣ୍ଠଗୁଡ଼ା ପର୍ଯ୍ୟନ୍ତ ସତ୍ୟସାଇ ସେବା ସଂଘ, ନୀଳାମ୍ବର ଗ୍ୟାସ କାର୍ଯ୍ୟାଳୟରୁ ନୂତନ ଆଶ୍ରମ ପର୍ଯ୍ୟନ୍ତ ବ୍ରହ୍ମାକୁମାର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଚାମୁରିଆଗୁଡାରୁ ମାଝିଗୁଡା ଛକ ଓ ଆର୍‌ସିଡି ପଡିଆ ଚାରିପାର୍ଶ୍ୱ ପୌରପାଳିକା, ନୂତନ ମଣ୍ଡେଇ ପଡିଆର ଭିତର ପଟରେ ଚାରାରୋପଣ କରିବା ପାଇଁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଦାୟିତ୍ୱ ନେଇଛନ୍ତି। ଫାୟାର ଷ୍ଟେଶନରୁ ଶାସନ ଏବଂ ମେଡିକାଲରୁ କୋର୍ଟ ପର୍ଯ୍ୟନ୍ତ ଚାରାରୋପଣ ଦାୟିତ୍ୱ ବନ ବିଭାଗ ହାତକୁ ନେବ ବୋଲି ଡିଏଫ୍‌ଓ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ୫୦୦୦ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅଳ୍ପ ଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ପି. ପ୍ରକାଶ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏପିଡି ୱାଟର ଶେଡ୍ ପ୍ରମୋଦ ବେହେରା, ପୌରପାଳିକାରୁ ରାମ ଶଙ୍କର ଦାଶ, ବଣିକ ସଂଘ ସଭାପତି କାହ୍ନୁ ଦାଶ, ମିଲର ଆସୋସିଏଶନରୁ ବିଶ୍ୱମ୍ଭର ଦାଶ, ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ରାଜୀବ ଜାଲ, ନବରଙ୍ଗପୁର କଲେଜ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ, ବିଦ୍ୟାର୍ଥୀ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ, ଉତ୍କଳ କଲେଜରୁ ସତ୍ୟ ନାରାୟଣ ରଥ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟରୁ ମଣିକମଳା ଆଚାର୍ଯ୍ୟ, ଆଇକୋନିକ ଗ୍ରୁପର କାଳି ପଟ୍ଟନାୟକ, ନାଗେଶ୍ୱର ସୁବୁଦ୍ଧି, ଏମ୍. ନାଗେଶ, ପ୍ରଜାପିତା ଈଶ୍ୱରୀୟ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ବି.କେ. ନମିତା ଓ ବି.କେ. ରାକ୍ଷୀ, ସତ୍ୟସାଇ ଅନୁଷ୍ଠାନର ବି.ଚନ୍ଦ୍ରଶେଖର ରାଓ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସଂଘର ଉପସଭାପତି କିଶୋର ପଟ୍ଟନାୟକ, ସାଧାରଣ ସମ୍ପାଦକ ଏ. ସତୀଶ, ଯୁଗ୍ମ ସମ୍ପାଦକ ସ୍ୱାଧୀନ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ରାମ କିରଣ ପଟ୍ଟନାୟକ ଓ ନବଘନ ବିଷୋୟୀ ଉପସ୍ଥିତ ଥିଲେ।


# ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେଲେ ଆକ୍ସନ ନିଆଯିବ

**ଝରିଗାଁ,୭ା୭(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁକୁ ଶନିବାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଗସ୍ତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ କରସାହାଣ୍ଡି ଛକରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଆଇନଜୀବୀ ଚନ୍ଦ୍ରଭାନୁ ନାୟକ, ବରିଷ୍ଠ ନେତା ପ୍ରଫୁଲ୍ଲ ପ୍ରଧାନୀ, ମହେଶ୍ୱର ତିୱାରୀ, କୁନୁ ତିୱାରୀ, ବୁଲୁ ଷଡ଼ଙ୍ଗୀ, ଭିକି ରଥ, ଗିରି ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ସମୀକ୍ଷା ତଥା ଜନଶୁଣାଣି ବୈଠକରେ ଉଭୟେ ଯୋଗଦେଇ ବ୍ଲକବାସୀଙ୍କ ସମସ୍ୟା ଶୁଣିଥିଲେ।

ଝରିଗାଁ ପଞ୍ଚାୟତ ସମିତିରେ ଦୀର୍ଘ ୧୪ ମାସ ହେଲା କୌଣସି ସମିତି ବୈଠକ ହୋଇନାହିଁ ବୋଲି କୁତୁରିଛାପର ପଞ୍ଚାୟତ ସମିତି ସଭ୍ୟ ପ୍ରସନ୍ନ ମାଝୀ ଅଭିଯୋଗ କରିଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବତନ ବିଧାୟକଙ୍କ ପାଣ୍ଠିରୁ ଖର୍ଚ୍ଚ ହୋଇ ଆସିଥିବା ନୂତନ ଆମ୍ବୁଲାନ୍ସ କାହିଁକି ବ୍ୟବହାର ହୋଇପାରୁନାହିଁ। ଝରିଗାଁ ବ୍ଲକରେ ହୋଇଥିବା ଉନ୍ନନମୂଳକ କାର୍ଯ୍ୟରେ କୌଣସି ପ୍ରକାରର ସାଇନ୍ ବୋର୍ଡ ଲଗା ଯାଉଥିବା ନ ଥିବା ସେ କହିଥିଲେ। ଇଚ୍ଛାପୁର ପଞ୍ଚାୟତ ସକାଶେ ନିର୍ମାଣ ହୋଇଥିବ ପଞ୍ଚାୟତ ଗୃହ କିପରି ଶୀଘ୍ର କାର୍ଯ୍ୟକାରୀ ହୋଇପାରିବ, ସେଥିନେଇ ଚିତ୍ରସେନ ତିୱାରୀ ଅଭିଯୋଗ ଜଣାଇଥିଲେ। ୨୦୧୪ରୁ ବିବାଦରେ ରହିଥିବା ଉଦଲିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଇଚ୍ଛାପୁର ପଞ୍ଚାୟତ ମୁଣ୍ଡିମାଳ ଗ୍ରାମର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ହୋଇନାହିଁ। ବଡ଼ଟେମୋର ଆଶ୍ରମ ବିଦ୍ୟାଳୟରେ ବିଶୁଦ୍ଧ ପାଣି ଯୋଗାଇବାକୁ ଗ୍ରାମବାସୀ ଦାବି କରିଥିଲେ। କରମରୀ ଗ୍ରାମରେ ଛାତ୍ରୀଙ୍କ ରହିବା ପାଇଁ କୋଠା ତିଆରି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ସେହିପରି ଝରିଗାଁ ବସଷ୍ଟାଣ୍ଡରେ ମାଗଣା ପରିସ୍ରାଗାର ତିଆରି ହୋଇ ଶୁଭ ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ ବୋଲି ଆଲୋଚନା ହୋଇଥିଲା। ଲୋକଙ୍କ ଅଭିଯୋଗ ଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ ନ ହେଲେ ଆକ୍ସନ ନିଆଯିବ ବୋଲି କହିଥିଲେ। ଆଗେ କ'ଣ ହେଉଥିଲା, କିନ୍ତୁ ଏବେ ସତର୍କ ରହିବାପାଇଁ ମନ୍ତ୍ରୀ ଗଣ୍ଡ କହିଥିଲେ। ଗତ ନିର୍ବାଚନବେଳେ ଦେଉଳକଣା ବୁଥ୍ ପରିସରରେ ଭାଜପା ବିଧାୟକ ନରସିଂହ ଭତ୍ରାଙ୍କୁ ମାଡ଼ ମରାଯାଇଥିଲା। ଏହି ଘଟଣାରେ ପୋଲିସ କ'ଣ ପଦକ୍ଷେପ ନେଇଛି ସେ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପଚାରିଥିଲେ। ଝରିଗାଁ ସଦର ମହକୁମାରେ ପୂର୍ଣ୍ଣବନ୍ଧ ଏବଂ ଯୋକବନ୍ଧରେ ହୋଇଥିବା ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଭଲ କାମ କରିବା ଦିଗରେ ଗୁରୁତ୍ୱ ଦେବାକୁ ଏ ଇ ବିନୀତ କୁମାର ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ।


ମନ୍ତ୍ରୀ ଓ ବିଧାୟକ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।



ଭୋପାଳରେ ରବିବାର ମଧ୍ୟପ୍ରଦେଶ ଭାଜପା ଶାଖାର କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟ ଭାଜପା ସଭାପତି ଭି.ଡି. ଶର୍ମା। ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉପସ୍ଥିତ। (ପି.ଟି.)

## ସମ୍ବିତଙ୍କ 'ଢୋଲ ଭିତରେ ମୂଷା' ମନ୍ତବ୍ୟ, ବିଜେଡିରେ ଆଲୋଡ଼ନ

କୁଜଙ୍ଗ,୭।୭(ମନୋଜ ପ୍ରଧାନ)



ସମ୍ବିତ ରାଉତରାୟ

ପାରାଦୀପର ପୂର୍ବତନ ବିଜେଡି ବିଧାୟକ ସମ୍ବିତ ରାଉତରାୟ ରବିବାର ଭୁବନେଶ୍ୱରଠାରେ ଗତ ନିର୍ବାଚନରେ ଦଳ ହାରିବାର କାରଣ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଏବେ ବିଜେଡିରେ ଆଲୋଡ଼ନ ସୃଷ୍ଟି କରିଛି। ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, 'ଢୋଲ ଭିତରେ ଥିବା ମୂଷା' ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ହାରିଲା। ତାଙ୍କ ମନ୍ତବ୍ୟ ଦଳ ଭିତରେ ଥାଇ କେତେ ଜଣ ନେତା ନିର୍ବାଚନରେ ଅନ୍ତର୍ଘାତୀ କାର୍ଯ୍ୟ କରିଥିବା ବିଷୟକୁ ଇଙ୍ଗିତ କରୁଛି। ତେବେ ଦଳବିରୋଧୀ କାର୍ଯ୍ୟ କରିଥିବା ନେତାଙ୍କ ନାମ ପ୍ରକାଶ କରିବାକୁ ସମ୍ବିତ ମନା କରିଦେଇଛନ୍ତି। ସ୍ତ୍ରୀ ଗୀତାଞ୍ଜଳି ରାଉତରାୟଙ୍କ ପରାଜୟ ସମ୍ପର୍କରେ ସେ କହିଛନ୍ତି, ଏବେବି ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ହୃଦୟରେ ଅଛନ୍ତି। ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କ ହୃଦୟରେ ରହି ମଧ୍ୟ ଦଳ ହାରିଲା। ସେଭଳି ସ୍ଥିତି ପାରାଦୀପରେ ଘଟିଲା ବୋଲି ସମ୍ବିତ କହିଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ବିଜେଡି ଉପସଭାପତି ପୀତାମ୍ବର ତରାଇଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଛନ୍ତି, ସମ୍ବିତ ଯଦି ଢୋଲ ଭିତରେ ଥିବା ମୂଷାକୁ ଚିହ୍ନିଥିଲେ ତାକୁ ଦୂରେଇ ରଖିଲେ ନାହିଁ କାହିଁକି । ଏବେ ନିର୍ବାଚନର ମାସକ ପରେ ଏଭଳି ବିବୃତି ଦେବା ଠିକ୍ ନୁହେଁ । ଏହା କେବଳ ଦଳୀୟ କନ୍ଦଳ ବଢ଼ାଇବା ଛଡ଼ା ଆଉ କିଛି ନୁହେଁ। ତେବେ ଏ ବିଷୟରେ ଦଳୀୟସ୍ତରରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ବେଳେ ଆଗକୁ ବିଜେଡି ଭିତରେ ସମ୍ବିତଙ୍କ ମନ୍ତବ୍ୟ କିଭଳି ରୂପ ଧାରଣ କରିବ ତାହାକୁ ଦେଖିବା ବାକି ରହିଲା। ଅପରପକ୍ଷେ ନୂଆ ସରକାର ବିଷୟରେ ପଚରାଯିବାରୁ ସମ୍ବିତ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି ।

# ଆଜି ହିଂସା ପ୍ରଭାବିତ ମଣିପୁର ଯିବେ ରାହୁଲ

ନୂଆଦିଲ୍ଲୀ,୭।୭



ରାହୁଲ ଗାନ୍ଧୀ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ମଣିପୁର ଗସ୍ତ କରି ବିଭିନ୍ନ ଜିଲାରେ ହିଂସା ପ୍ରଭାବିତ ଲୋକମାନଙ୍କୁ ଭେଟିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବେ। ଏହି ହିଂସା କ୍ଷତିଗ୍ରସ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟକୁ ରାହୁଲଙ୍କର ଏହା ତୃତୀୟ ଗସ୍ତ ହୋଇଥିବାବେଳେ ବିରୋଧୀ ଦଳ ନେତା ଭାବେ ସେ ପ୍ରଥମ ଥର ପାଇଁ ଯାଉଛନ୍ତି। ତାଙ୍କ ଗସ୍ତ ସମ୍ପର୍କରେ ମଣିପୁର କଂଗ୍ରେସ ନେତା ରବିବାର ଏଆଇସିସି ରାଜ୍ୟ ପ୍ରଭାରୀ ଗିରୀଶ ଚୋଡ଼ାନକରଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ମଣିପୁର କଂଗ୍ରେସ ସଭାପତି କିଶମ ମେଘଚନ୍ଦ୍ର, କଂଗ୍ରେସ ବିଧାୟକ ଦଳ ନେତା ଓ' ଇବୋବି ସିଂ, ରାଜ୍ୟର ୨ କଂଗ୍ରେସ ଏମ୍‌ପି ଯୋଗ ଦେଇଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାହୁଲ ହିଂସାପ୍ରବଣ ଜିରିବାମ୍, ଚୁରାଚାନ୍ଦପୁର ଏବଂ ଇମ୍ଫାଲ ଜିଲାକୁ ଯାଇ ସେଠାର ଲୋକମାନଙ୍କ ସହ ସାରା ଦିନ ବିତାଇବେ। ଗତ ମାସ ୬ରେ ସାନି ହିଂସାକାଣ୍ଡ ଘଟିଥିବା ଜିରିବାମ୍ ଜିଲାକୁ ରାହୁଲ ପ୍ରଥମେ ଯାଇ ସେଠାର କେତେକ ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିବେ। ଏହା ପରେ ସେ ଇମ୍ଫାଲ ଏବଂ ଚୁରାଚାନ୍ଦପୁର ଜିଲାକୁ ଯାଇ ସେଠାର ରିଲିଫ୍ କ୍ୟାମ୍ପରେ ଥିବା କ୍ଷତିଗ୍ରସ୍ତମାନଙ୍କ ସହ ଆଲୋଚନା କରିବେ। ଏହା ବ୍ୟତୀତ ବିଷ୍ଣୁପୁର ଜିଲାର ମୋଇରାଙ୍ଗକୁ ଯାଇ ସେଠାର କେତେକ ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିବା ପରେ ରାହୁଲ ଇମ୍ଫାଲ ଫେରିଆସି ରାଜ୍ୟପାଳ ଅନୁସୂୟା ଉଇକେଙ୍କ ସହ ବୈଠକ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ରାହୁଲଙ୍କ ମଣିପୁର ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

## ହାଥରସ୍ ଦଳାଚକଟା: କ୍ଷତିପୂରଣ ବଢ଼ାଇବାକୁ ରାହୁଲଙ୍କ ଦାବି

ନୂଆଦିଲ୍ଲୀ,୭।୭

ହାଥ୍‌ରସ୍ ଦଳାଚକଟା ଘଟଣାରେ ମୃତକଙ୍କ ପରିବାର ଓ ଆହତଙ୍କ ପାଇଁ କ୍ଷତିପୂରଣ ରାଶି ବଢ଼ାଇବା ଏବଂ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। ଦଳାଚକଟା ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ରାହୁଲ ଦାବି କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ରାହୁଲ ହାଥ୍‌ରସ୍ ଯାଇ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ସରକାର ଘୋଷଣା କରିଥିବା କ୍ଷତିପୂରଣ ରାଶି ପର୍ଯ୍ୟାପ୍ତ ନୁହେଁ, ଏହା ବଢ଼ାଯିବା ଏବଂ ତୁରନ୍ତ ମିଳିବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି।

## ବାଚସ୍ପତି ନିର୍ବାଚନ ସମୃଦ୍ଧ ଗଣତନ୍ତ୍ରର ପ୍ରତୀକ: ବିର୍ଲା



ଓମ୍ ବିର୍ଲା

କୋଟା,୭।୭

ଲୋକ ସଭା ବାଚସ୍ପତି ନିର୍ବାଚନ ଏକ ଜୀବନ୍ତ ତଥା ସମୃଦ୍ଧ ଗଣତନ୍ତ୍ରର ପ୍ରତୀକ ବୋଲି ରବିବାର ନିଜ ସଂସଦୀୟ ଆସନ କୋଟା ଗସ୍ତରେ ଥିବା ସଂସଦ ନିମ୍ନ ସଦନର ଅଧ୍ୟକ୍ଷ ଓମ୍ ବିର୍ଲା କହିଛନ୍ତି। ୧୯୭୬ ପରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ବାଚସ୍ପତି ନିର୍ବାଚନ ସମ୍ପର୍କରେ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ କୋଟା ଏମ୍‌ପି ବିର୍ଲା ଏହି ମନ୍ତବ୍ୟ ଦେଇଛନ୍ତି। ବିର୍ଲା କହିଛନ୍ତି, ସଂସଦ ଓ ସଡ଼କରେ ବିକ୍ଷୋଭ ମଧ୍ୟରେ ପାର୍ଥକ୍ୟ ରହିଛି। ବିରୋଧୀ ସଦସ୍ୟମାନେ ଗୃହର ମର୍ଯ୍ୟାଦା ରକ୍ଷା କରିବା ଉଚିତ।

## ପାଇଜାମା ମନ୍ତବ୍ୟ: ମହୁଆଙ୍କ ନାଁରେ ମାମଲା

ନୂଆଦିଲ୍ଲୀ, ୭।୭



ମହୁଆ ମୋଇତ୍ର

ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମାଙ୍କୁ ନେଇ ସୋସିଆଲ ମିଡିଆରେ ଏକ ଆପତ୍ତିଜନକ ପୋଷ୍ଟ କରିଥିବାରୁ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ରବିବାର ଏକ ମାମଲା ରୁଜୁ କରିଛି। ରେଖା ଶର୍ମାଙ୍କ ଅଭିଯୋଗ ଅନୁଯାୟୀ ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ସେକ୍ସନ ୭୯ ଅନୁଯାୟୀ ମହୁଆଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଛି। ଗୁରୁବାର ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ହାଥ୍‌ରସ୍ ଦଳା ଚକଟା ସ୍ଥଳକୁ ଯାଇ ମୃତ ବ୍ୟକ୍ତିଙ୍କ ପରିବାରକୁ ଭେଟିଥିଲେ। ତେବେ ଏହାର ପରଦିନ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ରେଖା ଶର୍ମା ଚାଲିକରି ଯାଉଥିବା ସମୟରେ ତାଙ୍କ ପାଇଁ ଅନ୍ୟ ଜଣେ ବ୍ୟକ୍ତି ଛତା ଧରି ଯାଉଥିଲେ। ଏହି ଭିଡିଓକୁ ରି-ପୋଷ୍ଟ କରି ମହୁଆ ଶୁକ୍ରବାର ଲେଖିଥିଲେ, ରେଖା ତାଙ୍କ ବସ୍‌ଙ୍କ ପାଇଜାମା ଧରିବାରେ ବହୁତ ବ୍ୟସ୍ତ ଅଛନ୍ତି। ସୂଚନାଯୋଗ୍ୟ, ମହୁଆ ଗତ ଲୋକ ସଭାରେ ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ଅଯୋଗ୍ୟ ଘୋଷିତ ହୋଇଥିଲେ।

# ରାଜ୍ୟସ୍ତରୀୟ କମିଟି ଭାଙ୍ଗିଦେଲା ବିଜେଡି

ଭୁବନେଶ୍ୱର, ୭।୭
(ସୁନିତ୍ ମିଶ୍ର)

- ସଂତୃପ୍ତ ମିଶ୍ର ହେଲେ ନବୀନଙ୍କ ରାଜନୈତିକ ସଚିବ
- ୧୪ ଜଣଙ୍କୁ ରାଜ୍ୟସ୍ତରୀୟ ମୁଖପାତ୍ର ଦାୟିତ୍ୱ
- ୫ ଜଣଙ୍କୁ ଜାତୀୟ ମୁଖପାତ୍ର ଭାବେ ମିଳିଲା ନିଯୁକ୍ତି
- ଖୁବ୍‌ଶୀଘ୍ର ଗଠନ ହେବ ଦଳର ରାଜ୍ୟସ୍ତରୀୟ କମିଟି

ବିଜେଡିର ସାଙ୍ଗଠନିକ ରୂପରେଖରେ ରବିବାର ପରିବର୍ତ୍ତନ କରାଯାଇଛି। ଦଳ ପକ୍ଷରୁ ନୂଆ ମୁଖପାତ୍ରମାନଙ୍କୁ ନିଯୁକ୍ତି ଦିଆଯିବା ସହିତ ଦଳର ରାଜ୍ୟସ୍ତରୀୟ ସମସ୍ତ କମିଟିକୁ ଭାଙ୍ଗି ଦିଆଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିରୁ କଟକ ଲୋକ ସଭା ପ୍ରାର୍ଥୀ ହୋଇଥିବା ସଂତୃପ୍ତ ମିଶ୍ରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହାସହ ଭାଙ୍ଗି ଦିଆଯାଇଥିବା ସମସ୍ତ ରାଜ୍ୟସ୍ତରୀୟ କମିଟି ଖୁବଶୀଘ୍ର ଗଠନ ହେବା ସହିତ ନୂଆ ସଦସ୍ୟମାନେ ନିଯୁକ୍ତି ପାଇବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଜିଲାସ୍ତରୀୟ କମିଟି ସଦସ୍ୟମାନେ ସେମାନଙ୍କ କାର୍ଯ୍ୟ ଜାରି ରଖିବେ ବୋଲି କୁହାଯାଇଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ନୂଆ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ୧୪ ଜଣଙ୍କୁ ଦଳର ରାଜ୍ୟସ୍ତରୀୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲିକ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ଅରୁଣ କୁମାର ସାହୁ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଦେବୀ ରଞ୍ଜନ ତ୍ରିପାଠୀ, ଶ୍ରୀମତୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାରାଣ୍ଡି, ସୁଲତା ଦେଓ, ରମେଶ ଚନ୍ଦ୍ର ମାଝୀ, ଭୃଗୁ ବକ୍ସିପାତ୍ର ଏବଂ ଲେନିନ୍ ମହାନ୍ତି ରହିଛନ୍ତି। ଏମାନଙ୍କୁ ଛାଡ଼ି ଜାତୀୟ ମୁଖପାତ୍ର ଭାବେ ସନ୍ତୃପ୍ତ ମିଶ୍ର, କଳିକେଶ ସିଂ ଦେଓ, ଅମର ପଟ୍ଟନାୟକ, ସସ୍ମିତ ପାତ୍ର ଏବଂ ପ୍ରଦୀପ କୁମାର ମାଝୀଙ୍କୁ ନିଯୁକ୍ତି ଦିଆଯାଇଛି।

ଏଥିସହ ୪ ଜଣଙ୍କୁ ମିଡିଆ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ପ୍ରତାପ ଜେନା, ସ୍ୱୟଂ ପ୍ରକାଶ, ଲେନିନ ମହାନ୍ତି ଏବଂ ପ୍ରିୟବ୍ରତ ମାଝୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

# ଭଞ୍ଜସେନାରେ ଯୋଗଦେଲେ ସୁନାରାମଙ୍କ ନାତୁଣୀ

ବାରିପଦା,୭।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରଥଯାତ୍ରା ଅବସରରେ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଆଦିବାସୀ କଲ୍ୟାଣମନ୍ତ୍ରୀ ଭଞ୍ଜବୀର ସୁନାରାମ ସୋରେନଙ୍କ ନାତୁଣୀ ସୋନାଲୀ ସୋରେନ ଭଞ୍ଜସେନାରେ ଯୋଗଦାନ କରିଛନ୍ତି। ଭଞ୍ଜସେନା ବାମନଘାଟି ଆଦିବାସୀ ଶାଖା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ବିଧିବଦ୍ଧଭାବେ ଦଳରେ ଯୋଗଦେଇଛନ୍ତି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଜିଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା ଉପସ୍ଥିତ ରହି ସୋନାଲୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ ଏବଂ ଜାମଦା ବ୍ଲକ୍ ସଭାପତି ଭାଗବତ ହେମ୍ବ୍ରମ ଉପସ୍ଥିତ ଥିଲେ।



ସୋନାଲୀ ସୋରେନଙ୍କୁ ଭଞ୍ଜସେନାକୁ ସ୍ୱାଗତ କରାଯାଉଛି।

**ଅନ୍ୟାନ୍ୟ ଖବର**

## ଧୀରେନ ପଟ୍ଟନାୟକ ପ୍ରାଥମିକ ଶିକ୍ଷକ ଫେଡେରେଶନ ସଭାପତି

ଭୁବନେଶ୍ୱର, ୭।୭(ଅସମାପିକା ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସଭାପତି ହେଲେ ଧୀରେନ ପଟ୍ଟନାୟକ। ତାଙ୍କ ଘର କଳାହାଣ୍ଡି ଜିଲାରେ। ଏନେଇ ଉପସଭାପତି ବିରଞ୍ଚି ନାରାୟଣ ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଫେଡେରେଶନର କାର୍ଯ୍ୟକାରୀ କମିଟି ଦ୍ୱାରା ଧୀରେନଙ୍କ ନାମକୁ ସଭାପତି ଭାବେ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଗତ ୩୦ ତାରିଖରେ ସଂଗଠନର ପୂର୍ବତନ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକର ନିଷ୍ପତ୍ତିକୁ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ ଅବୈଧ ବୋଲି ଘୋଷଣା କରାଯାଇଥିଲା। ରାଜ୍ୟ ଉପ ସଭାନେତ୍ରୀ ସୁକାନ୍ତି ସାବତ କାର୍ଯ୍ୟ ତୁଲାଇବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ପୁନଶ୍ଚ ଫେଡେରେଶନର ସଂଯୋଜକ ଭାବେ କଟକ ଜିଲାର ସଭାପତି ମନୋଜ କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୋରାପୁଟ ଜୋନ୍‌ର ସୁରେନ୍ଦ୍ର କୁଲଦୀପଙ୍କୁ ରାଜ୍ୟ ଉପସଭାପତି ରୂପେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏ ନେଇ ଫେଡେରେଶନ ପକ୍ଷରୁ ରବିବାର ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ବେପରୁଆ ଗାଡ଼ି ଚାଳକଙ୍କୁ ଜଗିବ ଆଇଇଏମ୍‌ଏସ୍

ଭୁବନେଶ୍ୱର/ପିପିଲି ୭।୭
(ସୁନିତ୍ ମିଶ୍ର/ଦୁର୍ଗାମାଧବ ମିଶ୍ର)

**ଆଇଇଏମ୍‌ଏସ୍ ବ୍ୟବସ୍ଥାର ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ**

ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଘୋଷଯାତ୍ରା ଅବସରରେ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା ଆଇଇଏମ୍‌ଏସ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପୁରୀ ମାଳତୀପାଟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା କହିଛନ୍ତି, ଏହି ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ। ସଡ଼କ ପଥର ଉନ୍ନତି ସହିତ ଯାନବାହନ ଚଳାଚଳ ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। କିନ୍ତୁ ଏପଟେ ବଢୁଥିବା ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ସଡ଼କ ଦୁର୍ଘଟଣାରେ ନିୟନ୍ତ୍ରଣ ପାଇଁ ସଚେତନତା ସହ ନିୟମ ଉଲ୍ଲଂଘନକାରୀଙ୍କ ମଧ୍ୟରେ ଭୟ ସୃଷ୍ଟିର ମଧ୍ୟ ଆବଶ୍ୟକତା ରହିଛି। ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରିବା, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ପର୍ଯ୍ୟାପ୍ତ ମାନବ ସମ୍ବଳ ବ୍ୟବସ୍ଥା କରିବା ସହଜ ସାଧ୍ୟ ନୁହେଁ। ବିଶେଷକରି ଜାତୀୟ ରାଜପଥଗୁଡ଼ିକରେ ଏହା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାର ବୈଷୟିକ ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ମୋଟର ଯାନ ଆଇନ ୨୦୨୧ ମସିହାରେ ପରିବର୍ତ୍ତନ ଆଣି ମୋଟର ଯାନ ଆଇନ ଉଲ୍ଲଂଘନ କରୁଥିବା ଯାନ ବିରୋଧରେ ଅତ୍ୟାଧୁନିକ ବିଜ୍ଞାନ ପଦ୍ଧତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ବ୍ୟବସ୍ଥା କରିଛନ୍ତି। ଆଇଇଏମ୍‌ଏସ୍ ବା ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ହେଉଛି ଏ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଦ୍ରୁତଗତିରେ ଯାନ ଚଳାଇବା, ବିନା ହେଲମେଟରେ ଯାନ ଚଳାଇବା, ବିପରୀତ ଦିଗରେ ଯାନ ଚଳାଇବା, ବେପରୁଆ ଯାନ ଚଳାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ । ଏହି ବ୍ୟବସ୍ଥା ଦ୍ୱାରା ଅତ୍ୟାଧୁନିକ କ୍ୟାମେରା, ରାଡାର ଏବଂ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରାଯାଇ ସ୍ୱୟଂଚାଳିତ ଜ୍ଞାନକୌଶଳରେ ମୋଟର ଯାନ ଆଇନର ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଏ। ସେମାନଙ୍କ ବିରୋଧରେ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ଭାରତ ସରକାରଙ୍କ ସହଯୋଗକ୍ରମେ, ଓଡ଼ିଶା ସରକାର ଏହି ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ପଦକ୍ଷେପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଏବଂ ଜାତୀୟ ରାଜପଥର ୫୪୮ କିମି ଦୂରତାକୁ ଆଇଇଏମଏସ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ଆସନ୍ତା ୫ ବର୍ଷରେ ୮୮ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ପାଣିକୋଇଲିଠାରୁ ରାମେଶ୍ୱର, ଭୁବନେଶ୍ୱରରୁ ପୁରୀ, ପୁରୀଠାରୁ କୋଣାର୍କ, କୋଣାର୍କଠାରୁ ପିପିଲି ପର୍ଯ୍ୟନ୍ତ ରାସ୍ତାକୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି। ଆଇଇଏମ୍‌ଏସ୍ ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ସଡ଼କରେ ସମସ୍ତ ଗାଡ଼ିର ଗତିବିଧି ଉପରେ ନଜର ରଖିହେବ, ଯାହା ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କୁ ନିୟନ୍ତ୍ରଣ କରିବା ଦିଗରେ ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ପରିବହନ କମିଶନର ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତି ରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୂଆ ନିୟମ ଆଣିବ ଏଫ୍‌ଏସ୍‌ଏସ୍‌ଏଆଇ

ଭୁବନେଶ୍ୱର,୭।୭(ଅନୁରାଧା ମହାରଣା)

ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ପ୍ୟାକେଜ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା କମ୍ପାନୀଗୁଡିକ ପାଇଁ ନୂତନ ନିର୍ଦ୍ଦେଶାବଳୀ ଜାରି କରିବାକୁ ନିଷ୍ପତ୍ତି ନେଇଛି। ବୋଲ୍ଡ ଅକ୍ଷରରେ ପ୍ୟାକେଜ ଖାଦ୍ୟ ପଦାର୍ଥରେ ଲୁଣ, ଚିନି ଏବଂ ସାଚୁରେଟେଡ୍ ଫ୍ୟାଟ୍ ବିଷୟରେ ସୂଚନା ମୁଦ୍ରଣ କରିବା ବାଧ୍ୟତାମୂଳକ କରିବାକୁ ଏଫ୍‌ଏସ୍‌ଏସ୍‌ଏଆଇ ଯୋଜନା କରୁଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଏଫ୍‌ଏସ୍‌ଏସ୍‌ଏଆଇ ନିଷ୍ପତ୍ତି ନେଇଛି ଯେ, ବର୍ତ୍ତମାନ ପୁଷ୍ଟିକର ଖାଦ୍ୟ ସମ୍ବନ୍ଧୀୟ ସାମଗ୍ରୀରେ ଲୁଣ, ଚିନି ଇତ୍ୟାଦି ପରିମାଣର ପୁଷ୍ଟିକର ସୂଚନାକୁ ଠିକ୍ ଭାବରେ ସୂଚିତ କରିବାର ଆବଶ୍ୟକତା ରହିଛି। ଏଫ୍‌ଏସ୍‌ଏସ୍‌ଏଆଇ ଏହା ସ୍ପଷ୍ଟ କରିଛି ଯେ, ପୁଷ୍ଟିକର ସମ୍ବନ୍ଧୀୟ ସୂଚନାକୁ ବୋଲ୍ଡ ଅକ୍ଷରରେ ଛାପିବା ସହିତ ବର୍ତ୍ତମାନ କମ୍ପାନୀଗୁଡ଼ିକୁ ଏହାକୁ ବଡ଼ ଫଣ୍ଟରେ ପ୍ରିଣ୍ଟ କରିବାକୁ ପଡିବ। ଏଥିପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ଏକ ଡ୍ରାଫ୍ଟ ବିଜ୍ଞପ୍ତି ଜାରି କରାଯିବ । ଏହି ପ୍ରସଙ୍ଗରେ ସମସ୍ତ ପକ୍ଷଙ୍କଠାରୁ ପରାମର୍ଶ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ, ଖାଦ୍ୟ ନିୟାମକ ଏକ ଡ୍ରାଫ୍ଟ ବିଜ୍ଞପ୍ତି ଜାରି କରି ସମସ୍ତ ପକ୍ଷଙ୍କଠାରୁ ପରାମର୍ଶ ଲୋଡିବେ। ଏହା ପରେ ଏକ ବିଜ୍ଞପ୍ତି ଜାରି କରାଯିବ ଏବଂ ଏହା ଏକ ଆଇନ ହେବ। ଏହାର ୪୪ ତମ ବୈଠକରେ ଚେୟାରମ୍ୟାନ ଅପୂର୍ବଚନ୍ଦ୍ରଙ୍କ ଉପସ୍ଥିତିରେ ଏଫଏସ୍‌ଏସ୍‌ଏଆଇ ଏହି ନିଷ୍ପତ୍ତି ନେଇଛି। ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ନିୟମରେ ପରିବର୍ତ୍ତନ କରାଯାଉଛି। ଏହା ଗ୍ରାହକଙ୍କ ଯେକୌଣସି ଦ୍ରବ୍ୟର ପୁଷ୍ଟିକର ମୂଲ୍ୟ ବୁଝିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଗ୍ରାହକମାନେ ସେମାନେ ଖାଦ୍ୟପଦାର୍ଥ ସମ୍ପର୍କିତ ସବିଶେଷ ତଥ୍ୟ ପାଇପାରିବେ ଏବଂ ତାହା କିଣିବେ କି ନାହିଁ ବିଚାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ କିଛି ମାସ ମଧ୍ୟରେ ପ୍ୟାକେଜ ଖାଦ୍ୟ ସାମଗ୍ରୀରେ ଲୁଣ ଏବଂ ଚିନି ପରିମାଣକୁ ନେଇ ବିବାଦ ଲାଗି ରହିଥିଲା। ଦୀର୍ଘ ସମୟ ଧରି ଏକ ଚାହିଦା ଥିଲା ଯେ ପ୍ୟାକେଜ ଖାଦ୍ୟ ସାମଗ୍ରୀ ଉପରେ ବୋଲ୍ଡ ଅକ୍ଷରରେ ଚିନି, ଲୁଣ ଏବଂ ଟ୍ରାନ୍ସ ଫ୍ୟାଟ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଉଲ୍ଲେଖ କରିବା ଉଚିତ। ଏହା ଗ୍ରାହକମାନଙ୍କୁ ଖାଦ୍ୟ ସାମଗ୍ରୀର ପୁଷ୍ଟିକର ମୂଲ୍ୟ ବିଷୟରେ ସୂଚନା ପାଇବାରେ ସାହାଯ୍ୟ କରିବ।

## ୨୦ରେ ଏପିଡିର ୮ମ ସଂସ୍କରଣ

ଭୁବନେଶ୍ୱର,୭।୭ (ଅଭୟ ଦାଶ)

ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ସେଲ୍ 'ଆମାଜନ ପ୍ରାଇମ ଡେ ବା ଏପିଡିର ୮ମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ ୨୦୨୪ ଜୁଲାଇ ୨୦ ରାତି ୧୨ ଘଟିକାରୁ ଆରମ୍ଭ ହୋଇ ଜୁଲାଇ ୨୧ ରାତି ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଭାରତରେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ବାର୍ଷିକ ଉତ୍ସବ ସେଲରେ ପ୍ରାଇମ ସଦସ୍ୟମାନେ ଅବିଶ୍ୱସନୀୟ ଡିଲ, ବ୍ଲକବଷ୍ଟର ମନୋରଞ୍ଜନ, ସଞ୍ଚୟ ଏବଂ ଆହୁରି ଅନେକ କିଛି ପାଇପାରିବେ। ଏ ସମ୍ପର୍କରେ ଆମାଜନ ପ୍ରାଇମ(ଡେଲିଭରି ଆଣ୍ଡ ରିଟର୍ନ ଏକ୍ସପେରିଏନ୍ସ ଏବଂ ଏମର୍ଜିଂ ମାର୍କେଟ)ର ନିର୍ଦ୍ଦେଶକ ତଥା ମୁଖ୍ୟ ଅକ୍ଷୟ ସାହି କହିଛନ୍ତି, ଆମର ପ୍ରାଇମ ସଦସ୍ୟମାନଙ୍କୁ ଦୁଇ ଦିନର ଉତ୍ତମ ଡିଲ ଏବଂ ସଞ୍ଚୟ ସୁବିଧା ଯୋଗାଇ ଦିଆଯାଉଛି। ଏପରିକି ୪୫୦ରୁ ଅଧିକ ବ୍ରାଣ୍ଡରୁ ହଜାର ହଜାର ନୂତନ ପ୍ରଡକ୍ଟର ଶୁଭାରମ୍ଭ ହୋଇଯାଇଛି।

## ଜୟଆଲୁକ୍କାସର ଅତୁଳନୀୟ ଅଳଙ୍କାର ବିକ୍ରି ଅଫର

ଭୁବନେଶ୍ୱର,୭।୭ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ'ର ବହୁ ପ୍ରତୀକ୍ଷିତ ଅଫର ତଥା ଅତୁଳନୀୟ ଅଳଙ୍କାର ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅତୁଳନୀୟ ବିକ୍ରି ୨୦୨୪ ଜୁଲାଇ ୧୪ରେ ଶେଷ ହେବାକୁ ଯାଉଛି। ଏହି ଅଫର ଜରିଆରେ ଗ୍ରାହକ ବ୍ରାଣ୍ଡର ସୁନା, ହୀରା ଓ ମୂଲ୍ୟବାନ ରତ୍ନ ଏବଂ ରୁପା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ଅତଲୁନୀୟ ଅଳଙ୍କାର ବିକ୍ରି ଅଫର ୨୦୨୪ ଜୁଲାଇ ୧୪ ପର୍ଯ୍ୟନ୍ତ ସମସ୍ତ ଜୟଆଲୁକ୍କାସ ଶୋ'ରୁମରେ ଉପଲବ୍ଧ।

ଏ ସମ୍ପର୍କରେ ଜୟଆଲୁକ୍କାସର ଚେୟାରମ୍ୟାନ ତଥା ଏମଡି ଜୟ ଆଲୁକ୍କାସ କହିଥିଲେ, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମର ଏହି ଅତୁଳନୀୟ ଅଳଙ୍କାର ବିକ୍ରି ଅତି ଭଲରେ ଜାରି ରହିଥିଲାବେଳେ ଗ୍ରାହକଙ୍କ ଆଦୃତ ଲାଭ ମଧ୍ୟ ହୋଇପାରିଛି। ଏପରିକି ଆମର ଗ୍ରାହକମାନେ ଏହାକୁ ଖୁସିର ସହିତ ସ୍ୱାଗତ କରିଛନ୍ତି। ସେହିଭଳି ଅଳଙ୍କାର କିଣିବା ପାଇଁ ଆମର ଗ୍ରାହକମାନଙ୍କୁ ଏକ ସୁବର୍ଣ୍ଣ ସମୟ ପ୍ରଦାନ କରିବା ଆମ ପାଇଁ ପରମ ଆନନ୍ଦ ଆଣି ଦେଇଛି। ଏପରିକି ଏହି ଅଫର ଶେଷ ହେବାକୁ ଆଉ ମାତ୍ର କିଛି ଦିନ ବାକି ରହିଥିବା ଯୋଗୁ ଆମେ ଚାହୁଁ ଯେ ସମସ୍ତେ ଏହି ଚମତ୍କାର ଅଫରରୁ ଲାଭ ଉଠାନ୍ତୁ ଏବଂ ନିଜ ପ୍ରିୟ ଅଳଙ୍କାର ଗୁଡିକୁ ଅତୁଳନୀୟ ମୂଲ୍ୟରେ ନେଇ ଯାଆନ୍ତୁ।

## ଓଡିଏମ୍‌ରେ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୭।୭ (ଅଭୟ ଦାଶ)

ଆଧୁନିକ ସମାଜର ଆବଶ୍ୟକତା ଅନୁସାରେ ଭବିଷ୍ୟତରେ ସଫଳ ନାଗରିକ ଗଢ଼ିବା ପାଇଁ ଓଡିଏମ୍ ଶିକ୍ଷାସମୂହ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛି। ଏକବିଂଶ ଶତାବ୍ଦୀର ଚାହିଦା ଅନୁଯାୟୀ ଦେଶ ଓ ବିଦେଶର ଚାକିରି ବଜାରରେ ଛାତ୍ରମାନଙ୍କୁ ପ୍ରସ୍ତୁତ କରିବା, ବିଦ୍ୟାଳୟ ପାଠ୍ୟକ୍ରମରେ ଉନ୍ନତ ଡିଜିଟାଲ ଜ୍ଞାନକୌଶଳ ଓ ଜୀବନକୌଶଳ ସହିତ ଶିକ୍ଷାକୁ ଏକୀକୃତ କରିବା ତଥା ନିଜର ବହୁମୁଖୀ ପ୍ରତିଭାକୁ ବିକଶିତ କରିବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଓଡିଏମ୍ ଶିକ୍ଷାସମୂହର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଞ୍ଚିଠାରେ ଥିବା ଓଡିଏମ୍ ସାଫାୟାର ଗ୍ଲୋବାଲ ସ୍କୁଲ ପରିସରରେ ଏକ ପରୀକ୍ଷଣ ପର୍ଯ୍ୟାୟରେ ଏହି ପାଠ୍ୟକ୍ରମର ସଦ୍ୟ ଆରମ୍ଭ କରାଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ବିଭିନ୍ନ ଅଭିଜ୍ଞ ବିଶେଷଜ୍ଞମାନଙ୍କ ଏକ ଟିମ୍ ଦ୍ୱାରା ଏହି ପାଠ୍ୟକ୍ରମକୁ ଡିଜାଇନ କରାଯାଇଛି। ଯେଉଁଥିରେ ମେଶିନ ଲର୍ନିଙ୍ଗ୍ ଏବଂ ନ୍ୟୁରାଲ ନେଟ୍‌ୱର୍କ ବିଷୟବସ୍ତୁଠାରୁ ଆରମ୍ଭ କରି ନ୍ୟାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ଏବଂ କମ୍ପ୍ୟୁଟର ଭିଜନ ଭଳି ଅଧିକ ଉନ୍ନତ ବିଷୟଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ପ୍ରୟୋଗଶାଳାରେ ଛାତ୍ରୀଛାତ୍ରମାନେ ସମ୍ବନ୍ଧିତ ଉପକରଣଗୁଡିକୁ ନେଇ ବାସ୍ତବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ, ଯାହା ସେମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପକରଣ ଓ ପ୍ରଯୁକ୍ତି ବିଦ୍ୟା ସହିତ ଅଭିଜ୍ଞତା ପ୍ରଦାନ କରିବ। ଏଆଇ କ୍ଷେତ୍ରରେ ନୈତିକ ବିଚାର ଏବଂ ଏହାଦ୍ୱାରା ସାମାଜିକ ପ୍ରଭାବ ଉପରେ ବିଶେଷ ଧ୍ୟାନ ରଖିବ। ଏହା କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ବିନ୍ଦୁ ଅଟେ। ଓଡିଏମ୍ ସାଫାୟାର ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଅମିତ ସିଂହ କହିଛନ୍ତି,ଆମ ପାଠ୍ୟକ୍ରମରେ ଏଆଇକୁ ପୁଙ୍ଖାନୁପୁଙ୍ଖ ଭାବେ ଯୋଡିବା ସହିତ ଆମର ଅଗ୍ରଗାମୀ ଚିନ୍ତାଧାରା ଯାହା ସାମଗ୍ରିକ ଶିକ୍ଷା ପ୍ରଦାନ କରିପାରିବ।

## ବିକଶିତ ଓଡ଼ିଶା ଗଠନରେ ଭାଗୀଦାର ହେବ ରୁଚି

ଭୁବନେଶ୍ୱର,୭।୭ (ଅଭୟ ଦାଶ)




ବିଗତ ୪୯ବର୍ଷ ଧରି ସମାଜର ବିବିଧ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ରୁଚି ଏକ ମହନୀୟ ପରମ୍ପରା ସୃଷ୍ଟି କରିଛି। ଏପରିକି କୋମଳମତି ଛାତ୍ରୀଛାତ୍ରମାନଙ୍କ ଜୀବନ ଗଠନ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଏହି ଅନୁଷ୍ଠାନ ସେମାନଙ୍କୁ ପ୍ରେରଣା ପ୍ରଦାନ କରି ଯେଉଁ ଅଭିନବ ପ୍ରୟାସ କରିଆସିଛି,ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କଟକ ଜିଲାପାଳ ଅରିନ୍ଦମ ଡାକୁଆ ୪୯ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କିଛି ମତ ବ୍ୟକ୍ତ କରିଛନ୍ତି। ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ପରିସରସ୍ଥିତ ଶ୍ରୀ ଲକ୍ଷେଶ୍ୱର ମଣ୍ଡପଠାରେ ଆୟୋଜିତ ଭବ୍ୟ ସମାରୋହରେ 'ରୁଚି'ର ନିର୍ଦ୍ଦେଶକ ତଥା ଭାରତୀୟ ମହାବୋଧି ସୋସାଇଟିର ଟ୍ରଷ୍ଟି ଡ.ସୌରେନ୍ଦ୍ର କୁମାର ମହାପାତ୍ର, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସଲିନା ସାହୁ ଓ ରଶ୍ମୀ ସାହୁ ପ୍ରମୁଖ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରୁଚିରେ ପରିଚାଳନା ନିର୍ଦ୍ଦେଶକ ଡ.ଶରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୁଚିରେ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ ବିଭିନ୍ନ ସାମାଜିକ ଓ ଲୋକକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜରିଆରେ ନୂଆ ଓଡ଼ିଶା ଗଠନ ସହିତ ନୂତନ ସଂକଳ୍ପ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। 'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ମାନସୀରାଣୀ ପାତ୍ରଙ୍କୁ 'ରୁଚି କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରୁଚି ପରିବାରର କର୍ମଚାରୀମାନଙ୍କ ମାଟ୍ରିକ ଉତ୍ତୀର୍ଣ୍ଣ ୪୪ଜଣ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ପୁରସ୍କାର ସହିତ ରୁଚି ବିଦ୍ୟାର୍ଥୀ ସମ୍ମାନ, ୨୦ଜଣ କର୍ମଚାରୀଙ୍କୁ ୫ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଏବଂ ୪୯ଜଣ କର୍ମଚାରୀଙ୍କୁ ବିଶେଷ ଉପଢ଼ୌକନ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶସ୍ୟ ବୀମା ସପ୍ତାହ ସଚେତନତା ଅଭିଯାନ

ଭୁବନେଶ୍ୱର,୭।୭ (ଅଭୟ ଦାଶ)

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଶସ୍ୟ ବୀମା ସପ୍ତାହ ସଚେତନତା ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆସନ୍ତା ଖରିଫ୍ ଋତୁ ନିମନ୍ତେ ଏହି ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ଅଧିକ ବ୍ୟାପକ କରିବା ସହିତ ଶସ୍ୟ ବୀମାର ଉପକାରିତା ବୃଦ୍ଧି କରିବା ନିମନ୍ତେ କମ୍ପାନୀ ଅନେକ ପ୍ରାଥମିକ କାର୍ଯ୍ୟକ୍ରମକୁ ମୌଳିକସ୍ତରରେ ସାମିଲ କରାଇଛି। ସେହିଭଳି ଏହି ଅଭିଯାନର ଅଂଶବିଶେଷ ଭାବେ କମ୍ପାନୀ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ଓଡ଼ିଶା, ଆସାମ ଏବଂ ତାମିଲନାଡୁ ଭଳି ରାଜ୍ୟ ମଧ୍ୟରେ ଅନେକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଚୁକ୍ତିବଦ୍ଧ ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ଉପରୋକ୍ତ ୭ ରାଜ୍ୟର ୪୮ଟି ଜିଲାକୁ ଏକାଠି କରିପାରିଛି। ସେହିପରି କମ୍ପାନୀ ଫସଲ ବୀମା ସଚେତନତା ସପ୍ତାହ ମଧ୍ୟରେ ଅନେକ ପ୍ରାଥମିକସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନା କରିବ, ଯାହା ମଧ୍ୟରେ ଫସଲ ବୀମା ପାଠଶାଳା, ରାଲି, ପଥପ୍ରାନ୍ତ ନାଟକ, କୃଷକ ମେଳା, ସ୍କୁଲ ତଥା କଲେଜମାନଙ୍କରେ ଶୈକ୍ଷିକ କର୍ମଶାଳା ତଥା ମହିଳା କୃଷକମାନଙ୍କ ନିମନ୍ତେ ବିଶେଷ ଅଧିବେଶନ ଆଦି ସାମିଲ ରହିଛି। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ନବୀନ ଚନ୍ଦ୍ର ଝା କହିଛନ୍ତି, ପିଏମ୍‌ଏଫ୍‌ବିୱାଇ ଚାଷୀମାନଙ୍କ ପାଇଁ ସବୁଠାରୁ ଅଧିକ ସଫଳତାର ପଦକ୍ଷେପ ଭାବେ ଠିଆ ହେବା ସହିତ ଆମେ ଏହି ଏସବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ସହାୟତାରେ ଆମ ଚାଷୀମାନଙ୍କର ରହିଥିବା ବିପଦଗୁଡ଼ିକର ଅଡୁଆକୁ ବିସ୍ତୃତ ଶସ୍ୟ ବୀମା ଜରିଆରେ ତୁଟାଇବାର ଗୌରବ ଅର୍ଜନ କରିବା ସହିତ ଏଭଳି ଭାବରେ ସେମାନଙ୍କର ବିକାଶର ଜୟଯାତ୍ରାରେ ସେମାନଙ୍କୁ ପ୍ରୋତ୍ସାହିତ କରି ପାରୁଛୁ। ବିଶେଷ ଭାବରେ ବିଗତ ବର୍ଷମାନଙ୍କର ଜଳବାୟୁର ପରିବର୍ତ୍ତନ କୃଷି ନିମନ୍ତେ ଏକ ଉଲ୍ଲେଖନୀୟ ବିପଦ ସୃଷ୍ଟି କରିବା ସହିତ ଶସ୍ୟ ଅମଳର ପରିମାଣ ହ୍ରାସ ତଥା ଏଥିରେ ବହୁମାତ୍ରାରେ ବିଫଳତା ଦେଖିବାକୁ ମିଳିଛି।

# ଫୁର୍‌ସତ




## ମଲ୍ଲିକାଙ୍କ ସହ ଅଭିନୟ କରିବାକୁ ଚାହୁଁଛନ୍ତି ଇମ୍ରାନ୍

**ମୁମ୍ବାଇ:** ୨୦୦୪ରେ ରିଲିଜ୍ ହୋଇଥିବା 'ମର୍ଡର' ଫିଲ୍ମରେ ଅଭିନେତା ଇମ୍ରାନ୍ ହାଶ୍ମି ଓ ଅଭିନେତ୍ରୀ ମଲ୍ଲିକା ଶେରାୱତ ଏକାଠି ନଜର ଆସିଥିଲେ। ଫିଲ୍ମରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମରେ ଅଭିନୟ କରିବା ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଫଳରେ 'ମର୍ଡର' ଫିଲ୍ମ ପରଠାରୁ ଉଭୟ ଇମ୍ରାନ୍ ଓ ମଲ୍ଲିକା କୌଣସି ମଧ୍ୟ ଫିଲ୍ମରେ ଏକାଠି ନଜର ଆସି ନ ଥିଲେ। ଦୀର୍ଘ ୨ ଦଶନ୍ଧି ପରେ ଇମ୍ରାନ୍ ଏହି ବିବାଦକୁ ନେଇ ନିଜ ନୀରବତା ଭାଙ୍ଗିଛନ୍ତି। ନିକଟରେ ମୁମ୍ବାଇର ଏକ ଇଭେଣ୍ଟରେ ଉଭୟ ଇମ୍ରାନ୍ ଓ ମଲ୍ଲିକା ପରସ୍ପରକୁ ଭେଟିବା ସହ ଆଲିଙ୍ଗନ କରୁଥିବା ଦେଖାଯାଇଥିଲା। ଏକ ଜାତୀୟ ଗଣମାଧ୍ୟମରେ ସାକ୍ଷାତ୍କାର ଦେବା ସମୟରେ ଇମ୍ରାନ୍‌ଙ୍କୁ ଏନେଇ ପଚରାଯିବାରୁ ସେ କହିଛନ୍ତି, ବହୁତ ଦିନ ପରେ ମଲ୍ଲିକାଙ୍କ ସହ ତାଙ୍କର ଭେଟ ହୋଇଥିଲା। 'ମର୍ଡର' ଫିଲ୍ମ ଶୁଟିଂ ସମୟରେ ଆମେ ଯୁବକ ଥିଲୁ ଓ ଆମର ନିଷ୍ପତ୍ତିନେବାର ଶକ୍ତି ସୀମିତ ଥିଲା। କିଛି ଛୋଟ ଛୋଟ କଥାକୁ ନେଇ ଆମ ଭିତରେ ଝଗଡ଼ା ସୃଷ୍ଟି ହୋଇଥିଲା। କିନ୍ତୁ ଏବେ ସେସବୁ ଅତୀତ। ଏହି ଅବସରରେ ମଲ୍ଲିକାଙ୍କ ସହ ପୁଣିଥରେ ଏକାଠି କାମ କରିବାକୁ ଇମ୍ରାନ୍ ଇଚ୍ଛା ପ୍ରକାଶ କରିଛନ୍ତି।

## ଜନ୍ମଦିନରେ ପୋଷା କୁକୁରକୁ ୨.୫ କୋଟିର ସୁନା ଚେନ୍ ଉପହାର



ମୁମ୍ବାଇ

କୁହାଯାଏ କୁକୁର ହେଉଛି ମଣିଷର ସର୍ବୋତ୍ତମ ବନ୍ଧୁ। ମୁମ୍ବାଇର ସରିତା ସଲଦାନ୍‌ହା ନାମ୍ନୀ ଜଣେ ମହିଳା ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି। ସେ ରବିବାର ନିଜର ପୋଷା କୁକୁର 'ଟାଇଗର'ର ଜନ୍ମଦିନ ଅବସରରେ ତାକୁ ୨.୫ କୋଟି ମୂଲ୍ୟର ଏକ ସୁନାଚେନ୍ ଉପହାର ଦେଇଛନ୍ତି। ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ଥିବା ଅନିଲ ଜୁଏଲର୍ସ ପକ୍ଷରୁ ଏନେଇ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ପୋଷ୍ଟ ହୋଇଥିବା ଏହି ଭିଡିଓରେ ସରିତା ଟାଇଗରକୁ ଉକ୍ତ ସୁନା ଚେନ୍ ପିନ୍ଧାଉଛନ୍ତି। ପୋଷ୍ଟର କ୍ୟାପ୍‌ଶନରେ ଲେଖା ହୋଇଛି '' ହାପି ବାର୍ଥ ଡେ' ଟାଇଗର। ଏହି ଭିଡିଓ ସରିତା ଓ ତାଙ୍କ ପୋଷା କୁକୁର ମଧ୍ୟରେ ଥିବା ନିବିଡ଼ତାକୁ ଦର୍ଶାଉଛି ''। ଅନିଲ ଜୁଏଲର୍ସ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟକୁ ସୋସିଆଲ ମିଡିଆ ୟୁଜର୍ସମାନେ ବେଶ୍ ପସନ୍ଦ କରିଛନ୍ତି।


ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା, କଟକ NO.M-

**DIRECTORATE OF FISHERIES, ODISHA, CUTTACK**

Ph : 0671-241061, Fax : 0671-2410521, Email : director.odifish@gmail.com

**CORRIGENDUM**

No. 8718/Date 04.07.2024

**EOI FOR EMPANELMENT OF MANUFACTURER/BUILDER FOR SUPPLY OF DIFFERENT CATEGORIES OF FISHING BOATS IN ODISHA**

In reference to the advertisement published in **Statesman, The Times of India, Sambad, Dharitri & Prameya** on dt.04.07.2024 for EOI for empanelment of manufacturer / builder for supply of different categories of fishing boats in Odisha the following modifications have been done :

1. EOI for empanelment of manufacturer / builder for supply of different categories of fishing boats in Odisha may be addendum as **Notice No.-8591 (A)/dt.03.07.2024.**
2. Financial proposal opening date may be read as : **25th July 2024 at 5.00 PM**
3. The Directorate website mentioned as www.odishafisheries.nic.in may be read as **https://fisheries.odisha.gov.in** for all the correspondences in the EOI documents.

Earlier EOI advertisement published on dt. 04.07.2024, the all-other terms & conditions published in the papers remain unaltered.

OIPR-06030/11/0003/2425 **Sd./- Joint Director of Fisheries (Coastal)**



**ପୂର୍ବତଟ ରେଳପଥ**

Tender Notice No.: DRM/ENGG/KUR/24-25-E-TENDER/32 ତା.03.07.2024 ରିଖ

Tender Notice No.: e-TENDER-CENTKUR-108-2024 ତା.24.06.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳ (ଫେଜ-୧)ରେ ରେଳ ଧାରଣା ଏବଂ ପ୍ରତିଷ୍ଠାନ ଗୁଡିକର ନିରାପତ୍ତା ଓ ଅନଧିକାର ପ୍ରବେଶ ରୋକିବା ନିମନ୍ତେ ନିକଟବର୍ତ୍ତୀ ଷ୍ଟେସନ ଗୁଡିକ ଏବଂ ଏହାର ଆଖପାଖ ସ୍ଥାନରେ ପ୍ରାଚେରୀ କାନ୍ଥ ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.974.68 Lakhs

EMD: ଟ.6,37,300/-

Tender Notice No.: e-TENDER-CENTKUR-110-2024 ତା.24.06.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଢ଼େଙ୍କାନାଳ / SSE (P. WAY) କ୍ଷେତ୍ରାଧିନ ବିଭିନ୍ନ ସ୍ଥାନରେ ବହୁବିଧ P. WAY କାର୍ଯ୍ୟ ଯଥା- ସ୍ୟାଲୋ ସ୍କ୍ରିନିଙ୍ଗ, ଟ୍ରାକ ଲିଫଟିଂ, ଥ୍ରୁ ପ୍ୟାକିଙ୍ଗ, ରେଳ ଧାରଣା ସଂଯୋଗ ସ୍ଥାନର ୱେଲଡିଂ, ପୂର୍ବ ଏବଂ ପର ଟାମିଙ୍ଗ କାର୍ଯ୍ୟ, LCSର ଓଭର ହାଉଲିଂ, ବାଲାଷ୍ଟର ବକ୍ସିଂ ଏବଂ ପ୍ରୋଫାଇଲିଂ, ରେଳଧାରଣାର ସାମୟିକ ନବୀକରଣ ଏବଂ ଅନ୍ୟାନ୍ୟ P.WAY ସମ୍ପର୍କିତ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.202.86 Lakhs

EMD: ଟ.2,51,400/-

Tender Notice No.: e-TENDER-CENTKUR-111-2024 ତା.24.06.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳ ପାଇଁ ରାଜଆଠଗଡ଼ ଡିପୋରେ ୫୦,୦୦୦CUM. ମେସିନ୍ କ୍ରସଡ୍ ୫୦ MM ଆକାରର ବାଲାଷ୍ଟ ଯୋଗାଣ ଏବଂ ଯେକୌଣସି ରେଲୱେ ୱାଗନରେ ଲୋଡିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.783.34 Lakhs

EMD: ଟ.5,41,700/-

Tender Notice No.: e-TENDERNORTHKUR-109-2024 ତା.25.06.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ମଣ୍ଡଳର ADEN /କେନ୍ଦୁଝରଗଡ଼ ଅଧିନସ୍ଥ ନୟାଗଡ଼- ଟାଙ୍ଗିରିଆପାଳ ମଧ୍ୟରେ ଥିବା ବିଭିନ୍ନ କଲୋନୀଗୁଡିକରେ ବହୁବିଧ ମରାମତି ଓ ନବୀକରଣ ସହିତ ଡ୍ରେନ୍ ଓ ପ୍ରାଚେରି ଗୁଡିକ ନିର୍ମାଣ, ଉତ୍‌ଥାନ ଓ ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.237.17 Lakhs

EMD: ଟ.2,68,600/-

Tender Notice No.: e-TENDER-EASTKUR-84-2024 ତା.26.06.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର SR. DEN (EAST) ଅଧିନସ୍ଥ ଜେନାପୁର-କେନ୍ଦ୍ରାପଡ଼ା ରୋଡ୍ ଓ କନ୍ଦରପୁର-ବଡ଼ଖଣ୍ଡାୟତ ଷ୍ଟେସନ ମଧ୍ୟରେ, ମାଇକ୍ରୋ ଟନେଲିଙ୍ଗ ପଦ୍ଧତି ଦ୍ୱାରା ୧୦ଗୋଟି ବ୍ରିଜର ପ୍ରସ୍ତାବିତ ପରିବର୍ତ୍ତନ ଓ ପୁନଃନିର୍ମାଣ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.331.75 Lakhs

EMD: ଟ.3,15,900/-

କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ (କ୍ର. ସଂ ୧, ୪ ଏବଂ ୫ ନିମନ୍ତେ), 11 (ଏଗାର) ମାସ (କ୍ର. ସଂ ୨ ନିମନ୍ତେ), 15 (ପନ୍ଦର) ମାସ (କ୍ର. ସଂ ୩ ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**

ତା.17.07.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।


ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in.

PR-278/P/24-25 ମଣ୍ଡଳ ରେଳ ପ୍ରବନ୍ଧକ(ଇଂ) ଖୋର୍ଦ୍ଧା ରୋଡ୍


## ୨୨ରେ ଦଲାଇଲାମା, ସତ୍ୟାର୍ଥୀଙ୍କ ପୁସ୍ତକ ଉନ୍ମୋଚନ




ନୂଆଦିଲ୍ଲୀ

ଦୁଇ ନୋବେଲ ପୁରସ୍କାର ବିଜେତା ତଥା ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଓ ବିଶିଷ୍ଟ ଶିଶୁ ଅଧିକାର କର୍ମୀ କୈଳାସ ସତ୍ୟାର୍ଥୀ ମିଳିତ ଭାବେ ଲେଖିକା ପୂଜା ପାଣ୍ଡେଙ୍କ ସହଯୋଗରେ ମାନବିକତା ପାଇଁ ଏକ ସାଧାରଣ ଲକ୍ଷ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ଦି ବୁକ୍ ଅଫ୍ କମ୍ପାସନ୍' ନାମକ ଏକ ପୁସ୍ତକ ଲେଖିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଦୟା ଓ କରୁଣାର ଆବଶ୍ୟକତାକୁ ନେଇ ଏହି ପୁସ୍ତକରେ ଆଲୋକପାତ କରାଯାଇଛି। ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ(ପିଆରଏଚ୍‌ଆଇ) ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଆସନ୍ତା ଜୁଲାଇ ୨୨ରେ ଉନ୍ମୋଚନ କରାଯିବ। ଦଲାଇଲାମାଙ୍କ ୮୯ତମ ଜନ୍ମଦିନ ଅବସରରେ ଶନିବାର ଏହି ଘୋଷଣା କରାଯାଇଛି। ଏହି ପୁସ୍ତକ ମାଧ୍ୟମରେ ଉଭୟ ଦଲାଇଲାମା ଓ ସତ୍ୟାର୍ଥୀ ବିଶ୍ୱବ୍ୟାପୀ କରୁଣା ଓ ଦୟାର ଆବଶ୍ୟକତାକୁ ନେଇ ସେମାନଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସମାଜରେ ହେଉଥିବା ଅସମାନତା, ଅନ୍ୟାୟ, ଜଳବାୟୁ ପ୍ରଭାବ, ଅନ୍ୟାୟ ବିରୋଧରେ ଗାନ୍ଧୀଙ୍କ ପ୍ରଭାବ, ପ୍ରାଚୀନ ଭାରତ, ଶାନ୍ତି ଆଦି ବିଭିନ୍ନ ବିଷୟରେ ଏହି ପୁସ୍ତକରେ ଆଲୋକପାତ କରାଯାଇଛି।

## ବିଳମ୍ବିତ ରାତିର ଭୋକକୁ ମେଣ୍ଟାଇଥାଏ ଆଲମଣ୍ଡ

ନୂଆଦିଲ୍ଲୀ



ବିଳମ୍ବିତ ରାତିର ଜଳଖିଆ ଅଭ୍ୟାସ ସିଧାସଳଖ ଭାବେ ଆମର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଏପରିକି ଓଜନ ବୃଦ୍ଧି, ମୋଟାପଣ ସମସ୍ୟା ତଥା ହଜମ ପ୍ରକ୍ରିୟାରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥାଏ। ଏ ନେଇ ପୋଷଣ ବିଶେଷଜ୍ଞ ଡା. ରୋହିଣୀ ପାଟିଲ ବିଳମ୍ବିତ ରାତ୍ରିର ଜଳଖିଆ ପାଇଁ ଆଲମଣ୍ଡ ତଥା ଗ୍ରିକ୍ ଯୋଗର୍ଟକୁ ଅନୁମୋଦନ କରିଛନ୍ତି। ବିଶେଷ କରି ଏହା ଖାଦ୍ୟଲାଳସା ମେଣ୍ଟାଇବା ସହିତ ଓଜନ ହ୍ରାସରେ ମଧ୍ୟ ସହଯୋଗ ଏବଂ ଶରୀରର ସାମଗ୍ରିକ ସୁସ୍ଥତା ବୃଦ୍ଧି କରିଥାଏ। ଏହା କେବଳ ଆପଣଙ୍କର ଖାଦ୍ୟ ଲାଳସା ବା କ୍ଷୁଧାକୁ ପୂରଣ କରି ନ ଥାଏ ବରଂ ଏକ ନିରାମୟ ସୁସ୍ଥ ଜୀବନଯାପନରେ ସହାୟତା କରିଥାଏ।

ସେହିଭଳି ଆଲମଣ୍ଡ ଏକ ସର୍ବୋତ୍କୃଷ୍ଟ ପସନ୍ଦଯୋଗ୍ୟ ଓ ସବୁବେଳେ ରହି ପାରୁଥିବା ଜଳଖିଆ ଭାବେ ଓଜନ ବୃଦ୍ଧି ଏବଂ ମଧୁମେହ ଓ ଉଚ୍ଚ ରକ୍ତ ଶର୍କରା ଭଳି ବିଭିନ୍ନ ଜୀବନଶୈଳୀ ସମ୍ପର୍କିତ ରୋଗଗୁଡିକୁ ଦୂର କରିଥାଏ। ଏପରିକି ଆଲ୍‌ମଣ୍ଡ ୧୫ଟି ଅତ୍ୟାବଶ୍ୟକ ପୋଷଣତତ୍ତ୍ୱରେ ଭରି ରହିଛି, ଯେଉଁଥିରେ ପ୍ରୋଟିନ, ଜିଙ୍କ୍, ମ୍ୟାଗ୍ନେସିୟମ ଓ ଖାଦ୍ୟୋପଯୋଗୀ ତନ୍ତୁର ତତ୍ତ୍ୱ ସାମିଲ ରହିଛି। ଏହାଛଡା ଏଥିରେ ମ୍ୟାଗ୍ନେସିୟମ ଭରି ରହିଛି, ଯାହା ଆପଣଙ୍କ ସୁନିଦ୍ରାର ଏକ ଗୁଣାତ୍ମକ ଉପାଦାନ । ଗ୍ରୀକ୍ ୟୋଗର୍ଟ ଏକ ଉତ୍କୃଷ୍ଟ ବିଳମ୍ବିତ ରାତ୍ରିର ଜଳଖିଆ ପସନ୍ଦ ଅଟେ, ଯାହା ପୌଷ୍ଟିକତାରେ ଭରପୂର ଥାଏ। ଏହାଛଡା ଏଥିରେ ଥିବା ଆମିନୋ ଏସିଡ ଟ୍ରିପ୍‌ଟୋଫାନ ଭଲ ନିଦ୍ରା ବୃଦ୍ଧି କରିଥାଏ।


**ତହସିଲ କାର୍ଯ୍ୟାଳୟ, ଆସିକା (ଗଂଜାମ)**

**(ଜମି ଅଧିଗ୍ରହଣ ବିଭାଗ)**

ଚିଠି ନଂ - ୩୯୮୭ / ତାରିଖ - ୦୬.୦୭.୨୦୨୪

**ସର୍ବସାଧାରଣ ବିଜ୍ଞପ୍ତି**

**ଜାତୀୟ ରାଜପଥ ନିର୍ମାଣ ସକାଶେ ଅଧିଗ୍ରହଣ ହୋଇଥିବା ଜମି ହସ୍ତାନ୍ତର ପାଇଁ ସମସ୍ତ ଜମି ମାଲିକ / ଆଗ୍ରହୀ ବ୍ୟକ୍ତି ନିମନ୍ତେ।**

ଏତଦ୍ ଦ୍ୱାରା ଜାତୀୟ ରାଜପଥ 59 ର ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଥିବା ଜମିର ଜମି ମାଲିକ / ଆଗ୍ରହୀ ବ୍ୟକ୍ତିଙ୍କୁ ସୂଚିତ କରାଯାଉଅଛି ଯେ, ଜାତୀୟ ରାଜପଥ 59 (ମୁଣ୍ଡମରାଇ ଠାରୁ ରତ୍ନପୁର ପର୍ଯ୍ୟନ୍ତ) ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଥିବା ଜମି ଜାତୀୟ ରାଜପଥ ଅଧିନିୟମ 1956 ର 3(D) ଅଧିନିୟମ ପ୍ରକାରେ 3(G) କ୍ଷତିପୂରଣ ରାଶି ଆକଳନ କରାଯାଇ ଜାତୀୟ ରାଜପଥ ଅଧିକାରୀଙ୍କ ଅନୁମୋଦନ କରାଯାଇ କ୍ଷତି ପୂରଣ ରାଶି ଅଧିକୃତ ଜମିର ମାଲିକ / ଉତ୍ତରାଧିକାରୀ / କ୍ରୟଲଭିଥିବା ବ୍ୟକ୍ତି / ଆଗ୍ରହୀବ୍ୟକ୍ତିଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଅଛି।

ଏଥି ସମ୍ବନ୍ଧିତ ସୂଚନା ଓ କ୍ଷତିପୂରଣ ରାଶି ଗ୍ରହଣ ନିମନ୍ତେ ଦୈନିକ ଖବରକାଗଜ ସମାଜ ଓ ଧରିତ୍ରୀ ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇଅଛି।

ଏଣୁ ଜମି ମାଲିକ ଉତ୍ତରାଧିକାରୀ / କ୍ରୟଲଭିଥିବା ବ୍ୟକ୍ତି / ଆଗ୍ରହୀବ୍ୟକ୍ତି, ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର କ୍ଷତିପୂରଣ ରାଶି ସଂଗ୍ରହ କରିନାହାନ୍ତି, ସେମାନେ 15 ଦିନ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କ୍ଷତିପୂରଣ ରାଶି ଗ୍ରହଣ ନିମନ୍ତେ ଆବଶ୍ୟକ କାଗଜାତ ସହିତ ହାଜିର ହେବେ। ନଚେତ୍ **ଭୂ-ଅର୍ଜନ କ୍ଷମତାପ୍ରାପ୍ତ ପ୍ରାଧିକାରୀ** ଜାତୀୟ ରାଜପଥ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଧାର୍ଯ୍ୟ ସମୟସୀମା ପରବର୍ତ୍ତୀ କୌଣସି ଅଭିଯୋଗ ଯୋଗ୍ୟ ନୁହେଁ।

ସ୍ୱା./- ତହସିଲଦାର, ଆସିକା - ତଥା -
ଭୂ-ଅର୍ଜନ କ୍ଷମତାପ୍ରାପ୍ତ ପ୍ରାଧିକାରୀ (ଜାତୀୟ ରାଜପଥ-59)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

## ୟୁରୋ କପ୍

ବର୍ଲିନ୍,୭।୭(ପି.ଟି.)

ୟୁରୋ କପ୍ ୨୦୨୪ର ସେମି ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ସ୍ପେନ୍ ଓ ଫ୍ରାନ୍ସ ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳାଯିବାକୁ ଥିବା ବେଳେ ନେଦରଲାଣ୍ଡ୍ସ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ଦ୍ୱିତୀୟ ସେମି ଫାଇନାଲ ଖେଳାଯିବ। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୨-୧ ଗୋଲରେ ତୁର୍କୀକୁ ଓ ଇଂଲଣ୍ଡ ୫-୩ ପେନାଲ୍ଟି ଶୁଟଆଉଟରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି।

ନେଦରଲାଣ୍ଡ୍ସ ୨-୧ ଗୋଲରେ ତୁର୍କୀ ବିପକ୍ଷ ମ୍ୟାଚ୍ ଜିତି ନେଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଷ୍ଟେଫାନ ଡେ ବ୍ରିଜ୍(୭୦) ଓ ତୁର୍କୀ ପକ୍ଷରୁ ସମେଟ ଆକ୍ୟାଡିନ୍(୩୫) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ୭୬ ମିନିଟରେ ତୁର୍କୀର ମେର୍ଟ ମୁଲ୍ଡୁରଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ନେଦରଲାଣ୍ଡ୍ସ ମ୍ୟାଚ୍‌ର ୭୦ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା। ଉଭୟ ଦଳର ୪ଟି ଲେଖାଏ ଶଟ୍ ଟାର୍ଗେଟରେ ରହିଥିଲା। ୯୦+୬ ମିନିଟରେ ତୁର୍କୀର ବେର୍ତୁଗ ଓଜକୁରଙ୍କୁ ରେଡ କାର୍ଡ ମିଳିଥିଲା।

ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ରେ ଡ୍ର ରହିଥିଲା। ତେବେ ଇଂଲଣ୍ଡ ପେନାଲ୍ଟି ଶୁଟଆଉଟକୁ ୫-୩ରେ ଜିତି ନେଇଥିଲା। ସୁଇଜରଲାଣ୍ଡ ପକ୍ଷରୁ ବ୍ରିଲ ଏମ୍ବୋଲୋ ୭୫ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏହାର ୫ ମିନିଟ ମଧ୍ୟରେ ଏକ ଚମତ୍କାର ଶଟ୍ ସହିତ ବକ୍ସ ବାହାରୁ ଗୋଲ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ ଇଂଲଣ୍ଡ ମିଡଫିଲ୍ଡର ବୁକାୟୋ ସାକା। ପେନାଲ୍ଟିରେ ଇଂଲଣ୍ଡ ପକ୍ଷରୁ କୋଲ୍ ପାଲମର, ଜୁଡ୍ ବେଲିଙ୍ଗହାମ୍, ବୁକାୟୋ ସାକା, ଇଭାନ୍ ଟୋନି ଓ ଟ୍ରେଣ୍ଟ ଆଲେକଜାଣ୍ଡାର ଆର୍ନୋଲ୍ଡ ଶଟ୍ ମାରିଥିବା ବେଳେ ସମସ୍ତେ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ସୁଇଜରଲାଣ୍ଡ ପକ୍ଷରୁ ମାନୁଏଲ୍ ଆକାଞ୍ଜି, ଫାବିଆନ୍ ସ୍କାର, ଜେଡ୍ରେନ ଶାକିରି ଓ ଜେକି ଆମୋଡୁନି ଶଟ୍ ମାରିଥିଲେ। ମାନୁଏଲ୍ ଆକାଞ୍ଜିଙ୍କୁ ଛାଡି ଅନ୍ୟ ସମସ୍ତ ଖେଳାଳି ସ୍କୋର କରିଥିଲେ।


ପେନାଲ୍ଟି ଶୁଟ୍‌ଆଉଟରେ ମ୍ୟାଚ ଜିତିବାପରେ ଇଂଲଣ୍ଡ ଖେଳାଳିଙ୍କ ଆନନ୍ଦ ଉଲ୍ଲାସ।

# ଶାନ୍ତିର ପ୍ରତୀକ

ଅଲିମ୍ପିକ୍ସର ସପ୍ତମ ସଂସ୍କରଣ ୧୯୨୦ରେ ବେଲଜିୟମର ଆଣ୍ଟୱେର୍ପରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱଯୁଦ୍ଧ କାରଣରୁ ୧୯୧୬ ବର୍ଲିନ୍ ଅଲିମ୍ପିକ୍ସ ବାତିଲ ହୋଇଥିବା ବେଳେ ଏଥିରେ ୨୯ ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୬୨୬ ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଥିବା ବେଳେ ଏହା ମଧ୍ୟରେ ୨୫୬୧ ପୁରୁଷ ଓ ୬୫ ମହିଳା ଆଥ୍‌ଲେଟ ଅନ୍ତର୍ଭୁକ୍ତ ଥିଲେ। ୨୨ଟି କ୍ରୀଡା ବର୍ଗ ସାମିଲ ଥିବାବେଳେ ୧୬୨ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧରେ ନିହତ ବେଲଜିୟମ ନାଗରିକଙ୍କ ଉଦ୍ଦେଶ୍ୟରେ ଏହି ଗେମ୍ ଉତ୍ସର୍ଗ କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ କରିଥିବା ହଙ୍ଗେରୀ, ଜର୍ମାନୀ, ଅଷ୍ଟ୍ରିଆ, ବୁଲ୍‌ଗେରିଆ ଓ ଓଟୋମନ୍ ସାମ୍ରାଜ୍ୟକୁ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳି ନ ଥିଲା। ସେହିପରି ରୁଷିଆରେ ସିଭିଲ ୱାର ଶେଷ ହୋଇଥିବା ବେଳେ ଏହା ମଧ୍ୟ ଅଂଶଗ୍ରହଣ କରି ନ ଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ ଜର୍ମାନୀ ୧୯୨୮ ଯାଏ ଅଲିମ୍ପିକ୍ସକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲା। ଆମେରିକା ୧୯୨୦ ଅଲିମ୍ପିକ୍ସରେ ସର୍ବାଧିକ ପଦକ ହାସଲ କରିଥିଲା। ଆମେରିକା ୪୧ ସ୍ୱର୍ଣ୍ଣ, ୨୭ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସହ ମୋଟ ୯୫ ପଦକ ହାସଲ କରିଥିଲା। ସୁଇଡେନ୍ ୧୯ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୫ ବ୍ରୋଞ୍ଜ ପଦକ ସହ ମୋଟ ୬୪ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ଫିନ୍‌ଲାଣ୍ଡ ୧୫ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା।

ଶାନ୍ତିର ପ୍ରତୀକ ରହିଥିବା ଆଣ୍ଟୱେର୍ପ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଅଲିମ୍ପିକ୍ସ ଚିହ୍ନ ରହିଥିବା ପତାକା ଉଡାଯାଇଥିଲା। ଏହା ସହ ଅଲିମ୍ପିକ୍ସ ଶପଥ ମଧ୍ୟ ପ୍ରଥମ ଥର ପାଇଁ ହୋଇଥିଲା। ସମର ଅଲିମ୍ପିକ୍ସ ହୋଇଥିଲେ ମଧ୍ୟ ଶୀତକାଳୀନ ଅଲିମ୍ପିକ୍ସର ୮ ଦିନ ଏହା ମଧ୍ୟରେ ରହିଥିଲା। ଫିଗର ସ୍କେଟିଂ ଓ ଆଇସ୍ ହକିକୁ ପ୍ରଥମ ଥର ସାମିଲ କରାଯାଇଥିଲା। ଇଟାଲୀର ନେଡୋ ନାଡି ଫେନ୍‌ସିଂର ୫ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୦୦ ମିଟର ରନିଙ୍ଗ ଡିଅର ଡବଲ ଶଟ୍ ଇଭେଣ୍ଟରେ ୭୨ ବର୍ଷ ବୟସରେ ସୁଇଡେନ୍‌ର ଓସ୍କାର ଶନ୍ ବୟସ୍କ ଖେଳାଳି ଭାବରେ ପଦକ ଜିତିଥିଲେ। ସେ ସମୟରେ ମାତ୍ର ୨୩ ବର୍ଷ ବୟସର ଥିବା ଅଲିମ୍ପିକ୍ସ କିମ୍ବଦନ୍ତୀ ଫିନ୍‌ଲାଣ୍ଡର ପାଭୋ ନୁର୍ମି ୧୦ହଜାର ଓ ୮ ହଜାର ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କ୍ରସ୍ କଣ୍ଟ୍ରି ଇଭେଣ୍ଟରେ ଆଉ ଏକ ସ୍ୱର୍ଣ୍ଣ ସହ ୫ ହଜାର ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ପାଭୋ ନୁର୍ମିଙ୍କ ସଫଳତା କାରଣରୁ ଫିନ୍‌ଲାଣ୍ଡ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ୯ ପଦକ ହାସଲ କରିଥିଲା। ଆମେରିକା ପ୍ରଥମ ଥର ପାଇଁ ମହିଳା ସନ୍ତରଣକାରୀ ଦଳ ଛାଡ଼ିଥିବା ବେଳେ ଏହା ୭ ଇଭେଣ୍ଟରେ ୭ଟି ଯାକ ସ୍ୱର୍ଣ୍ଣ ପଦକ ପୋଛି ନେଇଥିଲା।




## ପ୍ୟାରିସ୍ ଅଲିମ୍ପିକ୍ସ




ଆଉ ୧୮ ଦିନ

# ଭାରତୀୟ ଆଥଲେଟିକ୍ସ ଦଳରେ ଆଲଡ୍ରିନ୍, ଅଙ୍କିତା

ନୂଆଦିଲ୍ଲୀ, ୭।୭ (ପି.ଟି.)

**ପ୍ୟାରିସ ଅଲିମ୍ପିକ୍ସ**

ଲଙ୍ଗ୍ ଜମ୍ପର ଜେସ୍ୱିନ ଆଲଡ୍ରିନ ଓ ୫୦୦୦ ମିଟର ଧାବିକା ଅଙ୍କିତା ଧ୍ୟାନୀ ବିଶ୍ୱ ର୍‌ୟାଙ୍କିଙ୍ଗ୍ କୋଟା ଜରିଆରେ ରବିବାର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ଭାରତୀୟ ଆଥଲେଟିକ୍ସ ଦଳର ସଦସ୍ୟ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ସଦ୍ୟ ପ୍ରକାଶିତ ୱାର୍ଲ୍ଡ ଆଥଲେଟିକ୍ସ (ଡବ୍ଲ୍ୟୁଏ) ତାଲିକାରେ ଲଙ୍ଗ୍‌ଜମ୍ପରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଆଲଡ୍ରିନ ଓ ଅଙ୍କିତାଙ୍କ ନାମ ସ୍ଥାନ ପାଇଛି। ଯୋଗ୍ୟତା ହାସଲ କରିଥିବା ସତ୍ତ୍ୱେ ବିଭିନ୍ନ କାରଣରୁ କେତେଜଣ ଆଥ୍‌ଲେଟ ପ୍ୟାରିସ ଗେମ୍ସରେ ଭାଗ ନେଉ ନ ଥିବା ଅନ୍ତର୍ଜାତୀୟ ମହାସଂଘକୁ ଜଣାଇବା ପରେ ଏହି ତାଲିକା ପ୍ରକାଶ ପାଇଛି। ଉଦାହରଣ ସ୍ୱରୂପ ଟପ୍ ଭାରତୀୟ ଲଙ୍ଗ୍ ଜମ୍ପର ଏମ୍. ଶ୍ରୀଶଙ୍କର ୮.୨୭ମିଟର ଯୋଗ୍ୟତା ଅଙ୍କ ହାସଲ କରି ସିଧାସଳଖ ଏଣ୍ଟ୍ରିର ସୁବିଧା ପାଇଥିଲେ ମଧ୍ୟ ଇଞ୍ଜୁରି ଯୋଗୁ ସେ ଗେମ୍ସରୁ ଓହରିଯାଇଛନ୍ତି। ଅଲିମ୍ପିକ୍ସରେ ପୁରୁଷ ଲଙ୍ଗ୍ ଜମ୍ପ ଇଭେଣ୍ଟ ୩୨ଜଣ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ବେଳେ ସଦ୍ୟ ପ୍ରକାଶିତ ତାଲିକାରେ ଆଲଡ୍ରିନ ୩୧ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଗତ ର୍‌ୟାଙ୍କିଙ୍ଗ୍‌ରେ ଅଙ୍କିତା ୪୨ ତମ ସ୍ଥାନରେ ଅଛନ୍ତି। ଉଭୟ ଖେଳାଳି ଗତ ଜୁଲାଇ ୨ରେ ଡବ୍ଲ୍ୟୁଏ ଦ୍ୱାରା ପ୍ରକାଶିତ କ୍ୱାଲିଫିକେଶନ ବ୍ରାକେଟ୍‌ର ବାହାରେ ରହିଥିଲେ। ଭାରତୀୟ ଦଳରେ ଏହି ଦୁଇଜଣ ଆଥଲେଟଙ୍କୁ ସାମିଲ କରାଯିବ ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆର ଜଣେ ଟପ୍ ଅଫିସିଆଲ ସ୍ପଷ୍ଟ କରିଛନ୍ତି। ଭାରତୀୟ ଆଥଲେଟିକ୍ସର ଚିଫ୍ କୋଚ୍ ରାଧାକ୍ରିଷ୍ଣନ ନାୟାର ଜୁଲାଇ ୪ରେ ୨୮ଜଣିଆ ଦଳ ଘୋଷଣା କରିଥିଲେ। ସେତେବେଳେ ସେ କହିଥିଲେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପରେ ଯେଉଁମାନେ ଯୋଗ୍ୟତା ଅର୍ଜନ କରିବେ ସେମାନଙ୍କୁ ଦଳରେ ସାମିଲ କରିବା ଲାଗି ଜାତୀୟ ମହାସଂଘର ସିଲେକ୍ସନ କମିଟି ସ୍ଥିର କରିଛି।

# ବ୍ରିଟିଶ ଗ୍ରାଁ ପ୍ରି ଜିତିଲେ ହାମିଲଟନ

ସିଲଭରଷ୍ଟୋନ୍ (ଲଣ୍ଡନ), ୭।୭


ଭାରତରମର୍ସିଡିଜର ଲୁଇସ ହାମିଲଟନ ୯ମ ଥର ପାଇଁ ବ୍ରିଟିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରେସ୍‌ରେ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଓ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କଠାରୁ ତାଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୧ ଡିସେମ୍ବର ପରେ ତାଙ୍କର ଏହା ପ୍ରଥମ ବିଜୟ। ବିଳମ୍ବରେ ଭର୍ଷ୍ଟାପେନ୍ ତାଙ୍କୁ ଟକ୍କର ଦେଇଥିଲେ ମଧ୍ୟ ଅତିକ୍ରମ କରିପାରି ନ ଥିଲେ। ହାମିଲଟନଙ୍କ ଏହା ହେଉଛି କ୍ୟାରିୟରର ୧୦୪ତମ ବିଜୟ। ଏଠାରେ ସିଙ୍ଗଲ ସର୍କିଟରେ ସର୍ବାଧିକ ଥର ବିଜୟ ହାସଲରେ ସେ ଏକ ରେକର୍ଡ କରିଛନ୍ତି। ନୋରିସଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ଶ୍ରୀଲଙ୍କାରେ ଅୟେସ ପତିଙ୍କ ଚମତ୍କାର ପ୍ରଦର୍ଶନ

## ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଘୋଷିତ

ଯାଜପୁର,୭।୭(ହର୍ଷବର୍ଦ୍ଧନ ବେହେରା)

ଶ୍ରୀଲଙ୍କାର କଲମ୍ବୋଠାରେ ଜୁନ୍ ୨୩ରୁ ୨୯ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ଦ୍ୱିତୀୟ ଚାମ୍ପିୟନ୍ସ ଟ୍ରଫି ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଯାଜପୁରର ଅୟେସ ପତି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କ୍ରିକ୍ କିଙ୍ଗଡମ୍ ଗ୍ଲୋବାଲ ଟିମ୍‌ର କ୍ୟାପଟେନ ଭାବେ ଖେଳିଥିଲେ। ଅୟେସ ଦ୍ୱିତୀୟ ଥର ପାଇଁ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ସେଠାରେ ୬ଟି ଟି୨୦ ଏବଂ ୩ଟି ଏକ ଦିବସୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଟି ଦେଶର ଦଳ ଭାଗ ନେଇଥିଲେ। କ୍ୟାପଟେନ ଭାବେ ଅୟେସ ଦୁଇଟି ଟି ୨୦ ମ୍ୟାଚରେ ଶ୍ରୀଲଙ୍କା ଏବଂ କଲମ୍ବୋ ଦଳ ବିପକ୍ଷରେ ନିଜର ଭଲ ପ୍ରଦର୍ଶନ କରି ପ୍ଲେୟର ଅଫ ଦି ମ୍ୟାଚ ହୋଇଥିବା ବେଳେ ୩୦ ଓଭରବିଶିଷ୍ଟ ଫାଇନାଲରେ ସିଙ୍ଗାପୁର ବିପକ୍ଷରେ ୫୩ଟି ବଲ ଖେଳି ୬ ଚୌକା ଏବଂ ୧୦ ଛକା ବଳରେ ୧୦୩ ରନରେ ଅପରାଜିତ ରହି ନିଜ ଦଳକୁ ବିଜୟୀ କରିଥିଲେ। ଅୟେସଙ୍କ ଶତକ ବଳରେ କ୍ରିକ୍ କିଙ୍ଗଡମ୍ ୨୮୭ ରନ କରିଥିଲା। ଏହାର ଜବାବରେ ସିଙ୍ଗାପୁର ଦଳ ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅୟେସଙ୍କୁ ଫାଇନାଲରେ ପ୍ଲେୟର ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ଏଥିପାଇଁ ଅୟେସଙ୍କୁ ଯାଜପୁର ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି। ଅୟେସ ହେଉଛନ୍ତି, ଯାଜପୁର ରୋଡସ୍ଥିତ ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲ(ଜେମ୍ସ)ର ପ୍ରତିଷ୍ଠାତା ଡ. ଅଭୟ ପତି ଏବଂ ସଭାପତି ଆଡଭୋକେଟ ଅସ୍ମିତା ପତିଙ୍କ ବଡପୁଅ। ଅୟେସ ଗତ ଦୁଇବର୍ଷ ଧରି ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପୁଣେଠାରେ ପ୍ରତିଷ୍ଠିତ କ୍ରିକ୍ କିଙ୍ଗଡମ ଏକାଡେମୀରେ ପ୍ରଶିକ୍ଷଣ ନେବା ସହ ବିଭିନ୍ନ କ୍ରିକେଟ ଟୁର୍ନାମେଣ୍ଟ ଖେଳିଆସୁଛନ୍ତି। ଅୟେସଙ୍କ ଆଗାମୀ ଦିନରେ ଖେଳିବାକୁଥିବା ଟୁର୍ନାମେଣ୍ଟରେ ସଫଳତା କାମନା କରି ଅନେକ ଖେଳପ୍ରେମୀ, ସାମ୍ବାଦିକ ସଙ୍ଗଠନ, ସ୍ୱେଚ୍ଛାସେବୀ, ରାଜନେତାମାନେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।


ପୁରସ୍କୃତ ହେବା ଅବସରରେ ଅୟେସ ପତି।

## ପ୍ୟାରିସ ଡାଇମଣ୍ଡ ଲିଗ୍

# ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ସାବ୍‌ଲେ

ପ୍ୟାରିସ, ୭।୭ (ପି.ଟି.)

ଅଲିମ୍ପିକ୍ସରେ ଭାଗ ନେବାକୁ ଯାଇଥିବା ଅବିନାଶ ସାବ୍‌ଲେ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏହା ସତ୍ତ୍ୱେ ସେ ଏଠାରେ ୮ମିନିଟ ଓ ୯.୯୧ ସେକେଣ୍ଡ ଟାଇମିଂରେ ସମ୍ମାନଜନକ ଡାଇମଣ୍ଡ ଲିଗ୍ ମିଟ୍‌ରେ ୬ଷ୍ଠ ସ୍ଥାନରେ ରହିଥିଲେ। ପୂର୍ବରୁ ୨୦୨୨ରେ ସେ ୮:୧୧.୨୦ ଟାଇମିଂରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଡାଇମଣ୍ଡ ଲିଗ୍‌ରେ ଇଥିଓପିଆର ସିମେ ଆବରହାମ ୮:୦୨.୩୬ ସେକେଣ୍ଡ ସମୟ ନେଇ ପ୍ରଥମ, କେନିୟାର ସେରେମ ଆମୋସ ୮:୦୨.୩୬ ସେକେଣ୍ଡ ସହ ଦ୍ୱିତୀୟ ଓ କିବିଓଟ ଆବ୍ରାହମ୍ ୮:୦୬.୭୦ ସେକେଣ୍ଡ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଏହି ପ୍ରତିଯୋଗିତାର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଭାଗ ନେଇଥିବା ଓଡ଼ିଶାର କିଶୋର କୁମାର ଜେନା ୭୮.୧୦ ମିଟର ଥ୍ରୋ କରି ୮ମ ସ୍ଥାନରେ ରହିଛନ୍ତି। ଜର୍ମାନୀର ୱେବର ଜୁଲିଆନ ୮୫.୯୧, ଗ୍ରେନେଡାର ପିଟର୍ସ ଆଣ୍ଡରସନ ୮୫.୧୯ ଓ ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ୮୫.୦୪ ମିଟର ଥ୍ରୋ କରି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।


# Classified Everyday 0674-2580101, 2549949


REAL ESTATE
**SALE**

**Plot for sale at Puri Konark Marine Drive (850/- per sqft.). Contact- 6371703010.** D-690

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-691

## LOST

ଆମ୍ଭେ ଅନୀତା ମହାପାତ୍ର, ଗ୍ରାମ/ଥାନା- ଚିକଲଖଣ୍ଡି, ଜିଲ୍ଲା- ଗଞ୍ଜାମ, ତା।୦୫।୦୭।୨୦୨୪ କଳ୍ପନାଛକ-ଭୁବନେଶ୍ୱର ଅଟୋ ରିକ୍ସାରେ ଯାଉଥିବା ବେଳେ ମୋର ମୂଳ କବଲା (11831800518/2018), CC No.- 2018183002133 ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ପାଇଥିଲେ ଉକ୍ତ ମୋବାଇଲ ନଂ. ରେ ଜଣାଇବାକୁ ଅନୁରୋଧ। 7008751435, 9861264032. D-685




**Tolet- Commercial for Office, Clinic, Show room near Capital Hospital (Govt.), BBSR. Contact- 9439195327.** D-658




Kerala body Massage best Therapist Bhubaneswar. 9337672475. D-673

Fully relaxed body massage trained therapist. Central SPA. 9556483961. D-75757

Newly open Jyoti SPA positively health benefits (Expert therapist). 8458067955. D-76130

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Relax, refresh your body, mind by expert therapist. Contact: 9938843929. D-76132

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Newly open health benefits spa special offer @999 Bapujinagar, 8018429809. D-76131

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Sanjeeb Kumar Patro, S/o- Late Sikandar Patro, resident of Alien Royal Plaza, Flat- 303, Plot No.-590 (P), Jaydev Vihar, Bhubaneswar, PIN-751013, Odisha declare by this affidavit No- 64AA 292769, dtd. 06.07.2024 that now onwards I shall be known as Sanjib Kumar Patro for all future purposes. D-689

By virtue of an affidavit sworn before Executive Magistrate, dated 03.07.2024, I, Tunir Kejriwal, resident of Marwari Para, Jharsuguda, declare that I have changed my son's name from Trishaan Kejriwal to Vedansh Kejriwal. Henceforth, he shall be known as Vedansh Kejriwal for all purposes. D-688

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଚିତ୍ତରଞ୍ଜନ ଶର୍ମା**
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୬୮୬

**ନବମ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତା ତମାଳଲତା ରଥ**
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ- ୧୮।୦୭।୨୦୧୫
(ଆଷାଢ଼ ମାସ, ଶୁକ୍ଳ ପକ୍ଷ, ତୃତୀୟା ତିଥି)
ବୋଉ, ଆଜି ତୁମର ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରତି ସର୍ବଦା ପ୍ରେରଣା ହୋଇ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୮୭

# ହୃଦ୍‌ରୋଗ ଆଶଙ୍କା ଦୂର କରେ ତଟକା ଫଳମୂଳ



ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟମାତ୍ର। କାରଣ ଏଗୁଡ଼ିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଯଦି ଏହାକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା, ତେବେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ଯୋଡ଼ାଯାଇଛି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ତଟକା ଫଳମୂଳ ଖାଇଲେ ତାହା ହୃଦ୍‌ରୋଗ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ସିଡ୍‌ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣାରୁ ଏକଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ତଟକା ଫଳମୂଳ ଖାଇବାକୁ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜଣାପଡ଼ିଥିଲା ଯେ, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃଦ୍‌ରୋଗ ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ କେତେକାଂଶରେ ଦୂରେଇ ଦେଇଥାଏ। ଏହା ସହ ସବୁବେଳେ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ପାଟିରେ ଘା': କାରଣ, ପ୍ରତିକାର



ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ ଏବଂ ତାହାର ଚିକିତ୍ସା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ। ପାଟିରେ ଘା' ହେବାର କେତେକ ପ୍ରମୁଖ କାରଣ ରହିଛି। ଆମ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬)ର ଅଭାବ ଯେତେବେଳେ ଘଟେ, ତାହା ପାଟିରେ ଘା' ହେବାର କାରଣ ସାଜିଥାଏ। ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ଯେତେବେଳେ ଏହା ଅସନ୍ତୁଳିତ ରହେ, ଜିଭ ଅଧିକାଂଶ ସମୟ ଶୁଖିଲା ରହେ କିମ୍ବା ପାଟିରୁ କମ୍ ଲାଳ ବାହାରେ ଏପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମଧ୍ୟ ପାଟିରେ ଘା' ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଗୁଟ୍‌ଖାଜାତୀୟ ନିଶାଦ୍ରବ୍ୟ ସବୁବେଳେ ସେବନ କଲେ ସେଥିଯୋଗୁ ପାଟିରେ ଘା' ହେବାର ଯଥେଷ୍ଟ ଆଶଙ୍କା ରହିଛି। କେବଳ ସେତିକି ନୁହେଁ, ଏହି ଘା' କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ନିଶା ଦ୍ରବ୍ୟ ସେବନଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ।

# ଭାରତରେ ନାଇଟ୍ରସ୍ ଅକ୍ସାଇଡ୍ ନିର୍ଗମନ



ଇଂ. ମାୟାଧର ସ୍ୱାଇଁ

''ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ପ୍ରକାଶ କରିଥିବା ତଥ୍ୟ ଅନୁଯାୟୀ ମନୁଷ୍ୟକୃତ ନାଇଟ୍ରସ୍ ଅକ୍ସାଇଡ୍ ଉତ୍ସର୍ଜନ ଯୋଗୁ ଜାଗତିକ ଉଷ୍ମତା ବୃଦ୍ଧି ୦.୧ ଡିଗ୍ରୀ ହେଉଛି। ୧୯୮୦ରୁ ୨୦୨୦ ମସିହା ମଧ୍ୟରେ ଏହାର ଉତ୍ସର୍ଜନ ୪୦% ବୃଦ୍ଧି ପାଇଛି। ଏହାର ଅଧିକ ଉତ୍ସର୍ଜନକାରୀ ଦେଶଗୁଡ଼ିକ ହେଉଛି ଚାଇନା (୧୬.୭%), ଭାରତ (୧୦.୯%), ଯୁକ୍ତରାଷ୍ଟ୍ର ଆମେରିକା (୫.୭), ବ୍ରାଜିଲ (୫.୩) ଏବଂ ରୁଷିଆ (୪.୬)। ମାତ୍ର ଜଣଙ୍କ ପିଛା ଉତ୍ସର୍ଜନରେ ଭାରତ ପାଇଁ ଏହା ୦.୮ କିଗ୍ରା ଥିବା ବେଳେ ଚାଇନା ପାଇଁ ୧.୩, ଆମେରିକା ପାଇଁ ୧.୭, ବ୍ରାଜିଲ ପାଇଁ ୨.୫ ଏବଂ ରୁଷିଆ ପାଇଁ ୩.୩ କିଗ୍ରା ଅଛି। ରିପୋର୍ଟରେ ପୁନଶ୍ଚ ପ୍ରକାଶ ପାଇଛି ଯେ, ଗତ ଦଶନ୍ଧିରେ ନିର୍ଗତ ସମୁଦାୟ ନାଇଟ୍ରସ ଅକ୍ସାଇଡ୍ ୭୪% କୃଷି କ୍ଷେତ୍ରରୁ ଆସିଛି ଏବଂ ବିଶେଷଭାବେ ଯବକ୍ଷାରଜାନ ସାର ଓ ଜୈବିକ ସାରରୁ ଏହା ନର୍ଗତ ହୋଇଛି।''



ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ସଂସ୍ଥା ନିକଟରେ ଅଧ୍ୟୟନ କରି ପ୍ରକାଶ କରିଛି ଯେ, ପୃଥିବୀରେ ବାୟୁମଣ୍ଡଳକୁ ନାଇଟ୍ରସ ଅକ୍ସାଇଡ୍‌ର ଉତ୍ସର୍ଜନରେ ଭାରତ ହେଉଛି ଦ୍ୱିତୀୟ। ଏହାପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଗ୍ୟାସ୍ କ'ଣ ଓ ଏହାର ଗୁରୁତ୍ୱକୁ ଏଠାରେ ଆଲୋଚନା କରିବା।

ନାଇଟ୍ରସ୍ ଅକ୍ସାଇଡ୍ ହେଉଛି ଗୋଟିଏ ଗନ୍ଧହୀନ, ରଙ୍ଗହୀନ ଓ ଅଦହନୀୟ ଗ୍ୟାସ୍। ଏହା ଜଳରେ ଦ୍ରବୀଭୂତ। ଦନ୍ତ ଚିକିତ୍ସକମାନେ ରୋଗୀକୁ ନିଶ୍ଚେତ କରିବା ପାଇଁ ଏହାକୁ ବେଳେବେଳେ ବ୍ୟବହାର କରିଥାଆନ୍ତି। ଏହାକୁ ଆଘ୍ରାଣ କଲେ ଜଣେ ଅନିଚ୍ଛାକୃତ ଭାବେ ମଧ୍ୟ ଆନନ୍ଦରେ ବିଭୋର ହୋଇଯାଏ। ଏଣୁ ଏହା 'ହସ ଗ୍ୟାସ୍' ଭାବରେ ଜଣା। କିନ୍ତୁ ଏହି ଗ୍ୟାସ୍ ଅନ୍ୟଏକ କାରଣ ପାଇଁ ଚର୍ଚ୍ଚାକୁ ଆସିଛି ଏବଂ ପରିବେଶବିତ୍‌ମାନଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି। ଏହା ହେଉଛି ଗୋଟିଏ ସବୁଜଗୃହ ଗ୍ୟାସ୍। ଅନ୍ୟ ସବୁଜଗୃହ ଗ୍ୟାସ୍ ଯଥା-ଅଙ୍ଗାରକାମ୍ଳ ଓ ମିଥେନ୍ ଭଳି ଏହା ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ଏହା ପୃଥିବୀର ବାୟୁମଣ୍ଡଳରେ ଟ୍ରାପୋସ୍ଫିୟରରେ ସବୁଜଗୃହ ଗ୍ୟାସ୍ ଭାବରେ କାର୍ଯ୍ୟ କରୁଥିବା ବେଳେ ଷ୍ଟ୍ରାଟୋସ୍ଫିୟରରେ ଏହା ଓଜନ ସ୍ତର କ୍ଷୟ କରିଥାଏ। ପୃଥିବୀରେ ମୋଟ ସବୁଜଗୃହର ଗ୍ୟାସ୍ ଉତ୍ସର୍ଜନରେ ୬% ହେଉଛି ନାଇଟ୍ରସ୍ ଅକ୍ସାଇଡ୍। ୧୦୦ ବର୍ଷ ମଧ୍ୟରେ ଏହା ଅଙ୍ଗାରକାମ୍ଳ ଅପେକ୍ଷା ହେଉଛି ୨୭୩ ଗୁଣ କ୍ଷତିକାରକ। ମାତ୍ର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅନେକ ଶହ ବର୍ଷ ପର୍ଯ୍ୟନ୍ତ ରହିପାରୁଥିବା ବେଳେ ଏହା ୧୧୪ ବର୍ଷ ପର୍ଯ୍ୟନ୍ତ ରହିଥାଏ।

ସମଗ୍ର ପୃଥିବୀରେ ୪୦% ନାଇଟ୍ରସ୍ ଅକ୍ସାଇଡ୍ ଉତ୍ସର୍ଜନ ହେଉଛି ମନୁଷ୍ୟକୃତ ଏବଂ ଅବଶିଷ୍ଟ ହେଉଛି ପ୍ରାକୃତିକ। ଏହା କୃଷି, ପରିବହନ, ଶିଳ୍ପ ଓ ଅନ୍ୟ କେତେକ କାର୍ଯ୍ୟକଳାପର ବାୟୁମଣ୍ଡଳରୁ ନିର୍ଗତ ହୋଇଥାଏ। ମୃତ୍ତିକା ଚାଷ ହେଉଛି ଏହାର ଏକ ବଡ଼ ଉତ୍ସ। ଏହାବ୍ୟତୀତ ସାଂଶ୍ଲେଷିକ ଓ ଜୈବିକ ସାର ଦ୍ୱାରା ଏବଂ କୃଷିଜାତ ପଦାର୍ଥର ଅବଶେଷକୁ ଜାଳିବା ଦ୍ୱାରା ଏହା ନିର୍ଗତ ହୋଇଥାଏ। ଯାନବାହନରେ ପେଟ୍ରୋଲ ଓ ଡିଜେଲ ଦହନ ଯୋଗୁଁ ଏହା ବାୟୁମଣ୍ଡଳକୁ ଯାଇଥାଏ। କେତେକ ରାସାୟନିକ ପଦାର୍ଥ ଯଥା: ନାଇଟ୍ରିକ୍ ଅମ୍ଳ ଓ ଏଡପିକ୍ ଅମ୍ଳ ଉତ୍ପାଦନ ସମୟରେ ଏହା ଉତ୍ପନ୍ନ ହୋଇଥାଏ। ମାଟି ଓ ସମୁଦ୍ରରେ ବ୍ୟାକ୍ଟେରିଆ ଯୋଗୁ ଏହା ସୃଷ୍ଟି ହୋଇଥାଏ। ଯବକ୍ଷାରଜାନ ଚକ୍ର ସହିତ ସଂଶ୍ଳିଷ୍ଟ ଅନେକ ଉତ୍ସରୁ ପ୍ରାକୃତିକ ଭାବେ ଏହା ନିର୍ଗତ ହୋଇଥାଏ। ଯବକ୍ଷାରଜାନ ଚକ୍ର ହେଉଛି ବାୟୁମଣ୍ଡଳ, ଉଦ୍ଭିଦ, ପ୍ରାଣୀ ଏବଂ ଜଳ ଓ ମାଟିରେ ରହୁଥିବା ସୂକ୍ଷ୍ମ ଜୀବଗୁଡ଼ିକ ମଧ୍ୟରେ ଯବକ୍ଷାରଜାନର ପ୍ରାକୃତିକ ସଞ୍ଚଳନ।

ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ପ୍ରକାଶ କରିଥିବା ତଥ୍ୟ ଅନୁଯାୟୀ ମନୁଷ୍ୟକୃତ ନାଇଟ୍ରସ୍ ଅକ୍ସାଇଡ ଉତ୍ସର୍ଜନ ଯୋଗୁ ଜାଗତିକ ଉଷ୍ମତା ବୃଦ୍ଧି ୦.୧ ଡିଗ୍ରୀ ହେଉଛି। ୧୯୮୦ରୁ ୨୦୨୦ ମସିହା ମଧ୍ୟରେ ଏହାର ଉତ୍ସର୍ଜନ ୪୦% ବୃଦ୍ଧି ପାଇଛି। ଏହାର ଅଧିକ ଉତ୍ସର୍ଜନକାରୀ ଦେଶଗୁଡ଼ିକ ହେଉଛି ଚାଇନା (୧୬.୭%), ଭାରତ (୧୦.୯%), ଯୁକ୍ତରାଷ୍ଟ୍ର ଆମେରିକା (୫.୭%), ବ୍ରାଜିଲ (୫.୩%) ଏବଂ ରୁଷିଆ (୪.୬%)। ମାତ୍ର ଜଣଙ୍କ ପିଛା ଉତ୍ସର୍ଜନରେ ଭାରତ ପାଇଁ ଏହା ୦.୮ କିଗ୍ରା ଥିବା ବେଳେ ଚାଇନା ପାଇଁ ୧.୩, ଆମେରିକା ପାଇଁ ୧.୭, ବ୍ରାଜିଲ ପାଇଁ ୨.୫ ଏବଂ ରୁଷିଆ ପାଇଁ ୩.୩ କିଗ୍ରା ଅଛି। ରିପୋର୍ଟରେ ପୁନଶ୍ଚ ପ୍ରକାଶ ପାଇଛି ଯେ, ଗତ ଦଶନ୍ଧିରେ ନିର୍ଗତ ସମୁଦାୟ ନାଇଟ୍ରସ ଅକ୍ସାଇଡ୍ ୭୪% କୃଷି କ୍ଷେତ୍ରରୁ ଆସିଛି ଏବଂ ବିଶେଷଭାବେ ଯବକ୍ଷାରଜାନ ସାର ଓ ଜୈବିକ ସାରରୁ ଏହା ନିର୍ଗତ ହୋଇଛି। ୧୯୮୦ ମସିହାରେ ପୃଥିବୀରେ ୬୦ ନିୟୁତ ମେଟ୍ରିକ ଟନ୍ ଯବକ୍ଷାରଜାନ ବ୍ୟବହୃତ ହୋଇଥିବା ବେଳେ ୨୦୨୦ ମସିହାରେ ଏହା ୧୦୧ ନିୟୁତ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ୨୦୨୨ ମସିହାରେ ବାୟୁମଣ୍ଡଳରେ ନାଇଟ୍ରସ୍ ଅକ୍ସାଇଡ୍‌ର ପରିମାଣ ୩୩୬ ପି.ପି.ବି. (ଏକ ପି.ପି.ବି. ହେଉଛି ବିଲିୟନ ବା ଏକ ଶହ କୋଟିର ଏକ ଭାଗ)ରେ ପହଞ୍ଚିଛି ଏବଂ ଏହା ହେଉଛି ଶିଳ୍ପ ସଭ୍ୟତା ଆରମ୍ଭ ସମୟର (୧୮୫୦ ମସିହା)ର ପରିମାଣଠାରୁ ୨୫ ପ୍ରତିଶତ ଅଧିକ।

ଭାରତରେ ସମୁଦାୟ ନାଇଟ୍ରସ୍ ଅକ୍ସାଇଡ୍ ନିର୍ଗତର ୮୫.୬% କୃଷିରୁ ଆସୁଛି। ଅନ୍ୟ ଦେଶରେ ଏହାର ଅନ୍ୟାନ୍ୟ ଉତ୍ସଗୁଡ଼ିକ ହେଉଛି ଶକ୍ତି ଉତ୍ପାଦନ (୭.୭%), ଔଦ୍ୟୋଗିକ ପ୍ରକ୍ରିୟା (୧.୧%), ଭୂମିବ୍ୟବହାର (୦.୩%) ଏବଂ ଆବର୍ଜନା (୫.୨%)। ଭାରତ ସରକାର ନାଇଟ୍ରିକ ଅକ୍ସାଇଡ୍ ନିର୍ଗତକୁ ହ୍ରାସ କରିବା ପାଇଁ କେତେକ ପଦକ୍ଷେପ ନେଇଛନ୍ତି। ୟୁରିଆ ସାର ଏହି ଗ୍ୟାସ୍ ଉତ୍ସର୍ଜନର ମୁଖ୍ୟ ଉତ୍ସ ହୋଇଥିବାରୁ ସରକାର ଦେଶରେ ନିମ ଆବରଣ ଥିବା ୟୁରିଆର ପ୍ରଚଳନ କରିଛନ୍ତି। ଏହି ସାର ବ୍ୟବହାର କଲେ, ନାଇଟ୍ରସ ଅକ୍ସାଇଡ୍ ନିର୍ଗତ ପରିମାଣ ହ୍ରାସ ପାଇଥାଏ ଏବଂ ଯବକ୍ଷାରଜାନ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଥାଏ। ପୁନଶ୍ଚ ଏହି ଗ୍ୟାସ୍ ନିର୍ଗତକୁ ହ୍ରାସ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନିଆଯାଉଛି। ମୃତ୍ତିକା ପରୀକ୍ଷା ଆଧାରରେ ଯବକ୍ଷାରଜାନ ସାରର ପ୍ରୟୋଗ କମ୍ ଚାପରେ କୃଷି, ଉତ୍ତମ ଶସ୍ୟ ଅବଶେଷ ପରିଚାଳନା, ଜୈବିକ ସାର ପ୍ରୟୋଗ ଏବଂ ଶସ୍ୟ ବଦଳ ଆଦିକୁ ପ୍ରୋତ୍ସାହନ କରାଯାଉଛି।

ଜାଗତିକ ଉଷ୍ମତା ବୃଦ୍ଧି ଏବଂ ଓଜୋନସ୍ତରର କ୍ଷୟରେ ପ୍ରମୁଖ ଭୂମିକା ନେଇଥିବା ସତ୍ତ୍ୱେ ନାଇଟ୍ରସ ଅକ୍ସାଇଡ୍ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ କୌଣସି ଦେଶରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଏହାର ଏକମାତ୍ର କାରଣ ହେଉଛି ଯେ, ଏହା କୃଷି ଉତ୍ପାଦନ ସହିତ ସଂଶ୍ଳିଷ୍ଟ ଅଛି ଏବଂ କୌଣସି ଦେଶ ନିଜ ଖାଦ୍ୟ ଉତ୍ପାଦନ ସହିତ ସାଲିସ କରିବାକୁ ଚାହାନ୍ତି ନାହିଁ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଭଳି ବଡ଼ ବିପତ୍ତିରୁ ରକ୍ଷା ପାଇବା ପାଇଁ ଆମକୁ କିଛି ପଦକ୍ଷେପ ନେବାକୁ ପଡ଼ିବ। ଯବକ୍ଷାରଜାନ ଆଧାରିତ ସାରର ବିକଳ୍ପ ବାହାର କରିବାକୁ ପଡ଼ିବ।

- ୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪



# ଭାଇରସ୍‌ରୁ ଚିହ୍ନଟ କରିହେବ ରୋଗ

ସାଧାରଣତଃ ରୋଗ ଚିହ୍ନଟ କରିବାକୁ ରକ୍ତ ନମୁନା, ସିଟି ସ୍କାନ୍, ଏମ୍‌ଆରଆଇ, ଅଲଟ୍ରା ସାଉଣ୍ଡ, ଏକ୍ସ-ରେ ଆଦି ପ୍ରଣାଳୀକୁ ଅନୁସରଣ କରାଯାଇଥାଏ। ଏହାଦ୍ୱାରା ଅନେକ ରୋଗକୁ ସହଜରେ ଠାବ କରି ଚିକିତ୍ସକମାନେ ତାହାର ଉଚିତ ଚିକିତ୍ସା କରିଥାଆନ୍ତି। ହେଲେ ଆମ ରକ୍ତରେ ଏଭଳି କେତେକ ଭାଇରସ୍ ଅଛନ୍ତି, ଯାହାକୁ ପରୀକ୍ଷାନିରୀକ୍ଷା କରି କେତେକ ରୋଗକୁ ଚିହ୍ନଟ କରି ହେବ ବୋଲି ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଭଳି ନୂଆ ପଦ୍ଧତିକୁ 'ଭାୟରସ୍କାନ' କୁହାଯାଏ। ଏଭଳି ପରୀକ୍ଷା ଦ୍ୱାରା ବିଶେଷଭାବରେ ଏଚ୍‌ଆଇଭି ଏବଂ ହେପାଟାଇଟିସ୍-ସି'ଜନିତ ରୋଗକୁ ଚିହ୍ନଟ କରିହେବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ରକ୍ତରେ ଥିବା ଭାଇରସ୍‌କୁ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ସେମାନେ ଉପରୋକ୍ତ ରୋଗ ବିଷୟରେ କେତେକ ସୂଚନା ପାଇଥିଲେ।

# ସନ୍ତୁଳିତ ଜୀବନଶୈଳୀର ରହସ୍ୟ




ମଣିଷ ସବୁବେଳେ ଖୁସିରେ ରହିବାକୁ ଚାହିଁଥାଏ। ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାର ସ୍ୱପ୍ନ ବି ଦେଖେ। ତେଣୁ ବିଚାରଧାରାକୁ ସକାରାତ୍ମକ କରି କିଭଳି ଆମେ ଖୁସିରେ ରହିବା ଆସନ୍ତୁ ଜାଣିବା। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ଫଳରେ ଭୁଲ୍ କାମ କରି ବସୁ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ସଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ କରିବାକୁ ହେବ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଆପଣ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ, ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାବ୍ୟତୀତ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ। କୌଣସି ଭୁଲକୁ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ତାହାର କାରଣ ତର୍ଜମା କରି ତାହାକୁ ସମାଧାନ କରନ୍ତୁ। ନିଜକୁ ପ୍ରଥମେ ଭଲପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଆପଣଙ୍କର ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

# ସ୍ୱାସ୍ଥ୍ୟ ସୂଚନା

➤ସୁନିଦ୍ରା ପଛରେ କେତୋଟି ଜିନିଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମେ ବେଡ୍‌ରୁମ୍‌ର ପରିବେଶକୁ ଶାନ୍ତ ରଖନ୍ତୁ। ଶୋଇବାକୁ ଯିବା ପୂର୍ବରୁ ନକାରାତ୍ମକ ଧାରଣା ମନରେ ଆଦୌ ଆଣନ୍ତୁ ନାହିଁ।

➤ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ଚକ୍ଷୁ ଚିକିତ୍ସକ ଯେତେ ସମୟ ଚଷମା ପିନ୍ଧିବା ପାଇଁ କହିଛନ୍ତି ସେତିକି ସମୟ ପିନ୍ଧନ୍ତୁ। ତା' ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ତାଙ୍କ ସହ ପରାମର୍ଶ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



➤ଖାଦ୍ୟ ଖାଇସାରିବା ପରେ କୋଲ୍ଡ ଡ୍ରିଙ୍କସ କିମ୍ବା ନିଶାଦ୍ରବ୍ୟ ଆଦୌ ସେବନ କରନ୍ତୁ ନାହିଁ। ଯଦି ଖାଦ୍ୟ ଖାଉଛନ୍ତି, ତେବେ ଶାନ୍ତ ମନରେ ଖାଦ୍ୟ ଖାଆନ୍ତୁ।

➤ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ଆପଣଙ୍କ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହେବ, ସେ ନେଇ ଏକ୍ସରସାଇଜ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

➤ଯଦି ଆପଣଙ୍କୁ ଅଧିକାଂଶ ସମୟ ବାହାରେ କାମ କରିବାକୁ ପଡୁଛି, ଯେତେସମ୍ଭବ ସମୟ ବାହାର କରି ଆପଣଙ୍କ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇନିଅନ୍ତୁ।

➤ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ବେଳେ ଏଣୁତେଣୁ ଅଯଥା କଥା ପଚାରି ସମୟ ନଷ୍ଟ କରନ୍ତୁ ନାହିଁ। କାରଣ ଆପଣଙ୍କ ପରେ ଆଉ କେହି ହୁଏତ ଚିକିତ୍ସା ପାଇଁ ଅପେକ୍ଷା କରିଥାଇପାରନ୍ତି। ଆପଣଙ୍କ ରୋଗ ବିଷୟରେ ଯାହା ଜାଣିଛନ୍ତି ଏବଂ ଡାକ୍ତର ଯାହା ପଚାରୁଛନ୍ତି ତାହା ହିଁ କହନ୍ତୁ।

➤ରାତ୍ରଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ। ଏଥିପ୍ରତି ଧ୍ୟାନ ଦେଲେ ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ।

# ଜାଣିରଖନ୍ତୁ

ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇପାରିବ। ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତୁ। ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ନହେଲେ, ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ।



# ସୁସ୍ଥ ରହିବ ଅସ୍ଥି

ଆମର ଅସ୍ଥି ଯଦି ସୁସ୍ଥ ନ ରହେ, ତେବେ ଆମେ କେବଳ ଚାଲବୁଲ ନୁହେଁ, କୌଣସି କାମ କରିପାରିବା ନାହିଁ। ତେଣୁ ନିଜ ଶରୀର ସହ ଅସ୍ଥିର ଯତ୍ନ ନେବା ନିହାତି ଜରୁରୀ। ଯଦି ଅସ୍ଥି ଦୁର୍ବଳ ହୋଇଯାଏ, ତେବେ ହୁଏତ ବାକି ଜୀବନ ବିଛଣାରେ କଟାଇବାକୁ ପଡ଼ିପାରେ। ତେଣୁ ଆମେ ଏ ନେଇ ସତର୍କ ହେବା ନିହାତି ଜରୁରୀ। ଅସ୍ଥିକୁ ସୁସ୍ଥ ରଖିବାକୁ ହେଲେ କେତୋଟି ସାଧାରଣ କଥା ପ୍ରତି ପ୍ରଥମେ ଧ୍ୟାନ ଦିଅନ୍ତୁ। ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ଆବଶ୍ୟକତାଠାରୁ ଅଧିକ ବଢ଼ିଗଲେ, ତାହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ଆଉ ଏକ ବିଷୟ ପ୍ରତି ମଧ୍ୟ ନଜର ଦେବାର ଆବଶ୍ୟକତା ରହିଛି। ଯଦି ଆପଣ ଅତ୍ୟଧିକ ଚା' କିମ୍ବା ଥଣ୍ଡାପାନୀୟ ପିଉଛନ୍ତି, ତେବେ ଏଭଳି ଅଭ୍ୟାସ ବଦଳାନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୁଣ। ଅଧିକ ଲୁଣଜାତୀୟ ଖାଦ୍ୟ ଖାଇଲେ ତାହାର ଖରାପ ପ୍ରଭାବ ଅସ୍ଥି ଉପରେ ପଡ଼େ। ଫଳରେ ଅସ୍ଥି ଦୁର୍ବଳ ହୋଇଯାଏ। ଆମେ ଜାଣିଛେ ଯେ, ଅସ୍ଥିକୁ ସୁସ୍ଥ ରଖିବା ପଛରେ ଭିଟାମିନ୍-ଡି'ର ପ୍ରମୁଖ ଭୂମିକା ରହିଛି। ତେଣୁ ଏହି ଜାତୀୟ ଖାଦ୍ୟ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ପ୍ରତିଦିନ ସକାଳ ସୂର୍ଯ୍ୟକିରଣରେ କିଛି ସମୟ କଟାନ୍ତୁ, କାରଣ ଏହା ହେଉଛି ଭିଟାମିନ୍-ଡି'ର ଅନ୍ୟତମ ଉତ୍ସ। ତା'ସହ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।



ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ସୋମବାର, ଜୁଲାଇ ୮, ୨୦୨୪ | Bhubaneswar, Monnday, July 8, 2024

# ଅଭିଷେକଙ୍କ ଶତକ, ଭାରତ ବିଜୟୀ

**ହରାରେ, ୭।୭**

ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଶନିବାର ଅତ୍ୟନ୍ତ ନିମ୍ନମାନର ବ୍ୟାଟିଂକରି ପରାଜୟ ବରଣ କରିଥିବା ଭାରତ ରବିବାର ନିଜର ଦମ୍ ଦେଖାଇଛି। ନିଜର ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚରେ ଅଭିଷେକ ଶର୍ମା ଶତକ ହାସଲ କରିଥିବାବେଳେ ଜିମ୍ବାୱେକୁ ୧୦୦ ରନରେ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ। ଭାରତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୪ ରନର ବୃହତ୍ ସ୍କୋର କରିଥିଲା। ଜବାବରେ ଜିମ୍ବାୱେ ୧୮.୪ ଓଭରରେ ୧୩୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ଅଭିଷେକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍‌ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଶୁବମନ ଗିଲ୍ ମାତ୍ର ୨ ରନକରି ଆଉଟ ହେବାରୁ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଅଭିଷେକ ଓ ରତୁରାଜ ଗାଏକ୍ୱାଡ୍ ଦ୍ୱିତୀୟ ଉଇକେଟରେ ୭୬ ବଲ୍‌ରୁ ୧୩୭ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିବା ସହ ଦଳକୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୪୬ ବଲ୍‌ରୁ ଶତକ ପୂରଣ କରିଥିବା ଅଭିଷେକ ପରବର୍ତ୍ତୀ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନିଜ ଇନିଂସ ମଧ୍ୟରେ ସେ ୭ ଚୌକା ଓ ୮ ଛକା ମାରିଥିଲେ। ଅଭିଷେକ ଆଉଟ ହେବାପରେ ରତୁରାଜ ଓ ରିଙ୍କୁ ସିଂ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ୩ୟ ଉଇକେଟରେ ୩୬ ବଲ୍‌ରୁ ୮୭ ରନ ଯୋଡ଼ି ଭାରତକୁ ୨୩୪ରେ ପହଞ୍ଚାଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ରିଙ୍କୁ ୨୨ ବଲ୍‌ରୁ ୪୮ (୨ ଚୌକା, ୫ ଛକା) ଓ ରତୁରାଜ ୪୭ ବଲ୍‌ରୁ ୭୭ (୧୧ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଜିମ୍ବାୱେ ବୋଲରଙ୍କ ମଧ୍ୟରେ ବ୍ଲେସିଂ ମୁଜାରାବାନି ଓ ୱେଲିଂଟନ ମାସାକାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଜିମ୍ବାୱେ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିପାରି ନ ଥିଲା। ଦଳ ୭୬ ରନ ମଧ୍ୟରେ ୬ ଉଇକେଟ ହରାଇ ଲଢ଼େଇ ପରିବର୍ତ୍ତେ ଆତ୍ମସମର୍ପଣ କରିଥିଲା। ଦଳ ପକ୍ଷରୁ ୱେସଲି ମାଧେଭେରେ ସର୍ବାଧିକ ୪୩ ଓ ଲ୍ୟୁକ ଜୋଙ୍ଗୱେ ୩୩ ରନ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ଓ ଆଭେଶ ଖାଁ ୩ଟି ଲେଖାଏ, ରବି ବିଷ୍ଣୋଇ ୨ଟି ଓ ୱାଶିଂସନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**


ଭାରତ ୨୦ ଓଭରରେ ୨୩୪/୨ (ଅଭିଷେକ ଶର୍ମା-୧୦୦, ରତୁରାଜ ଗାଏକ୍ୱାଡ୍-୭୭*, ରିଙ୍କୁ ସିଂ-୪୮*, ବ୍ଲେସିଂ ମୁଜାରାବାନି-୧/୩୦, ୱେଲିଂଟନ ମାସାକାଜା-୧/୨୯)। ଜିମ୍ବାୱେ ୧୮.୪ ଓଭରରେ ୧୩୪/ଅଲ୍‌ଆଉଟ (ୱେସଲି ମାଧେଭେରେ-୪୩, ଲ୍ୟୁକ ଜୋଙ୍ଗୱେ-୩୩, ମୁକେଶ କୁମାର-୩/୩୭, ଆଭେସ ଖାଁ-୩/୧୫, ରବି ବିଷ୍ଣୋଇ-୨/୧୧, ୱାଶିଂସନ ସୁନ୍ଦର-୧/୨୮)।



ଶତକ ହାସଲପରେ ଅଭିଷେକ ଶର୍ମା।


ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ମ୍ୟାଚରେ ରବିବାର ଶଟ୍ ଖେଳୁଛନ୍ତି ଇଟାଲୀର ଜସ୍‌ମିନ ପାଓଲିନି।

# କ୍ୱାର୍ଟରରେ ଅଲକାରାଜ, ପାଓଲିନି



ମ୍ୟାଚ ଜିତିବାପରେ କାର୍ଲୋସ ଅଲକାରାଜ।

**ୱିମ୍ବଲଡନ୍,୭।୭(ପି.ଟି.)**

ରବିବାର ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ୍‌ର ମହିଳା ସିଙ୍ଗଲ୍ସ ଇଭେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଜସ୍‌ମିନ ପାଓଲିନି ଓ ସ୍ପେନର କାର୍ଲୋସ ଅଲକାରାଜ ଗାର୍ଫିଆ। ପୁରୁଷ ସିଙ୍ଗଲ୍ସ ବର୍ଗରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଫ୍ରାନ୍ସର ୟୁଗୋ ହମ୍ବର୍ଟଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଅଲକାରାଜ ୬-୩, ୬-୪, ୧-୬ ଓ ୭-୫ ସେଟରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଅଲକାରାଜ ପ୍ରଥମ ଦୁଇ ସେଟ୍‌ରେ ବିଜୟୀ ହୋଇଥିଲେ।ତେବେ ତୃତୀୟ ସେଟ୍ ଜିତି ୟୁଗୋ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଚତୁର୍ଥ ସେଟରେ ଏକଦା ୟୁଗୋ ୪-୩ରେ ଆଗୁଆ ରହିଥିଲେ। ତେବେ ଦୁଇଟି ପଏଣ୍ଟ ବ୍ରେକ କରିବା ସହିତ ଅଲକାରାଜ ମ୍ୟାଚ୍‌କୁ ଫେରିଥିଲେ। ମ୍ୟାଚ୍ ଟାଇବ୍ରେକରକୁ ଯିବାର ଆଶଙ୍କା ରହିଥିଲେ ମଧ୍ୟ ଅଲକାରାଜ ସହଜ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ କ୍ରମାଗତ ଦ୍ୱିତୀୟ ବର୍ଷରେ ଅଲକାରାଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ଇଟାଲୀର ଜସ୍‌ମିନ ପାଓଲିନି ପ୍ରଥମ ଥର ପାଇଁ

**ୱିମ୍ବଲଡନ୍**

ୱିମ୍ବଲଡନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆମେରିକାର ମାଡିସନ୍ କିସ୍ ଆହତ କାରଣରୁ ଓହରିଯାଇଥିଲେ। କିସ୍ ଓହରିବା ବେଳକୁ ମ୍ୟାଚ୍ ୬-୩, ୭-୬(୬/୮) ଓ ୫-୫ ସ୍ଥିତିରେ ରହିଥିଲା। ଫ୍ରେଞ୍ଚ ଓପନ ରନର୍ ଅପ୍ ତଥା ବିଶ୍ୱ ମାନ୍ୟତାର ୭ ନମ୍ବର ଜସ୍‌ମିନ ପ୍ରଥମ ସେଟରେ ସହଜ ବିଜୟ ହାସଲ କରିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି କିସ୍ ଦ୍ୱିତୀୟ ସେଟ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ସେଟ୍ ୫-୫ରେ ରହିଥିବା ବେଳେ କିସ୍ ଆହତ ହୋଇ ଓହରି ଯାଇଥିଲେ। ମହିଳା ସିଙ୍ଗଲ୍ସରେ କୋର୍ଟ-୨ରେ ଚାଲିଥିବା ପଉଲା ବଡୋସା ଓ ଡୋନ୍ନା ଭେକିକଙ୍କ ମ୍ୟାଚ୍ ବର୍ଷା କାରଣରୁ ସ୍ଥଗିତ ରହିଛି। ମ୍ୟାଚ୍ ବନ୍ଦ ହେବା ବେଳକୁ ସ୍କୋର ୨-୬, ୫-୧ ରହିଥିଲା। ଡୋନ୍ନା ପ୍ରଥମ ସେଟରେ ସହଜ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ସେଟରେ ବଡୋସା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ।

# ରାଜ୍ୟ ଓପନ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୭।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ ୨ୟ ଅଟଳ ବିହାରୀ ସେନାପତି ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ରଞ୍ଜନ ସାହୁ ଓ ଲଳିତ ରଞ୍ଜନ ସାହୁ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଏନ୍. ସୁନ୍ଦରରାଜନ, ରବୀନ୍ଦ୍ର କୁମାର ଓଝା, ସୃଜନ ପ୍ରଣୟୀ ରାୟ, ରଞ୍ଜନ ମଲିକ ଓ ଅବିନାଶ ବଲିୟାରସିଂ (ସମସ୍ତେ ୪ ପଏଣ୍ଟ) ପରବର୍ତ୍ତୀ ୫ ସ୍ଥାନ ଅଧିକାର କରିଥିଲେ। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି, ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ।


ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ରୋହିତ ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ରହିବେ

**ନୂଆଦିଲ୍ଲୀ,୭।୭(ପି.ଟି.)**

ବିଶ୍ୱକପ୍ ବିଜୟୀ ରୋହିତ ଶର୍ମା ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ରବିବାର ସ୍ପଷ୍ଟ କରିଛନ୍ତି। ରୋହିତଙ୍କ ଅଧିନାୟକତ୍ୱରେ ଭାରତ ଆସନ୍ତାବର୍ଷର ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜିତିପାରିବ ବୋଲି ତାଙ୍କ ଉପରେ ଦୃଢ ଆସ୍ଥା ପ୍ରକଟ କରି ଶାହା କହିଛନ୍ତି। କିମ୍ବଦନ୍ତୀ କପିଳ ଦେବ ଓ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ୩୭ ବର୍ଷୀୟ ରୋହିତ ଏକ ବିଶ୍ୱକପ୍ ଟ୍ରଫି ହାସଲ କରିବାରେ ତୃତୀୟ ଭାରତୀୟ ଅଧିନାୟକ। ନିକଟରେ ସେ ଟି୨୦ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଶାହା ତାଙ୍କର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ତାଙ୍କର ଖୁବ୍ ଭରସା ରହିଛି। ଆମେ ଉଭୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବୁ। ଚାମ୍ପିୟନ୍ସ ଟ୍ରଫି ଆସନ୍ତା ବର୍ଷ ପାକିସ୍ତାନରେ ହେବାର କାର୍ଯ୍ୟକ୍ରମ ରହିଛି। ଏହା ୮ ବର୍ଷ ପରେ(ୟୁକେରେ ୨୦୧୭ ପରଠାରୁ) ଅନୁଷ୍ଠିତ ହେବାକୁ ଯାଉଛି। ଯଦିଓ ଏହାର କାର୍ଯ୍ୟସୂଚୀ ଚିଠା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ନିକଟରେ ଉପସ୍ଥାପିତ କରାଯାଇ ସାରିଛି, କିନ୍ତୁ ବିସିସିଆଇ ଏହାର ସବୁଜ ସଙ୍କେତ ଦେଇ ନାହିଁ। ଶୁଣିବାକୁ ମିଳୁଛି ୨୦୨୩ ଦିନିକିଆ ବିଶ୍ୱକପ୍ ଭଳି ବିସିସିଆଇ ପୁଣି ଏକ 'ହାଇବ୍ରିଡ୍ ମଡେଲ' ପାଇଁ ଚାପ ପକାଇପାରେ। ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ଗୋଟିଏ ମ୍ୟାଚ ସମେତ ଏହାର ଅନ୍ୟ ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିଥିଲା। ଟି୨୦ରୁ ରୋହିତଙ୍କ ଅବସର ପରେ ସେ ଅନ୍ୟ ଦୁଇ ଫର୍ମାଟରେ ତାଙ୍କ ଅଧିନାୟକତ୍ୱ ବଜାୟ ରଖିପାରିବେ କି ନା ସେ ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ଶାହାଙ୍କ ଏହି ବାର୍ତ୍ତା ତାହାର ଅବସାନ ଘଟାଇଛି। ଏଥିରୁ ସ୍ପଷ୍ଟ ଯେ, ରୋହିତ ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ରହିବେ।

# ବ୍ରାଜିଲକୁ ହରାଇ ସେମିରେ ଉରୁଗୁଏ

**ଲାସ ଭେଗାସ, ୭।୭(ପି.ଟି.)**

କୋପା ଆମେରିକା ଫୁଟବଲରେ ଆଉ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଉରୁଗୁଏ ବ୍ରାଜିଲକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲ ଶୂନ୍ୟ ରହିବା ପରେ ପେନାଲ୍ଟି ଶୁଟଆଉଟ୍‌ର ସାହାରା ନିଆଯାଇଥିଲା। ଏଥିରେ ଉରୁଗୁଏ ୪-୨ରେ ବିଜୟୀ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳର ଖେଳାଳି ୪୧ ଫାଉଲ ମାରିଥିବା ବେଳେ ୪ଟି ଶଟ୍ ଟାର୍ଗେଟ୍‌ରେ ରହିଥିଲା। ଏପରିକି ୭୪ ତମ ମିନିଟ୍‌ରେ ଉରୁଗୁଏର ନାହିଟାନ ନାଣ୍ଡେଜ୍‌ଙ୍କୁ ରେଡ୍ କାର୍ଡ ମିଳିଥିଲା। ରୋଡ୍ରିଗୋଙ୍କୁ ଫାଉଲ୍ ମାରିବା କାରଣରୁ ତାଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ଅନ୍ତିମ ୨୬ ମିନିଟ ଓ ଅତିରିକ୍ତ ସମୟରେ ଦଳ ୧୦ ଖେଳାଳିଙ୍କୁ ନେଇ ଖେଳିଥିଲା। ତେବେ ବ୍ରାଜିଲକୁ ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ ଉରୁଗୁଏ ରକ୍ଷଣଭାଗ। ମ୍ୟାଚ୍ ପେନାଲ୍ଟି ଶୁଟଆଉଟ୍‌କୁ ଯିବା ପରେ ଦଳ ବିଜୟୀ ହୋଇଥିଲା।

ଶୁଟଆଉଟ୍‌ରେ ଉରୁଗୁଏ ଗୋଲକିପର ସର୍ଜିଓ ରଚେଟ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ଉରୁଗୁଏ ପକ୍ଷରୁ ଫେଡେରିକୋ ଭାଲ୍‌ଭର୍ଡେ, ରଡ୍ରିଗୋ ବେଣ୍ଟାନକୁର, ଜର୍ଜିଆନ ଡି ଆରାସକାଏଟା, ଜୋସ ମାରିଆ ଗିମନେଜ ଓ ମାନୁଏଲ ଉଗାର୍ତେ ଶଟ୍ ମାରିଥିଲେ। କେବଳ ଜୋସ ମାରିଆ ଗିମନେଜଙ୍କ ଶଟ୍‌କୁ ବ୍ରାଜିଲ ଗୋଲକିପର ରୋକିବାରେ ସମର୍ଥ ହୋଇଥିଲେ। ଅନ୍ୟ ପକ୍ଷରେ ବ୍ରାଜିଲ ପକ୍ଷରୁ ଏଡେର ମିଲିଟାଓ, ଆଣ୍ଡ୍ରିଆସ ପେରେରିଆ, ଡଗଲାସ ଲୁଇଜ ଓ ଗାବ୍ରିଏଲ ମାର୍ଟିନେଲି ଶଟ୍ ମାରିଥିଲେ। ଏଡେର ମିଲିଟାଓ ଓ ଡଗଲାସ ଲୁଇଜଙ୍କ ଶଟ୍‌କୁ ରୋକିବାରେ ସର୍ଜିଓ ରଚେଟ୍ ସକ୍ଷମ ହେବା ସହ ଦଳକୁ ବିଜୟୀ କରିଥିଲେ। ଉରୁଗୁଏ ଦ୍ୱିତୀୟ ସେମି ଫାଇନାଲରେ ଗୁରୁବାର କଲମ୍ବିଆକୁ ଭେଟିବ।

**କଲମ୍ବିଆ୫, ପାନାମା୦:**

**କୋପା ଆମେରିକା**

ରବିବାରର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାନାମାକୁ ୫-୦ରେ ପରାସ୍ତ କରିଛି କଲମ୍ବିଆ। ଜନ୍ କୋର୍ଡୋବା (୮), ଜେମ୍‌ସ ରୋଡ୍ରିଗୁଏଜ(୧୫), ଲୁଇସ ଡିଆଜ (୪୧), ରିଚାର୍ଡ ରିଓସ (୭୦) ଓ ମିଗୁଏଲ ବୋର୍ଜା (୯୦+୪) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହିତ କ୍ରମାଗତ ୨୭ ମ୍ୟାଚ୍‌ରେ ଅପରାଜେୟ ରହିଛି କଲମ୍ବିଆ। ପ୍ରଥମାର୍ଦ୍ଧରେ କଲମ୍ବିଆ ୩ଟି ଓ ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ ସ୍କୋର କରିଥିଲା।


ବ୍ରାଜିଲକୁ ହରାଇବାପରେ ଉଲ୍ଲସିତ ଉରୁଗୁଏ ଦଳ।

# ଅଭୟଙ୍କୁ ଦୁଇ ଟାଇଟଲ

**ଜୋହର(ମାଲେସିଆ), ୭।୭(ପି.ଟି.)**

**ଏସିଆନ ଡବଲ୍ସ ସ୍କ୍ୱାଶ ଚାମ୍ପିୟନଶିପ୍**

ଏସିଆନ ଡବଲ୍ସ ସ୍କ୍ୱାଶ ଚାମ୍ପିୟନଶିପ୍‌ରେ ପ୍ରତିଭାସମ୍ପନ୍ନ ଭାରତର ଅଭୟ ସିଂ ଦ୍ୱିମୁକୁଟ ହାସଲ କରିଛନ୍ତି। ଏସିଆନ ଗେମ୍ସ ଟିମ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା ଅଭୟ ନିଜ ଦେଶର ଭେଲାଭାନ ସେନ୍ଥିଲକୁମାରଙ୍କୁ ସାଥୀ କରି ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଟପ୍ ସିଡ୍ ଯୋଡ଼ି ମାଲେସିଆର ତଥା ଦ୍ୱିତୀୟ ସିଡ୍ ଓଙ୍ଗ୍ ସାଇ ହୁଙ୍ଗ୍ ଓ ସ୍ୟାଫିକ୍ କମଲଙ୍କୁ ୧୧-୪, ୧୧-୫ରେ ହରାଇ ଦେଇଛନ୍ତି। ପରେ ଅଭୟ ଏବଂ ତାଙ୍କ ଅଭିଜ୍ଞ ପାର୍ଟନର ଜ୍ୟୋତ୍ସ୍ନା ଚିନାପ୍ପା ମିକ୍ସଡ ଡବଲ୍ସ ଫାଇନାଲରେ ହଂକଂର ତଥା ଦ୍ୱିତୀୟ ସିଡ୍ ଯୋଡ଼ିଙ୍କୁ ୧୧-୮, ୧୦-୧୧, ୧୧-୫ରେ ହରାଇ ଦେଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ପଦ୍ମଶ୍ରୀ ଜିତିଥିବା ଜ୍ୟୋତ୍ସ୍ନା କହିଛନ୍ତି, ଟୁର୍ନାମେଣ୍ଟରେ ସେ ତାଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି। ଦେଶ ପାଇଁ ସେ ଆହୁରି କିଛିଦିନ ଖେଳିପାରିବେ ବୋଲି ସେ ମନେ କରୁଛନ୍ତି। ଆଣ୍ଠୁରେ ଅସ୍ତ୍ରୋପଚାର ଯୋଗୁ ଜ୍ୟୋତ୍ସ୍ନା ୫ ମାସ ହେଲା ଖେଳରୁ ଦୂରେଇ ରହିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ